R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦୪
ତିଥି : ପ୍ରତିପଦ
୧୦ ଅଗଷ୍ଟ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

# ସମୟ
ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 304
10 Aug 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur


### କୋରାପୁଟରେ ମୁଖ୍ୟମନ୍ତ୍ରୀ ଦେଲେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି

## ମହିଳାଙ୍କ ଅଶାର କିରଣ ସାଜିଛି 'ସୁଭଦ୍ରା'

ଭୁବନେଶ୍ୱର/ଜୟପୁର, ୯।୮ (ସବ୍ୟୁ) : "ସୁଭଦ୍ରା ଯୋଜନା" ଅନେକ ମହିଳାଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି କରିବାରେ ସଫଳ ହୋଇଛି । ଏହା ସେମାନଙ୍କର ପରିବାରକୁ ଆର୍ଥିକ ଶକ୍ତି ଦେବା ସହିତ ସେମାନଙ୍କୁ ଉଦ୍ୟମୀ ମହିଳା ଭାବେ ଗଢି ତୋଳିବାରେ ବଳ ଯୋଗାଇଛି ବୋଲି ଆଜି କୋରାପୁଟ ଜିଲ୍ଲାର ଜୟପୁର ଠାରେ ଓଡ଼ିଶାର ସର୍ବବୃହତ ମହିଳା ସଶକ୍ତିକରଣ ଯୋଜନା "ସୁଭଦ୍ରା"ର ତୃତୀୟ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ




- ୧ କୋଟି ମହିଳା ହିତାଧିକାରୀ ପାଇଲେ ସୁଭଦ୍ରା ଟଙ୍କା
- ୪୫୨ କୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ଖୁବ୍‌ଶୀଘ୍ର ଜୟପୁରରୁ ଭୁବନେଶ୍ୱର ଚାଲିବ ବନ୍ଦେ ଭାରତ
- ପେପର ମିଲ୍ ପୁନର୍ବାର ଚାଲୁ କରାଯିବ
- କୋଟିଆର ଅନେକ ମହିଳା ସୁଭଦ୍ରାରେ ସାମିଲ

ଚରଣ ମାଝୀ କହିଛନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ, କୋରାପୁଟ ଜିଲ୍ଲାରେ, ୪୫୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ୩୦୯.୪୨ କୋଟି (୯ ପୃଷ୍ଠାରେ)

### 'ଅପରେସନ ସିନ୍ଦୂର' ସମ୍ପର୍କରେ ବାୟୁସେନା ମୁଖ୍ୟଙ୍କ ଖୁଲାସା

## ପାକ୍‌ର ୬ ବିମାନ ଖସାଇଛୁ

ନୂଆଦିଲ୍ଲୀ, ୯।୮ : ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନର ୬ ବିମାନକୁ ଭାରତୀୟ ବାୟୁସେନା ଖସାଇଥିଲା । ସେଥିରେ ୫ ଯୁଦ୍ଧ ବିମାନ ଥିବାବେଳେ ଗୋଟିଏ ବଡ ସେର୍ଭେଲାନ୍ସ ଏୟାରକ୍ରାପ୍ଟ ରହିଥିଲା । ମେ' ୧୦ରେ ଆମେରିକା ନିର୍ମିତ ଏଫ୍-୧୬ ଜେଟ୍ କ୍ଷତିଗ୍ରସ୍ତ ହୋଇଥିଲା ବୋଲି ବାୟୁସେନା ମୁଖ୍ୟ ଏପି ସିଂହ କହିଛନ୍ତି । ଏହାଛଡା ଅପରେସନ୍ ସିନ୍ଦୂର ସମୟରେ କୌଣସି ରାଜନୈତିକ ପ୍ରତିବନ୍ଧକ ନଥିଲା ବୋଲି ଉଲ୍ଲେଖ କରିଛନ୍ତି ।

ବେଙ୍ଗାଲୁରୁରେ ଆୟୋଜିତ ୧୬ତମ ଏୟାର ଚିଫ୍ ମାର୍ସଲ



ଏଲ୍‌ଏମ୍ କାତ୍ରେ ଲେକ୍ଚରରେ ଯୋଗଦେଇ ବାୟୁସେନା ମୁଖ୍ୟ କହିଛନ୍ତି ଯେ ମଝି ଆକାଶରେ ୬ଟି ପାକିସ୍ତାନ ଏୟାର ପ୍ରାପ୍ଟ ଧ୍ୱଂସ ହୋଇଥିବାବେଳେ ଭାରତୀୟ ବାୟୁସେନାର ଏୟାର (୯ ପୃଷ୍ଠାରେ)

## ଏନ୍‌କାଉଣ୍ଟରରେ ୨ ଯବାନ ସହିଦ

ନୂଆଦିଲ୍ଲୀ, ୯।୮ : ଜମ୍ମୁ-କାଶ୍ମୀରର କୁଲ୍‌ଗାଓଁରେ ଚାଲିଥିବା ଆତଙ୍କବାଦୀଙ୍କ ସହ ସେନାର ଚାଲିଥିବା ଏନ୍‌କାଉଣ୍ଟରରେ ଦୁଇ ଯବାନ ସହିଦ ହୋଇଛନ୍ତି । ରାତିତମାମ ଚାଲିଥିବା ଏହି ଯୁଦ୍ଧରେ ପ୍ରାୟ ୧୦ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଆତଙ୍କବାଦୀଙ୍କ ସହ ଜମ୍ମୁ-କାଶ୍ମୀର ସୁରକ୍ଷାବଳର ଏ ଦୀର୍ଘ ସମୟ ଧରି ଏକ ବଡ ଧରଣର ଏନ୍‌କାଉଣ୍ଟର ଥିଲା । ପ୍ରାୟ ୯ ଦିନ ଧରି ଏହି ଏନ୍‌କାଉଣ୍ଟର ଚାଲିଛି ।

କର୍ତ୍ତବ୍ୟରତ ଥିବା ସମୟରେ ଦୁଇ ଯବାନ କ୍ରିତ୍‌ପାଲ୍ ସିଂହ, ଅରମିନ୍ଦର ସିଂହ ବଳିଦାନ ଦେଇଛନ୍ତି । ଦେଶ ପାଇଁ ସେମାନେ ଏଭଳି ବଳିଦାନ ଦେଇଥିବା ଉଲ୍ଲେଖ କରାଯାଇଛି । ସେନା ସେମାନଙ୍କ ସାହାସ (୯ ପୃଷ୍ଠାରେ)

## ୪ ଦିନ ବିତିଲା , ଛାତ୍ରୀ ମୃତ୍ୟୁ ଘଟଣାର ରହସ୍ୟ ଫିଟୁନି

- ପୁରୁଷ ବନ୍ଧୁଙ୍କ ନାମରେ ପରିବାରର ଏତଲା
- ଗ୍ରାମାଞ୍ଚଳ ଥାନାରେ ମୃତ ଛାତ୍ରୀଙ୍କ ବାପା, ଭାଇ
- ଦ୍ୱିତୀୟଥର ଘଟଣାସ୍ଥଳକୁ ଗଲେ ଏସ୍‌ପି, ସାଇଣ୍ଟିଫିକ୍ ଟିମ୍

କେନ୍ଦ୍ରାପଡା, ୯।୮ (ସବ୍ୟୁ) : ପଟ୍ଟାମୁଣ୍ଡାଇ କାଠିଆପଡା ଛାତ୍ରୀ ଆତ୍ମାହୁତି ଘଟଣାକୁ ୪ ଦିନ ବିତିଗଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଘଟଣା ଉପରୁ ପରଦା ଉଠିପାରୁନାହିଁ । ଏହା ହତ୍ୟା ନା ଆତ୍ମହତ୍ୟା ତାହା ରହସ୍ୟଘେରରେ ରହୁଛି । ଅପରପକ୍ଷରେ ମୃତ ଛାତ୍ରୀଙ୍କ ବାପା ଥାନାରେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ନାମରେ ଏତଲା ଦେଇଛନ୍ତି । ପୋଲିସ ପୁଣି ଦ୍ୱିତୀୟ ଥର ପାଇଁ ଘଟଣାସ୍ଥଳ ପରିଦର୍ଶନ କରିଛି । ଏସ୍‌ପି ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରିଛନ୍ତି । ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଇଛି ।

କେନ୍ଦ୍ରାପଡା ଏସ୍‌ପି ସିଦ୍ଧାର୍ଥ କଟାରିଆ, ସାଇଣ୍ଟିଫିକ୍ (୯ ପୃଷ୍ଠାରେ)


## ୧୩ରୁ ଲଘୁଚାପ, ପ୍ରବଳ ବର୍ଷିବ

ଭୁବନେଶ୍ୱର, ୯।୮ (ସବ୍ୟୁ) : ଦୀର୍ଘ ସପ୍ତାହ ଧରି ବର୍ଷା ଗାଏବ ହୋଇଥିବା ବେଳେ ପୁଣି ଆସୁଛି ବଡ ବର୍ଷା । ଆସନ୍ତା ୧୨ ତାରିଖରୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପ ରୂପ ନେବ । ଏହା ପ୍ରଭାବରେ ୧୩ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏମିତି ଆକଳନ କରିଛି ପାଣିପାଗ ବିଭାଗ । ପାଣିପାଗ ବିଭାଗର କହିବା ଅନୁସାରେ, ଉତ୍ତର -ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଶନିବାର ଉପକୂଳ ଓଡିଶାର ଅନେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଆଭ୍ୟନ୍ତରୀଣ ଓଡିଶାର କିଛି (୯ ପୃଷ୍ଠାରେ)




## ଆଜି ଜନ୍ମଦିନ
## ଭି ଭି ଗିରି

ବରାହଗିରି ଭେଙ୍କଟଗିରି ବା ଭି. ଭି. ଗିରି ହେଉଛନ୍ତି ଭାରତର ଜଣେ ବିଶିଷ୍ଟ ରାଜନେତା, ଯାହାଙ୍କ କାର୍ଯ୍ୟକୁ ଲୋକ ଆଜି ବି ମନେପକାନ୍ତି । ଭାରତର ୪ର୍ଥ



ରାଷ୍ଟ୍ରପତି ଭାବରେ ୨୪ ଅଗଷ୍ଟ ୧୯୬୯ରୁ ୨୩ ଅଗଷ୍ଟ ୧୯୭୪ ଯାଏଁ ଦାୟିତ୍ୱ ନିର୍ବାହ କରିଥିଲେ ଭି ଭି ଗିରି । ବର୍ତ୍ତମାନ ଭାରତୀୟ ଶ୍ରମିକଙ୍କୁ ଯାହାକିଛି ଅଧିକାର ମିଳିଛି, ତାହା କେବଳ ଭି.ଭି.ଗିରିଙ୍କ ପାଇଁ ସମ୍ଭବ ହୋଇପାରିଛି । ଦେଶ ନିର୍ମାଣରେ ଶ୍ରମିକଙ୍କ ଭୂମିକା ମୁଖ୍ୟ ବୋଲି ପ୍ରମାଣ କରିବାକୁ ଯାଇ ସେ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ବିଭିନ୍ନ ସମୟରେ ବିଦ୍ରୋହ କରିଥିଲେ । ସେ ଓଡ଼ିଶାର ବ୍ରହ୍ମପୁରଠାରେ ୧୦ ଅଗଷ୍ଟ ୧୮୯୪ରେ ଏକ ତେଲୁଗୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ସ୍କୁଲ ଶିକ୍ଷା ବ୍ରହ୍ମପୁରରେ ସମାପନ ହୋଇଥିଲା । ସେ ୧୯୨୨ରେ ବିଭିନ୍ନ ଶ୍ରମିକ ସଂଗଠନର ନେତୃତ୍ୱ ନେଇ ସାରା ଦେଶରେ ପରିଚିତି ହାସଲ କରିଥିଲେ । ହେଲେ ଏହାର ଫଳ ସ୍ୱରୂପ ୧୯୨୬ ଓ ୧୯୪୨ରେ ଅଲ୍ ଇଣ୍ଡିଆ ଟ୍ରେଡ ୟୁନିଅନ କଂଗ୍ରେସର ସେ ଦୁଇଥର ସଭାପତି ହୋଇଥିଲେ । ୧୯୩୬ରେ ସେ ପ୍ରତ୍ୟେକ୍ଷ ରାଜନୀତିରେ ଯୋଗଦେଇଥିଲେ । ସ୍ୱାଧୀନତା ପରେ ଭାରତର ହାଇକମିଶନର ଭାବେ ତାଙ୍କୁ ସିଂହଳ ପଠାଯାଇଥିଲା । ସେଠାରେ କର୍ଯ୍ୟକାଳ ଶେଷପରେ ଭାରତ ଫେରି ସେ ୧୯୫୨ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ । ପରେ ସେ ୧୯୫୭ରୁ ୧୯୬୭ ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଭାବେ କାର୍ଯ୍ୟ ତୁଲାଇଥିଲେ । ୧୯୬୯ରେ ରାଷ୍ଟ୍ରପତି ଥିବା ଅବସ୍ଥାରେ ଜାକିର ହୁସେନଙ୍କ ପରଲୋକ ହେବାରୁ ତାଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ବଛାଯାଇଥିଲା । ପରେ ସେ ରାଷ୍ଟ୍ରପତି ନିର୍ବାଚନରେ ଜିତି ଦେଶର ୪ର୍ଥ ରାଷ୍ଟ୍ରପତି ହୋଇଥିଲେ । ୧୯୭୫ ମସିହାରେ ତାଙ୍କୁ ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଥିଲା । ୧୯୮୦ ମସିହାରେ ଜୁନ୍ ୨୩ରେ ତାଙ୍କର ଦେହାନ୍ତ ହୋଇଥିଲା, ତାଙ୍କ ଅବର୍ତ୍ତମାନରେ ଭାରତ ରାଜନୀତିରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

## ସୋସିଆଲ କୋଟ୍ସ



" କ୍ରୁ କୁ ମିଳିଥିବା ସଫଳତାରେ ମୁଁ ଖୁବ ଖୁସି । ଦର୍ଶକଙ୍କର ଏଭଳି ଭଲ ପାଇବା ମିଳିବ ଆଶା କରି ନଥିଲି । ଫିଲ୍ମ ପାଇଁ ମୁଁ ଖୁବ ପରିଶ୍ରମ କରିଛି ।

**କରୀନା କପୁର, ଅଭିନେତ୍ରୀ**

" ମୋତେ ଯେତେବେଳେ ଇଚ୍ଛା ହେବ ସେତେବେଳେ ରାଜନୀତିରେ ଯୋଗ ଦେବି । ହେଲେ ବର୍ତ୍ତମାନ ଇଚ୍ଛା ନାହିଁ । ବର୍ତ୍ତମାନ ମୁଁ କେବଳ ଅଭିନୟ ଉପରେ ଧ୍ୟାନ ଦେବାକୁ ଚାହୁଁଛି ।

**କ୍ରିତି ସନନ୍, ଅଭିନେତ୍ରୀ**





" ମୋ ଶୋ' ପାଇଁ ଅନେକ ଜଣ ଲକି ସାବ୍ୟସ୍ତ ହୋଇଛନ୍ତି । ସେହି ତାଲିକା ବେଶ୍ ଲମ୍ବା । ଏଥିରେ ଅର୍ଚ୍ଚନା ପୂରଣ ସିଂଙ୍କ ନାଁ ସବୁଠାରୁ ଆଗରେ ରହିବ । ସେ ମୋ ପାଇଁ ଓ ମୋ ଶୋ' ପାଇଁ ଖୁବ ଲକି ।

**କପିଲ ଶର୍ମା, ଅଭିନେତା**



## ଆଜି ଜନ୍ମଦିନ
## ରଘୁନାଥ ପାଣିଗ୍ରାହୀ

ଆଧୁନିକ ଯୁଗର ଜଣେ ଓଡ଼ିଶୀ କଣ୍ଠଶିଳ୍ପୀ ଭାବେ ରଘୁନାଥ ପାଣିଗ୍ରାହୀଙ୍କର ରହିଛି ଅନନ୍ୟ ଖ୍ୟାତି । ସେ ରାୟଗଡ଼ା ଜିଲ୍ଲାର ଗୁଣପୁର ସହରରେ ୧୯୩୪ ମସିହା ଅଗଷ୍ଟ ୧୦ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ପିତା ପଣ୍ଡିତ ନୀଳମଣି ପାଣିଗ୍ରାହୀଙ୍କଠାରୁ ସେ ୫ବର୍ଷ ବୟସରେ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ । ଏହାସହିତ ସେ ଅନ୍ୟ ଗୁରୁଙ୍କ ସହିତ ସଂଗୀତଜ୍ଞ ମଦୁ ପାପ୍ପା ରାଓଙ୍କଠାରୁ କର୍ଣ୍ଣାଟକୀ ସଂଗୀତ ଶିକ୍ଷା ଲାଭ କରିଥିଲେ । ଶେଷରେ ମାଡ୍ରାସରେ ପଣ୍ଡିତ ଡି. ଭି. ପାଲୁସକରଙ୍କଠାରୁ ହିନ୍ଦୁସ୍ତାନୀ କଣ୍ଠସଂଗୀତ ଶିକ୍ଷା କରି ଓଡ଼ିଶା ଫେରିଥିଲେ । ୧୯୪୮ ମସିହାରେ ରଘୁନାଥ ପାଣିଗ୍ରାହୀ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ ନିୟମିତ କଳାକାର ଭାବେ ଯୋଗ ଦେଇଥିଲେ । ଅନେକ କଥାଚିତ୍ରରେ ସେ ଭଜନ, ଜଣାଣ ଏବଂ ଓଡ଼ିଶୀ ଛାନ୍ଦ, ଚମ୍ପୁ ଓ ଗଜଲ ଗାନ କରିଛନ୍ତି । ଏହାସହ ଦକ୍ଷିଣଭାରତୀୟ ଚଳଚ୍ଚିତ୍ରରେ କଣ୍ଠଦାନ ସହିତ ସଂଗୀତ ନିର୍ଦ୍ଦେଶନା ମଧ୍ୟ ପ୍ରଦାନ କରିଛନ୍ତି । ବିଶେଷ କରି ଓଡ଼ିଶୀ ସଂଗୀତ ସହିତ ଜଗନ୍ନାଥ ସଂସ୍କୃତି ଓ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଭୂମିକା ଅନନ୍ୟ । ଶାସ୍ତ୍ରୀୟ ଶୈଳୀରେ ଗୀତଗୋବିନ୍ଦ ଗାନ କରି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ସେ ଏକାଧାରରେ ଓଡ଼ିଶୀ, ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ପଦ୍ଧତିରେ ସଙ୍ଗୀତ ଗାନ କରି ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ସୁମଧୁର ଗାୟନ ତାଙ୍କୁ ସୁରମଣି ବୋଲି ପରିଚିତ କରିଥିଲା । ସଙ୍ଗୀତ ପାଇଁ ଥିବା ତାଙ୍କର ମହାନ ଦାନ ପାଇଁ ତାଙ୍କୁ ୨୦୧୦ରେ ପଦ୍ମଶ୍ରୀ ସହିତ ଆହୁରି ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ମହାନ ଗୁରୁଙ୍କର ଅଗଷ୍ଟ ୨୫, ୨୦୧୩ରେ ଦେହାନ୍ତ ହୋଇଥିଲା ।



## ବାର୍ଡ ଫ୍ଲୁ

ବର୍ତ୍ତମାନ ବିଭିନ୍ନ ସ୍ଥାନରେ ବାର୍ଡ ଫ୍ଲୁର ଆତଙ୍କ ଦେଖିବାକୁ ମିଳୁଛି । ଯେଉଁଥିପାଇଁ କିଛି ସ୍ଥାନରେ ଚିକେନ୍ ଖାଇବାକୁ ବାରଣ ମଧ ହେଉଛି । ତେବେ ଆସନ୍ତୁ ଜାଣିବା କଣ ଏହି ବାର୍ଡ ଫ୍ଲୁ ଏବଂ ଏହା କିଭଳି ବ୍ୟାପିଥାଏ ।

ବାର୍ଡ ଫ୍ଲୁର ଅନ୍ୟନାମ ହେଉଛି ଏଭିଆନ୍ ଫ୍ଲୁ । ତେବେ ଏହି ବିଶେଷଭାବେ ପାଣିରେ ରହୁଥିବା ପକ୍ଷୀଙ୍କୁ ହୋଇଥାଏ, କିନ୍ତୁ ଏହା ଘରେ ରହୁଥିବା ପୋଷା ପକ୍ଷୀଙ୍କୁ ହେବାର ନଜିର ରହିଛି । ଏଥିରେ ଆମ ଆଖପାଖରେ ରହୁଥିବା ପାରା, କୁକୁଡା ଭଳି ପକ୍ଷୀ ପ୍ରଭାବିତ ହେବାର ଦେଖିବାକୁ ମିଳିଥାଏ । ଏହି ରୋଗର ଜୀବାଣୁ ଇନ୍‌ଫ୍ଲୁଏଞ୍ଜା ଏ ଟାଇପ୍‌ର ଭାଇରସ । ତେବେ ଏହି ରୋଗ ଯେ କେବଳ ପକ୍ଷୀଙ୍କୁ ହୋଇଥାଏ ତାହା ନୁହେଁ ଏହା ସେମାନଙ୍କ ଠାରୁ ମଣିଷମାନଙ୍କୁ ହେବା ମଧ ଦେଖିବାକୁ ମିଳିଥାଏ । ଏହି ଭାଇରସର ଏ(ଏଚ୍‌୫ଏନ୍‌୧), ଏ(ଏଚ୍‌୭ଏନ୍‌୯) ଏବଂ ଏ(ଏଚ୍‌୯ଏନ୍‌୨) ଏହି ପ୍ରକାର ଗୁଡିକ ମଣିଷଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି ।

### ପ୍ରଭାବ

ବାର୍ଡ ଫ୍ଲୁ ଭାଇରସ ବିଶେଷ ଭାବେ ଯେଉଁ ବ୍ୟକ୍ତି ଏହି ରୋଗରେ ପୀଡିତ ପକ୍ଷୀଙ୍କର ସଂସ୍ପର୍ଶରେ ଆସିଥାଆନ୍ତି, ସେମାନଙ୍କୁ ହୋଇଥାଏ । ଏହି ପକ୍ଷୀ ତାଲିକାରେ କୁକୁଡା, ବତକ, ପାରା ଆଦି ସାମିଲ ଅଛନ୍ତି । ସେହିଭଳି କୌଣସି ପୀଡିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ମଧ ଏହା ହେବାର ସମ୍ଭାବନା ରହିଛି । ବିଶେଷଭାବେ ଗର୍ଭବତୀ, ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତି ଏବଂ ବୟସ୍କଙ୍କ କ୍ଷେତ୍ରରେ ଏହି ସଂକ୍ରମଣ ହେବାର ସମ୍ଭାବନା ରହିଛି ।

ଯଦି ଏହି ସମସ୍ୟାର କୌଣସି ଲକ୍ଷଣ ଦେଖୁଛନ୍ତି, ତେବେ ତୁରନ୍ତୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଯେତେବେଳେ ବି ଚିକେନ୍ ଖାଉଛନ୍ତି ତେବେ ଭଲ କରି ରାନ୍ଧି ଖାଆନ୍ତୁ । ଚେଷ୍ଟା କରନ୍ତୁ ଭଲ ସ୍ଥାନରୁ ମାଂସ ଆଣି ଖାଇବାକୁ । ମଲା ପକ୍ଷୀ ଖାଇବାରୁ ନିବୃତ୍ତ ରୁହନ୍ତୁ । ଯେଉଁ ସମୟରେ ଆପଣଙ୍କ ଅଞ୍ଚଳରେ ବାର୍ଡ ଫ୍ଲୁ ଦେଖିବାକୁ ମିଳୁଛି, ସେହି ସମୟରେ ଚିକେନ୍ ଓ ଅଣ୍ଡା ଖାଆନ୍ତୁ ନାହିଁ । ଯଦି ଖାଉଛନ୍ତି ତେବେ ଘରେ ଭଲ କରି ରାନ୍ଧି କିମ୍ବା ଡାକ୍ତରଙ୍କ ପରାମର୍ଶ ନେଇ ଖାଆନ୍ତୁ ।



### ଲକ୍ଷଣ

- ଜ୍ୱର
- କାଶ
- ହାତଗୋଡ ବିନ୍ଧା ହେବା
- ଡାଇରିଆ
- ଥଣ୍ଡା
- ଆଖି ଲାଲ ପଡିବା
- ନିମୋନିଆ
- ନିଃଶ୍ୱାସ ନେବାରେ ଅସୁବିଧା
- ଦୁର୍ବଳ ଲାଗିବା



## ୧୫ ବର୍ଷରେ କୋଟିପତି

ଆମେରିକାର ଜଣେ ବାଳକ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ମାତ୍ର ୧୫ ବର୍ଷରେ ଉକ୍ତ ବାଳକ ଜଣଙ୍କ କୋଟିପତି ହୋଇପାରିଛନ୍ତି । ତେବେ ଏହି କୋଟିପତି ହେବାର ଯାତ୍ରା ସାତ ବର୍ଷରୁ ଆରମ୍ଭ ହୋଇଥିଲା । ସାତ ବର୍ଷରେ ସାଧାରଣତଃ ପିଲାମାନେ ଖେଳନା ଧରି ଖେଳିଥାଆନ୍ତି, ହେଲେ ଏହି ବାଳକ ଜଣଙ୍କ ମାତ୍ର ସାତ ବର୍ଷରେ ପ୍ରସ୍ତୁତ କରିଥିଲେ ଏକ ଗେମ୍ ଯାହାକୁ ବିକ୍ରି କରି ସେ ବନିଛନ୍ତି କୋଟିପତି । ସେ ପ୍ରସ୍ତୁତ କରିଥିବା ନିଜ ଗେମ୍‌ର ନାଁ ରଖିଥିଲେ ଟାକୋ ଭର୍ସେସ୍ ବୁରିଟୋ ଯାହାକୁ ତାଙ୍କ ବାପା ମାଆ ବିକ୍ରି କରିବାରେ ବାଳକଙ୍କୁ ସାହାଯ୍ୟ କରିଥିଲେ । ତାଙ୍କର ଏହି କାର୍ଡ ଗେମ୍ ଟିକୁ ଲୋକମାନେ ଖୁବ ପସନ୍ଦ କରିଥିଲେ । ପରିବାର ପକ୍ଷରୁ ଏକ କମ୍ପାନୀ ପ୍ରସ୍ତୁତ କରି ଏହି ଗେମ୍‌କୁ ବିକ୍ରି କରିବା ଆରମ୍ଭ କରିଥିଲେ । ବର୍ତ୍ତମାନ ସୋସିଆଲ ମିଡିଆରେ ଘଟଣାଟି ଖୁବ ଭାଇରାଲ ହେବାରେ ଲାଗିଛି । ସମସ୍ତେ ପିଲାଟିର ବୁଦ୍ଧିକୁ ଖୁବ ପ୍ରଶଂସା କରିବାରେ ଲାଗିଛନ୍ତି ।




## ଆଶ୍ରମ ସିରିଜ ଦେଇଛି ନୂଆ ପରିଚୟ

ଆଶ୍ରମ ସିରିଜରେ ଅଭିନୟ କରିବାପରେ ତାଙ୍କୁ ଷ୍ଟାରଡମ୍ ମିଳିଥିବାନେଇ ପ୍ରକାଶ କରିଛନ୍ତି ଅଭିନେତ୍ରୀ ତ୍ରିଧା ଚୌଧୁରୀ । ପିଲାଦିନୁ ପଢାରେ ଇଚ୍ଛା ରଖୁଥିବା ତ୍ରିଧା କିନ୍ତୁ ପରେ ଅଭିନେତ୍ରୀ ହୋଇଯାଇଥିଲେ । ପାଠ ପଢିବା ସମୟରେ ଗ୍ଲାମର ପ୍ରତି କୌଣସି ଆଗ୍ରହ ନଥିଲା, ହେଲେ ସୁଯୋଗ ମିଳିବାରୁ ହାତ ଛଡା କରି ନଥିଲେ । ପ୍ରଥମରୁ କିଛି ବଡ ପ୍ରୋଜେକ୍ଟ ହାତଛଡା କରିଥିଲେ କିନ୍ତୁ ପରେ ପୁଣି ଏହି ଇଣ୍ଡଷ୍ଟ୍ରୀକୁ ଫେରିଥିଲେ । ବର୍ତ୍ତମାନ ସେ କେବଳ ହିନ୍ଦୀ ନୁହେଁ, ବଙ୍ଗାଳୀ, ତାମିଲ, ତେଲୁଗୁ ଭଳି ଅନେକ ଇଣ୍ଡଷ୍ଟ୍ରୀରେ ପରିଚୟ ହାସଲ କରିଛନ୍ତି । ତେବେ ଏତେ ସ୍ଥାନରେ କାମ କରି ମଧ ତାଙ୍କୁ ଆଶ୍ରମ ସିରିଜ୍ ପାଇଁ ଷ୍ଟାର ଡମ୍ ମିଳିଥିବା ସେ ପ୍ରକାଶ କରିଛନ୍ତି । ଏପରିକି ତାଙ୍କୁ ଲୋକ ବର୍ତ୍ତମାନ ଆଶ୍ରମର ଚରିତ୍ରର ନାମରେ ଲୋକ ଜାଣୁଥିବା ତ୍ରିଧା ପ୍ରକାଶ କରିଛନ୍ତି । ଆଶ୍ରମ ସିରିଜ୍‌ର ସୁଟିଂ ସେଟରେ ଅଭିନୟ ସମ୍ପର୍କରେ ସେ ଅନେକ କିଛି ଶିଖିଥିଲେ । ସେହିଭଳି ବବି ଦେଓ୍ୱଲଙ୍କ ସହ ଅଭିନୟ କରି ସେ ଖୁବ ଖୁସି ଥିଲେ । ତାଙ୍କ ଭଳି ଜଣେ ବଡ ଷ୍ଟାରଙ୍କ ସହିତ ସ୍କ୍ରିନ ସେୟାର କରିବାର ସୁଯୋଗ ପାଇ ସେ ଖୁବ ଉତ୍ସାହିତ ଥିଲେ ।



### ଘଟଣାକ୍ରମ

୧୭୯୩– ଲିବ୍ରା ସଂଗ୍ରହାଳୟ ଉଦ୍‌ଘାଟିତ ।
୧୮୬୦– ଶାସ୍ତ୍ରୀୟ ସଂଗୀତର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପଣ୍ଡିତ ବିଷ୍ଣୁ ନାରାୟଣ ଭାତଖଣ୍ଡେଙ୍କ ଜନ୍ମ ।
୧୮୯୪– ଭାରତ ରତ୍ନ ସମ୍ମାନିତ ଦେଶର ଚତୁର୍ଥ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ଜନ୍ମ ।
୧୯୬୨– ସ୍ପାଇଡରମ୍ୟାନ୍ କମିକ୍ ବୁକ୍ ଅମେଜିଙ୍ଗ୍ ଫାଟାସ୍ଟିରେ ନଜର ଆସିଲା ।
୧୯୮୦– ଭାରତର ପ୍ରଥମ ମହିଳା ସଂଗୀତକାର ସରସ୍ୱତୀ ଦେବୀଙ୍କ ଦେହାନ୍ତ ।
୧୯୮୩– ବ୍ୟାଣ୍ଡିଟ୍ କୁଇନ୍ ନାମରେ ସୁପ୍ରସିଦ୍ଧି ଅର୍ଜନ କରିଥିବା ଫୁଲନ୍ ଦେବୀଙ୍କ ଜନ୍ମ ।
୧୯୯୦– ଦୀର୍ଘ ୧୫ ମାସର ଯାତ୍ରା ପରେ ମାଗେଲନ୍ ମହାକାଶଯାନ ଶୁକ୍ର ଗ୍ରହରେ ପହଞ୍ଚିଲା ।

## ଆଚାରୀ ମିକ୍ସ ଭେଜ୍

**ସାମଗ୍ରୀ–** ଅଧା କପ୍ ଫୁଲ କୋବି ( ଗରମ ପାଣିରେ ପଡି ବାହାର କରାଯାଇଥିବା), କଟାହୋଇଥିବା ଅଧାକପ ସିଝା ଆଳୁ, ଅଧା କପ ମଟର ମଞ୍ଜି (ସିଝା), ଅଧା କପ ଗାଜର (ଗରମ ପାଣିରେ ପଡି ବାହାର କରାଯାଇଥିବା), ଅଧା କପ ପନିର୍, କଟା କ୍ୟାପସିକମ୍, କଟା ହୋଇଥିବା ପିଆଜ, ଟମାଟୋ, ଅଦା, ରସୁଣ, ଗୋଟା ଜିରା, ତେଜପତ୍ର, ହେଙ୍ଗୁ, ଅଧା କପ ଦହି, କସୁରୀ ମେଥି, ଶୁଖିଲା ଲଙ୍କା ଗୁଣ୍ଡ, ପାନ ମଧୁରୀ, ଧନିଆ ଗୁଣ୍ଡ ଏକ ଚାମଚ, କଟା ଧନିଆ ପତ୍ର, ଆଚାର ମସଲା ।

**ପ୍ରଣାଳୀ–** ପ୍ରଥମେ ପ୍ୟାନ୍‌ରେ କଟା ପିଆଜ, ଅଦା ଓ ରସୁଣ ନେଇ ଅଳ୍ପ ସମୟ ଭାଜନ୍ତୁ । ଏହାପରେ ଏଥିରେ ଟମାଟୋ ପକାଇ ସିଝିବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଏହାପରେ ଗ୍ରାଇଣ୍ଡରରେ ପାନ ମଧୁରୀ, ଧନିଆ ଗୁଣ୍ଡ, ଶୁଖିଲା ଲଙ୍କା ଓ ଆଚାର ମସଲା ଓ ଭଜା ହୋଇଥିବା ପିଆଜ ମିଶ୍ରଣକୁ ପକାଇ ବାଟି ନିଅନ୍ତୁ । ଏହାପରେ ପ୍ୟାନରେ ଜିରା ଫୁଟାନ୍ତୁ ଏବଂ କ୍ୟାପସିକମ୍ ପକାଇ ଭାଜନ୍ତୁ । ଏହାପରେ ଏଥିରେ ପ୍ରସ୍ତୁତ ହୋଇଥିବା ପେଷ୍ଟ ପକାଇ ଗୋଳାନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଦହି ପକାନ୍ତୁ । କିଛି ସମୟ ଏହି ମିଶ୍ରଣକୁ ଭାଜନ୍ତୁ, ଯେପରି ତେଲ ମସଲାରୁ ଅଲଗା ହେବାକୁ ଲାଗିବ । ମସଲା ପ୍ରସ୍ତୁତ ହେବା ପରେ ଏଥିରେ ଆଳୁ, କୋବି, ଗାଜର, ପନିର, ଆଦି ପକାଇ ଭାଜନ୍ତୁ । ଆବଶ୍ୟକ ଅନୁଯାୟୀ ଲୁଣ ଓ କସୁରୀ ମେଥୀ ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଆଚାରୀ ମିକ୍ସ ଭେଜ୍ ।



ଜୟପୁରରେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ଅବସରରେ ରକ୍ଷା ବନ୍ଧନ



ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଜୟପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପୂଜା କରିବା ସହ ରକ୍ଷା ବନ୍ଧନ ଉତ୍ସବ ପାଳନ କରୁଛନ୍ତି ।



ଜୟପୁର ଠାରେ ପୂର୍ବତନ ରାଜନେତା ସ୍ୱର୍ଗତ ହରିଶ ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ





ଜୟପୁର ଠାରେ ସୁଭଦ୍ରାର ତୃତୀୟ କିସ୍ତି ଅର୍ଥ ପ୍ରଦାନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ୨୦ ହଜାର ଟଙ୍କାରେ ବିକ୍ରି ପିଲାକୁ ନେଇ ଦୁଇ ମହିଳା ଟଣାଭିଡା

ଭୁବନେଶ୍ୱର,(ସବ୍ୟୁ): ପିଲା ଜନ୍ମ ହେବାର ୫ରୁ ୬ ଦିନ ପରେ ୨୦ ହଜାର ଟଙ୍କା ବିନିମୟରେ ଜନ୍ମ କରିଥିବା ମା ଅନ୍ୟ ଜଣେ ମହିଳାଙ୍କୁ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ୯ ମାସ ପରେ ନୂଆପଲ୍ଲୀ ଥାନାରେ ପିଲାକୁ ନେଇ ୨ ମହିଳା ଟଣାଭିଡା ହେବା ଘଟଣାକୁ ନେଇ ପୋଲିସର ମୁଣ୍ଡବିନ୍ଧା ହୋଇଛି। ଏହି କାରବାର ଢ଼େଙ୍କାନାଳ ଜିଲ୍ଲାରେ ହୋଇଥିଲା। କିଛି ଦିନ ପରେ ଜିଲ୍ଲା ଚାଇଲ୍ଡ କେୟାର ସେଣ୍ଟର ଜାଣିବା ପରେ ଶିଶୁ ଟିକୁ କିଣି ଥିବା ମା ପାଖରୁ ନେଇ ଉଜ୍ଜ୍ୱଳା ଶକ୍ତିସଦନରେ ରଖିଥିଲା । ସେହି ମହିଳା ଓକିଲ ମାଧ୍ୟମରେ ଅଦାଲତକୁ ଯାଇ କାରବରାରେ ମଧ୍ୟସ୍ଥା କରିଥିବା ସାକ୍ଷ୍ୟ ପ୍ରମାଣ ଆଧାରରେ ପୁଣି ପିଲାକୁ ନିଜ ହେପାଜତକୁ ନେଇଥିଲେ। ଢ଼େଙ୍କାନାଳରୁ ଆସି ସେ ପିଲା ସହ ନୂଆପଲ୍ଲୀ ଥାନା ଅଞ୍ଚଳରେ ରହୁଛନ୍ତି। ଏହା ଜାଣିବା ପରେ ଜନ୍ମ କରିଥିବା ମା ତାଙ୍କ ପାଖକୁ ଆସି ପିଲାକୁ ନେବା ପାଇଁ ଝାମେଲା କରିଥିଲେ। ଉପାୟଶୂନ୍ୟ ହୋଇ ପିଲାକୁ କିଣି ଥିବା ମହିଳା ନୂଆପଲ୍ଲୀ ଥାନାକୁ ଆସିଥିଲେ। ପିଲାକୁ ଜନ୍ମ ଦେଇଥିବା ମହିଳାଙ୍କ କହିବା ଅନୁଯାୟୀ ମୁଁ ତାଙ୍କ ୨୦,୦୦୦ ଟଙ୍କା ଫେରାଇ ଦେବି, ମୋ ପିଲାକୁ ମୋତେ ଦେଇଦିଅ। ଏହା ଶୁଣିବା ପରେ ପିଲାକୁ ନେଇ ପାଳିଥିବା ମା କହିଛନ୍ତି ଯେ, ୯ ମାସ ଧରି ମୁଁ ଯେଉଁ ଖର୍ଚ୍ଚାନ୍ତ ହୋଇଛି ତାକୁ କିଏ ଦେବ। ଏହିପରି ବିବାଦ ମହିଳାଙ୍କ ମଧ୍ୟରେ ଚାଲିଥିବା ବେଳେ ପୋଲିସ୍ ମାମଲା ସମାଧାନ ପାଇଁ ଉଦ୍ୟମ କରିଥିଲା।

## ପୁଲିସ ରିଜର୍ଭ ପଡିଆରେ ବୃକ୍ଷରୋପଣ : ଥାନା ବୁଲିଲେ, ରାକ୍ଷୀ ବାନ୍ଧିଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା, (ସବ୍ୟୁ): ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏକ ପେଡ ମାଆ କେ ନାମ କ୍ରମେ ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ପୁଲିସ ପକ୍ଷରୁ ତରତୁଆ ସ୍ଥିତ ସଂରକ୍ଷିତ ପୋଲିସ କ୍ୟାମ୍ପସ ପରିସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାଟିଏ ରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ଯୋଗ ଦେଇ ଏସପି ଏବଂ ଅନ୍ୟମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଅତିଥି ମାନେ ପିଲା ମାନେ ମିଶି ଚାରାରୋପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି, ସଦର ଏସଡିପିଓ



ନିହାର ରଞ୍ଜନ ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ, ଇନ୍ସପେକ୍ଟର ତାରିକ ଅହମ୍ମଦ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ରିଜର୍ଭ ଇନିସପେକ୍ଟର ମନୋରଞ୍ଜନ ସତ୍ୟକାନ୍ତ ଜେନା, ହାବିଳଦାର ଓ କନଷ୍ଟେବଲ ସଂଘ ସଭାପତି ଗିରିଧାରୀ ସିଂହମାଝୀ, ସମ୍ପାଦକ ସଞ୍ଜୟ ସେନାପତି ଏବଂ ଅନ୍ୟ ମାନେ ପରିଚାଳନା କରିଥିଲେ। ଏଥିସହିତ ଛାତ୍ରଛାତ୍ରୀମାନେ ମାନେ ଆର୍ଦଶ ଥାନା ବୁଲିଥିଲେ। ସେଠାରେ ଥାନାଧିକାରୀ ସଞ୍ଜୟ ନାୟକ ଏବଂ ଅନ୍ୟ ଅଧିକାରୀ, କର୍ମଚାରୀଙ୍କୁ ପିଲାମାନେ ହାତରେ ରାଖିଟିଏ ବାନ୍ଧି ଥିଲେ। ଏହି ଅବସରରେ ଥାନାଧିକାରୀ ନାୟକ ପିଲାଙ୍କୁ ଥାନା ପରିସର ବୁଲାଇ ସେମାନଙ୍କ ଭାବ ବିନିମୟ କରିଥିଲେ। ପିଲାଙ୍କ ସହ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ, ଗୁରୁମା ମାନେ ଉପସ୍ଥିତ ଥିଲେ।

## ସମସ୍ତ ଭୂମିହୀନ ପାଇବେ ୪ ଡିସିମିଲ୍ ଜାଗା : ରାଜସ୍ୱ ମନ୍ତ୍ରୀ

### ୪ ନବନିର୍ମିତ ରାଜସ୍ୱ ନିରୀକ୍ଷକ କାର୍ଯାଳୟ ଉଦ୍‌ଘାଟିତ

କଟକ (ସବ୍ୟୁ) :ଜମି ପଟ୍ଟା କେବଳ ଖଣ୍ଡିଏ କାଗଜ ନୁହେଁ, ଏହା ହେଉଛି ଏପରି ଏକ ଦଲିଲ ଯାହା ଭବିଷ୍ୟତକୁ ସୁରକ୍ଷିତ କରେ, ମାଲିକାନା ସ୍ପଷ୍ଟ କରେ ଏବଂ ପ୍ରଗତି ପାଇଁ ପଥ ପ୍ରଶସ୍ତ କରେ । ଯାହା ପାଖରେ ନିଜର ଜାଗା ଖଣ୍ଡିଏ ଅଛି ତା'ର ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥାଏ । ଆଗାମୀ ୪ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଭୂମିହୀନଙ୍କୁ ଅନ୍ତତଃ ୪ ଡିସିମିଲ ଜାଗା ଯୋଗାଇଦେବାକୁ ସରକାର ଯତ୍ନବାନ ହେବେ । ଏଥିସହ ରାଜ୍ୟର ସମସ୍ତ ଭୂମିହୀନ ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ମଧ୍ୟ ନିଜସ୍ୱ ଜମି ପଟ୍ଟା ଯୋଗାଇ ଦିଆଯିବ । କେବଳ ଏତିକି ନୁହେଁ ନଦୀ ବଢିରେ ଜମି ହରାଇଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସେମାନଙ୍କ ଜମି ଯୋଗାଇ ଦିଆଯିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି କଟକ ଇଣ୍ଡୋର ଷ୍ଟାଡିଅମଠାରେ ଭୂମିହୀନ ହିତାଧିକାରୀ ଏବଂ ଭୂମିହୀନ ବିଦ୍ୟାଳୟଗୁଡିକୁ ପଟ୍ଟା ବଂଟନ କରିବା ଅବସରରେ ଏହା କହିଛନ୍ତି । ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଭୁକ୍ତ ଟାଙ୍ଗୀ ଚୌଦ୍ୱାର, ତିଗିରିଆ ଓ ଆଠଗଡର୨୦ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ଆଜି ୧୫୦ଜଣ ହିତାଧିକାରୀଙ୍କୁ ପଟ୍ଟା ବଂଟନ କରାଯାଇଥିଲା ।

ଏହି ଅବସରରେ କଟକ ଜିଲ୍ଲାର ନବନିର୍ମିତ ରାଜସ୍ୱ ନିରୀକ୍ଷକ କାର୍ଯାଳୟଗୁଡିକର ଉଦଘାଟନ କରାଯାଇଥିଲା । ମୁଖ୍ୟ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭର୍ଚୁଆଲ ମାଧ୍ୟମରେ ବାରଙ୍ଗ ତହସିଲ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ, କଟକ ସଦର ତହସିଲ ଅନ୍ତର୍ଗତ ବିଶିନାବର ଏବଂ ବାଙ୍କୀ ତହସିଲ ଅନ୍ତର୍ଗତ କଳାପଥର ଓ ବରପୁଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଗୁଡିକର ଶୁଭ ଉଦଘାଟନ କରିଥିଲେ । ପବିତ୍ର ରାଖି ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲାର ୫,୮୭,୧୦୪ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ମାଧ୍ୟମରେ ୨୯୩,୫୫,୨୦,୦୦୦ଟଙ୍କା ହସ୍ତାନ୍ତର କରାଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ପ୍ରକାଶ ସେଠୀ ଯୋଗଦେଇଥିଲେ ।

## ପିସିସି ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର ଅଗଷ୍ଟ ୯ କ୍ରାନ୍ତି ଦିବସ ସ୍ଥାନୀୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ସକାଳେ କଳ୍ପନାଛକ ଠାରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ରାଜ୍ୟ ସଂଗ୍ରହାଳୟ ସମ୍ମୁଖସ୍ଥ ସହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ପିସିସି ସଭାପତି ଶ୍ରୀ ଦାସ ଏବଂ ଅନ୍ୟ ସମସ୍ତ ନେତୃବୃନ୍ଦ ମହାମନିଷୀ ମାନଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ



ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ପ୍ରସାସ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ବିଶ୍ୱଜିତ ଦାଶ, ଅଭୟ ସାହୁ, ମନୋରଞ୍ଜନ ଦାଶ, ଜ୍ୟୋତିଷ ସାହୁ, ରଜନୀ ମହାନ୍ତି, ଜୟଶ୍ରୀ ପଟ୍ଟନାୟକ, ଅରବିନ୍ଦ ଦାସ, ମାନସ ରଞ୍ଜନ ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ମନୋରଞ୍ଜନ ରାଉତରାୟ, ଶଶିଭୂଷଣ ପଣ୍ଡା, ଅବଦୁଲ ସଲାମ, ଭାସ୍କର ସେଠୀ, ମିହିର ଆଚାର୍ଯ୍ୟ, ଏମଡି ସାହାଦୁଲ୍ଲା, ଲିଙ୍ଗରାଜ ସାହୁ, ରାଜକିଶୋର ବାରିକ, ପ୍ରଶାନ୍ତ ଚମ୍ପତି, ବିଜୟ ଦ୍ୱିବେଦୀ, ସୁଭାଷ ପ୍ରଧାନ, ତରୁଣ ମିଶ୍ର, ହିମାଂଶୁ ଲେଙ୍କା, ମନୋଜ ସାହୁ, ମଦନ ମୋହନ ମାଝୀ, ଖଗେଶ୍ୱର ମଲ୍ଲିକ, ପ୍ରଶନ୍ନ ପାଇକରାୟ, ବସନ୍ତ ପଣ୍ଡା, ରଞ୍ଜନ ଭୋଇ, ଅକ୍ଷୟ ମୁଦୁଲି, ଅଜିତା କର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶାରେ ୪୨ ମୌଜା ଥାନା ପ୍ରଥମ, ବଡଗଡ଼ ଥାନା ଦ୍ୱିତୀୟ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ ଦକ୍ଷତା ଅନୁଯାୟୀ କଟକ ୪୨ ମୌଜା




ଥାନାକୁ ପ୍ରଥମ ସ୍ଥାନରେ ସ୍ଥାନୀତ କରିଥିବା ବେଳେ ଭୁବନେଶ୍ୱର ବଡଗଡ଼ ଥାନା ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟମ ସ୍ଥାନରେ ଶ୍ରୀ ଲିଙ୍ଗରାଜ ଥାନା ଥିବା ସୂଚନା ମିଳିଛି।

୪୨ ମୌଜା ଥାନା ଓ ବଡ଼ଗଡ଼ ଥାନା ଆଇଆଇସିଙ୍କୁ ଶନିବାର ପୋଲିସ୍ ସେବା ଭବନ ଠାରେ କମିଶନର ସୁରେଶ ଦେବଦତ୍ତ ସିଂ ପୁରସ୍କୃତ କରିବା ସହ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହି ସାର୍ଟିଫିକେଟ୍ ପ୍ରଦାନ ଉତ୍ସବରେ ଅତିରିକ୍ତ ପୋଲିସ୍ କମିଶନର ନରସିଂହ ଭୋଳ ଓ କଟକ-ଭୁବନେଶ୍ୱର ଡିସିପିଙ୍କ ସମେତ ବହୁ ପୋଲିସ୍ ଅଧିକାରୀ ଉପସ୍ଥିତ ଥିଲେ। କମିଶନରେଟ୍ ପୋଲିସ୍‌ର ଏହି ଦୁଇଟି ଥାନା ଓଡ଼ିଶାରେ ଥିବା ଥାନାଗୁଡିକ ମଧ୍ୟରେ ଭଲ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛନ୍ତି ବୋଲି କ୍ରାଇମ୍ ରେକର୍ଡ ବ୍ୟୁରୋ କହିଛି।

ଲୋକଙ୍କ ସେବା ଯୋଗାଇବାରେ ଓଡ଼ିଶାରେ ଥାନା ଗୁଡିକ ମଧ୍ୟରୁ ୪୨ ମୌଜା ଓ ବଡଗଡ଼ ଥାନା ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ଏହିପରି ଧାରା ଜାରି ରଖିବାକୁ ପୋଲିସ କମିଶନର କହିଛନ୍ତି। ୱିକେୟାର ୱିଡେୟାର ନାରାକୁ କମିଶନରେଟ୍ ପୋଲିସ ବଜାଇ ରଖିବା ପାଇଁ ଏହିପରି କାମ ସବୁ ଥାନା କରିବା ଉଚିତ୍ ବୋଲି କମିଶନର କହିଛନ୍ତି।

## ଅଭିପ୍ସା ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ

କଟକ, (ସ୍ୱପ୍ର): ଉତ୍କଳୀୟ ସଂସ୍କୃତି ପରମ୍ପରାର ଅନନ୍ୟ ପର୍ବ ହେଉଛି ପବିତ୍ର ରାକ୍ଷୀ ପୂର୍ଣ୍ଣିମା। ଏହି ପବିତ୍ର ଦିନରେ ପ୍ରତେକଟି ଓଡ଼ିଆ ଘରେ ଭଉଣୀ ଟି ତା ଭାଇ ହାତରେ ବାନ୍ଧି ଥାଏ ରାକ୍ଷୀ। ସେଇ ଭାଇ ଭଉଣୀର ପବିତ୍ର ସ୍ନେହ ବନ୍ଧନରେ ଭଉଣୀକୁ ସବୁ ବିପଦ, ଆପଦ, ଝଡ଼ ଝଞ୍ଜାରୁ ରକ୍ଷା କରିବାକୁ ଭାଇ ତାକୁ କଥା ଦେଇଥାଏ। ଏହି ପବିତ୍ର ଉତ୍ସବର ବିଶେଷତ୍ୱକୁ ଛାତ୍ର, ଛାତ୍ରୀ ମାନଙ୍କୁ ବୁଝାଇବାକୁ କଟକ ନେତାଜୀନଗର ସ୍ଥିତ ଅଭିପ୍ସା ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଯିବା ସହିତ ଅବିଭାବକ ଓ ଅବିଭାବିକା ମାନଙ୍କ ମଧ୍ୟରେ ଏକ ରାକ୍ଷୀ ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ରାକ୍ଷୀ ପ୍ରସ୍ତୁତି ପ୍ରତିଯୋଗିତାରେ ବହୁ ଅବିଭାବକ, ଅବିଭାବକ ମାନେ ଯୋଗ ଦେଇ ରାକ୍ଷୀ ପ୍ରସ୍ତୁତି କରିଥିଲେ।

### ଆଇଜର, ବ୍ରହ୍ମପୁରର ୫ମ ସମାବର୍ତ୍ତନ ସମାରୋହ

# ଉତ୍ତମ ଭବିଷ୍ୟତ ଗଠନ ପାଇଁ ଶିକ୍ଷା ଓ ବିଜ୍ଞାନ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ବିଶ୍ୱରେ ବର୍ଦ୍ଧିତ ଭୂ-ରାଜନୈତିକ ପରିବର୍ତ୍ତନର ଦୃଶ୍ୟପଟରେ ଶିକ୍ଷା ଏବଂ ବିଜ୍ଞାନ ହେଉଛି ଉତ୍ତମ ଭବିଷ୍ୟତ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ । ଏହା ଆମ ପାଇଁ ସମୃଦ୍ଧି ଏବଂ ଖୁସିକୁ ସୁରକ୍ଷିତ କରେ ବୋଲି ଶନିବାର ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର) ବ୍ରହ୍ମପୁରର ପଞ୍ଚମ ସମାବର୍ତ୍ତନ ସମାରୋହରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ଆଇଜର ବ୍ରହ୍ମପୁର ଦେଶର ଏକ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ପରିଣତ ହୋଇଛି । ୨୦୧୬ରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆଇଜର ବ୍ରହ୍ମପୁର ଧୀରେ ଧୀରେ ଏକ ପୂର୍ଣ୍ଣାଙ୍ଗ ରୂପ ନେଉଛି । ଏହା ଅତ୍ୟାଧୁନିକ ଜ୍ଞାନର ସରସ୍ୱତୀ ମନ୍ଦିର ଭାବେ ଗଢିଉଠିଛି । ଗତବର୍ଷ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କ୍ୟାମ୍ପସର ୧୫ଟି ନୂତନ କୋଠା ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।



ଏହା କେବଳ ବ୍ରହ୍ମପୁର ପାଇଁ ନୁହେଁ ବରଂ ଶିକ୍ଷା-ନେତୃତ୍ୱାଧୀନ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ । ଭାରତର ବୈଜ୍ଞାନିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ହେଲେ ଆଇଜରରେ ଅଧିକ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ ଆଇଜର ବ୍ରହ୍ମପୁର ଜ୍ଞାନ ପରମ୍ପରାର ମହାନ ଐତିହ୍ୟକୁ ଆଗକୁ ବହନ କରୁଛି । ପ୍ରତିଷ୍ଠା ପର ଠାରୁ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ବିଶ୍ୱର ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ଓ ନବସୃଜନ ପରିସଂସ୍ଥାନରେ ଯୋଗଦାନ ଦେଉଛନ୍ତି । ଏହି ଅନୁଷ୍ଠାନରେ ବିଭିନ୍ନ ବିଷୟରେ ୧,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଗତ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳା । କ୍ୱାଣ୍ଟମ ସାଇନ୍ସ, ସଷ୍ଟେନେବଲ ମ୍ୟାଟେରିଆଲ, ସ୍ୱାସ୍ଥ୍ୟସେବାରେ ଏଆଇ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ଆଇଜର ବ୍ରହ୍ମପୁର ପ୍ରତିଷ୍ଠାନର ଅଗ୍ରଣୀ କାର୍ଯ୍ୟ ଭାରତର ରଣନୈତିକ ଲକ୍ଷ୍ୟ ସହିତ ଜଡ଼ିତ ହୋଇଅଛି । ଅନ୍ୟପକ୍ଷରେ ଦେଶରେ ଜାତୀୟ ଶିକ୍ଷା ନୀତିକୁ ପାଞ୍ଚ ବର୍ଷ ପୂର୍ତ୍ତି ହୋଇଛି । ଏହି ଶିକ୍ଷା ନୀତି ଶିକ୍ଷା କ୍ଷେତ୍ରରେ କେବଳ ଏକ ସଂସ୍କାର ନୁହେଁ, ବରଂ ଏକ ନବଜାଗରଣ । ଏହା ଏକବିଂଶ ଶତାବ୍ଦୀର ବିଦ୍ୟାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବ । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ମସିହାରେ ବିକଶିତ ଭାରତ ପାଇଁ ଏକ ସ୍ୱଷ୍ଟ ଆହ୍ୱାନ ଦେଇଛନ୍ତି । ତେବେ ଏହା ଏକ ସ୍ଲୋଗାନ ନୁହେଁ ବରଂ ଏକ ମିଶନ । ଗବେଷଣା, ପ୍ରତିଭା ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏକ ଆତ୍ମବିଶ୍ୱାସୀ, ଆତ୍ମନିର୍ଭର ଭାରତ ପାଇଁ ଏକ ରୋଡମ୍ୟାପ୍ । ଆଗାମୀ ଦିନରେ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଲୋକ କଲ୍ୟାଣ ସହ ବିକଶିତ ଭାରତ ଏବଂ ରାଷ୍ଟ୍ରୀୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଆଗଭର ହେବେ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଚାକିରି ଅନ୍ୱେଷଣରେ ନରହି ଚାକିରିଦାତା ହେବା ପାଇଁ ଆହ୍ୱାନ କରିଥିଲେ । ଏହାସହ ଆଇଜର ବ୍ରହ୍ମପୁର ଛାତ୍ରଛାତ୍ରୀଙ୍କୁ ପଖାଳ, ଗିରିଜା ରେଷ୍ଟୁରାଣ୍ଟର ସ୍ନାକ୍ସର ସ୍ୱାଦ ଚାଖିବା ସହ ବ୍ରହ୍ମପୁର ଏବଂ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବୁଲିବା ପାଇଁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ ସେଣ୍ଟରାଲ୍ ଆଡଭାନ୍ସଡ ଇନଷ୍ଟ୍ରୁମେନଟେନସନ (ସିଏଆଇଏଫ) ସୁବିଧା, ରିସର୍ଚ୍ଚ ବ୍ଲକ, ଲାଇବ୍ରେରୀ ଏବଂ କର୍ମଚାରୀ ଆବାସର ଉଦଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ । ଏକ ସମୀକ୍ଷା ବୈଠକରେ ଯୋଗଦେଇ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଆଇଜର ବ୍ରହ୍ମପୁରର ନିର୍ଦ୍ଦେଶକ ଅଶୋକ କୁମାର ଗାଙ୍ଗୁଲି, ଚେୟାରମ୍ୟାନ ତଥା ବୋର୍ଡ ଅଫ୍ ଗଭର୍ଣ୍ଣର ପ୍ରଫେସର ଅରବିନ୍ଦ ଏ ନାଟୁ ପ୍ରମୁଖ ଉପସ୍ଥିତ ଥିଲେ ।

### ସରଳା ଦେବୀଙ୍କ ୧୨୨ତମ ଜୟନ୍ତୀ ସମାରୋହ

# ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କୁ ତୃତୀୟ ସରଳା ଦେବୀ ପୁରସ୍କାର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ତଥା ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କର ୧୨୨



ତମ ଜୟନ୍ତୀ ଓ ଅଗଷ୍ଟ କ୍ରାନ୍ତି ଦିବସ ଶନିବାର ପାଳିତ ହୋଇଯାଇଛି । ଶତାୟୁ ପୁରୁଷ, ବିଶିଷ୍ଟ ସମାଜସେବୀ, ପୂର୍ବତନ ବିଧାୟକ ତଥା ନିଶାମୁକ୍ତି ଅଭିଯାନର ମୁଖ୍ୟ ପୁରୋଧା ପଦ୍ମଚରଣ ନାୟକଙ୍କୁ ତୃତୀୟ ସରଳା ଦେବୀ ପୁରସ୍କାର ପ୍ରଦାନ କରାଯାଇଛି । ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶ୍ରୀ ନାୟକଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା ।

ଭଞ୍ଜକଳା ମଣ୍ଡପ ଠାରେ ଶନିବାର ସନ୍ଧ୍ୟାରେ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ଦୀନେଶ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ସାରଦା ଜେନା, ପ୍ରଫେସର ଡଃ ମନୋରମା ବିଶ୍ୱାଳ ମହାପାତ୍ର, କନ୍ନଡ଼ କବି ଓ ଚଳଚିତ୍ର ନିର୍ମାତା ରମେଶ ନାଗାଥେଲ୍ଲୀ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ସମାଜସେବୀ ବିଜୟଲକ୍ଷ୍ମୀ ସାହୁ, ସୃଜନିକାର ପ୍ରତିଷ୍ଠାତା ବିଶିଷ୍ଟ ବୈଜ୍ଞାନିକ ନିଖିଳ ମୋହନ ପଟ୍ଟନାୟକ, କଥାଶିଳ୍ପୀ ଓ ସମାଜସେବୀ ମାନସ ଦାସ, ବିଶିଷ୍ଟ ସାମ୍ବାଦିକ, ଲେଖକ ଓ ଗବେଷକ ଡକ୍ଟର ପରେଶ ରଥ, ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ସୁଚେତା ପ୍ରିୟବାଦିନୀ, ନାଟ୍ୟପ୍ରେମୀ ଓ ସମାଜସେବୀ ଶୁଭକାନ୍ତ ପାଢ଼ୀ ଓ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଜୟପୁରର ଡକ୍ଟର ପରେଶ ରଥଙ୍କ ଲିଖିତ ପୁସ୍ତକ "ଶହୀଦ ଲକ୍ଷ୍ମଣ ନାୟକ' ଉନ୍ମୋଚିତ ହୋଇଥିଲା । ଶେଷରେ ପରିଷଦର ସଭାପତି ଅଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତିର ବୀରଙ୍କୁ ଶ୍ରଦ୍ଧାଞ୍ଜଳି

# ସ୍ୱାଧୀନତାର ମୂଲ୍ୟ ଆମେ ସୁରକ୍ଷିତ ରଖିବା : ବାଚସ୍ପତି

ଭୁବନେଶ୍ୱର, (ସବ୍ୟୁ): ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ। ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି । ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଅଗଷ୍ଟ କ୍ରାନ୍ତିରେ ରାଜ୍ୟସ୍ତରୀୟ ସମାରୋହର ଆୟୋଜନ ହେବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିବା ସହ ପବିତ୍ର ରକ୍ଷାବନ୍ଧନ ଅବସରରେ ଉପସ୍ଥିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମରେ



ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେଶ ପାଇଁ ତ୍ୟାଗ ଓ ବଳିଦାନ ଆମ ସମସ୍ତଙ୍କର ପ୍ରେରଣା ବୋଲି କହିଥିଲେ । ବିରୋଧିଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ, ଶୋଭନୀୟ ଆନ୍ଦୋଳନର ଅଧ୍ୟକ୍ଷା ଡ. ଅରୁନ୍ଧତୀ ଦେବୀ, ସମାଜସେବୀ ମଧୁ ଭାଇ, କର୍ଣ୍ଣେଲ ଶରତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜାତୀୟ ପତାକା ସ୍ତମ୍ଭରେ ରକ୍ଷାବନ୍ଧନ କରାଯାଇଥିଲା । ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରାକ୍ଷୀ ବାନ୍ଧିଥିଲେ । ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ ଏବଂ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା ।

### ସିକନ୍ଦର ଆଲାମଙ୍କ ପୁଣ୍ୟତିଥି ପାଳିତ

ଫୁଲନଖରା, (ସବ୍ୟୁ): କଟକ ସଦର ୪୨ ମୌଜା ରାଉତରାପୁର ଗ୍ରାମର ଗର୍ବ ଓ ଗୌରବ ଓଡ଼ିଆ ସଙ୍ଗୀତ ଜଗତର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ତଥା ଏ ଯୁଗର ଭକ୍ତ ସାଲବେଗ ସିକନ୍ଦର ଆଲାମଙ୍କ ୮୭ ତମ ଜନ୍ମ ଜୟନ୍ତୀରେ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ପାଳନ କରାଯାଇଛି । । ପ୍ରତିଷ୍ଠାନ ସଭାପତି ସରୋଜ ନଳିନୀ ପରିଜା, ଡକଫର ଶେଖ କଲି ମୁଲ୍ଲା, ପ୍ରଧାପକ ଖଲିକୁଦ ଜମାଲ ଖାଁ, ଇଂ. ସେବକ ଶ୍ରୀକାନ୍ତ, ଶିକ୍ଷକ ରନି ଅଭୟ ଦାସ, ମିହିର କୁମାର ନାୟକ, ସନ୍ତୋଷ କୁମାର ଭୋଇ, ସଂପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ମହାସଚିବ ରୁଦ୍ର ନାରାୟଣ ଦାସ, ଶକ୍ତି ଦତ୍ତ ଆଚାର୍ଯ୍ୟ, ଶୁଭେନ୍ଦୁ ବରଣ ଦାସ ମହାପାତ୍ର ଏବଂ ଶ୍ରୀ ଜଗନ୍ନାଥ ଷ୍ଟଡି ସର୍କଲ ବିଦ୍ୟାର୍ଥୀ ଶ୍ରଦ୍ଧାଂଜଳି ଅର୍ପଣ ସହ ସ୍ମୃତି ଚାରଣ କରିଥିଲେ ।

# ଘରୋଇ ହସ୍ପିଟାଲରେ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ): ରାଜଧାନୀ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଜଣେ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଗାଧୁଆ ଘରୁ ତାଙ୍କୁ ଅଚେତ ଅବସ୍ଥାରେ ନେଇ ପରୀକ୍ଷା କରିବା ବେଳକୁ ମୃତ୍ୟୁ ହୋଇଥିବା କୁହାଯାଉଛି। ଖବର ପାଇଁ ଶନିବାର ଚନ୍ଦ୍ରଶେଖରପୁର ଥାନା ପୋଲିସ୍ ଓ ଦୁଇ ପ୍ଲାଟୁନ୍ ଫୋର୍ସ ସହ ଘଟଣାସ୍ଥଳରେ ବରିଷ୍ଠ ଅଧିକାରୀମାନେ ପହଞ୍ଚିଥିଲେ। ସୁଇସାଇଡାଲ ନୋଟ୍ ଜବତ ହୋଇଛି।

ଚନ୍ଦ୍ରଶେଖରପୁର ଘରୋଇ ହସ୍ପିଟାଲରେ ଦୀର୍ଘ ୪ ବର୍ଷ ହେବ ଗଞ୍ଜାମ ଜିଲ୍ଲାର ଶୁଭସ୍ମିତା ରାଉତ କାମ କରିଆସୁଥିଲେ। କୌଣସି କାରଣକୁ ନେଇ ହସ୍ପିଟାଲ ଅଧିକାରୀ ତାଙ୍କୁ ଗାଳିଗୁଲଜ କରିବା ସହ ମାନସିକ ଚାପ ଦେଉଥିବା ସୁଇସାଇଡାଲ ନୋଟ୍‌ରେ ସେ ଲେଖିଛନ୍ତି। ତାଙ୍କ ମାଙ୍କ କହିବା ଅନୁଯାୟୀ ଶନିବାର ରାକ୍ଷୀ ପୂର୍ଣ୍ଣିମା ଥିବାରୁ ଶୁକ୍ରବାର ସେ ତାଙ୍କ ସହ କଥା ହୋଇଥିଲେ। ଘରକୁ ଯିବା ପାଇଁ ସେ କହିଥିଲେ ବୋଲି ତାଙ୍କ ମା କହିଛନ୍ତି। ଶୁକ୍ରବାର ରାତି ଡିୟୁଟି ସାରି ଘରକୁ ଯାଇଥାନ୍ତେ। ହେଲେ ରାତି ୩ଟା ବେଳେ ମା ଖବର ପାଇଲେ ଝିଅ ଅଚେତ ହୋଇଯାଇଛି। ଖବର ପାଇବା ପରେ ମା ଶନିବାର ସକାଳୁ ଆସି ପୂର୍ବାହ୍ନରେ ହସ୍ପିଟାଲରେ ପହଞ୍ଚିଥିଲେ। ପହଞ୍ଚି ଦେଖିଥିଲେ ଯେ, ଝିଅ ଜୀବିତ ନାହାନ୍ତି। ହସ୍ପିଟାଲ କର୍ମଚାରୀ ତାଙ୍କ ମାଙ୍କୁ କହିଥିଲେ ଯେ, ହସ୍ପିଟାଲ ଗାଧୁଆ ଘରେ ସେ ବିଷାକ୍ତ ଇଞ୍ଜେକ୍ସନ ନେଇ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଆଣି ଦେଖିବା ବେଳକୁ ମୃତ୍ୟୁ ହୋଇଥିଲା। ଶୁଭସ୍ମିତାଙ୍କ ପାଖରୁ ଯେଉଁ ସୁଇସାଇଡାଲ ନୋଟ୍ ଜବତ ହୋଇଛି ସେଥିରେ ସେ ମୃତ୍ୟୁର କାରଣ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଲେଖିଛନ୍ତି। ତାଙ୍କୁ ହସ୍ପିଟାଲର କେଉଁ ଜଣେ ଅଧିକାରୀ ଗାଳିଗୁଲଜ କରିବା ସହ ମାନସିକ ଚାପ ପକାଇ ଆସୁଥିଲେ ବୋଲି ସେ ନୋଟ୍‌ରେ ଲେଖିଛନ୍ତି। ନର୍ସ ଯଦି କୌଣସି ଭୁଲ କଲେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ କାହିଁକି ଗାଳିଗୁଲଜ କରାଯାଉଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାନସିକ ନିର୍ଯାତନା ଯୋଗୁ ସେ ମାନସିକ ଭାରଶ୍ୟାମ ହରାଇ ଇଞ୍ଜେକ୍ସନ ନେଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଚନ୍ଦ୍ରଶେଖରପୁର ଥାନା ପୋଲିସ୍ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

ଆଠଗଡ, (ସବ୍ୟୁ): ଆଠଗଡ ଥାନା ଅର୍ନ୍ତଗତ ଆଠଗଡ଼-ମୁଣ୍ଡଳୀ ରାସ୍ତାର ଲଞ୍ଜଲାଣ୍ଡ ହୋଟେଲ ନିକଟରେ ଶନିବାର ସକାଳେ ଆଠଗଡ ଆଡୁ ଯାଉଥିବା ଓଆର-୦୫-ଏଫ-୫୬୨୩ ମାଙ୍କଡା ପଥର ବୋଝେଇ ଟ୍ରକିପରିତ ଦିଗରୁ ଓଆର-୦୬-କେ-୪୩୩୫ ମୋଟର ସାଇକେଲକୁ ଧକ୍କା ଦେବାଫଳରେ ବିକ ଆରୋହୀ ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ନୂଆ ପାଟଣା ଗ୍ରାମର ସୌରିଆ ସାହୁ ଙ୍କ ପୁଅ ସୁଦାମ ସାହୁଙ୍କ ମୃତ୍ୟୁ ଘଟିଛି । ଆଠଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଟ୍ରକ, ମୋଟର ସାଇକେଲ ଓ ଶବୁ ଜବତ କରି ଥାନା କେଶନଂ-୨୩୮/୨୫ରେ ମାମଲା ରଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗକୁ ହସ୍ତାନ୍ତର କରିଛନ୍ତି । ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

# ମୁଠି ଚାଉଳ ଆଉ ଏକ ଟଙ୍କା ସଂଗ୍ରହ କରି ଲଢିବେ ଆଦିବାସୀ : ଭକ୍ତ ଦାସ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ଶନିବାର ରାଜ୍ୟ କଂଗ୍ରେସ ଭବନ ସମ୍ମୁଖ, ମାଷ୍ଟରକ୍ୟାଣ୍ଟିନ ଠାରେ ପାଳିତ ହୋଇଥିଲା । ଏହି ଅବସରରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପେସା ଆଇନ୍ ପାଇଁ ନିର୍ଦ୍ଦେଶାବଳୀ ଲାଗୁ ନ ହେବା, ଉଚ୍ଚ ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ସଂଖ୍ୟାନୁପାତରେ ୨୩% ସଂରକ୍ଷଣ ଲାଗୁ ନ ହେବା, ଜଙ୍ଗଲ ଅଧିକାର ଆଇନର ଠିକ୍ ସେ ଅନୁପାଳନ ନ ହେବା ଫଳରେ ଆଦିବାସୀଙ୍କୁ




ଜମି ଆଉ ଜଙ୍ଗଲ ଅଧିକାରରୁ ବଞ୍ଚିତ ହେବା, ଗ୍ରାମସଭାର ବିନା ଅନୁମତିରେ ଜବରଦସ୍ତ ବିସ୍ଥାପନ ହେଉଥିବା ସମସ୍ୟାକୁ ନେଇ ଓଡିଶା ସରକାରଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସର ନେତୃବୃନ୍ଦ । ଆଗାମୀ ଦିନରେ ଜିଲ୍ଲା, ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ସ୍ତରରୁ ଆଦିବାସୀଙ୍କୁ ସଂଗଠିତ କରି ଏକ ଦୁର୍ବାର ଜନ୍ ଆନ୍ଦୋଳନ ଓଡ଼ିଶାରେ ଲୋକ ମାନଙ୍କ ଠାରୁ ସମ୍ବଳ ସଂଗ୍ରହ କରି ଗଢି ତୋଳିବା ଉପସ୍ଥିତ ଆଦିବାସୀ ଭାଇ ଭଉଣୀଙ୍କୁ ଆହ୍ୱାନ ଦେଇଥିଲେ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ । ଓରାମ, ମୁଣ୍ଡା, ହୋ, ସାନ୍ତାଳ ଆଉ କନ୍ଧ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟ ଗୀତରେ ଦୁଲକି ଉଠିଥିଲା ପରିବେଶ । ଏହି ସଭାରେ ଆଦିବାସୀ କଂଗ୍ରେସର ରାଜ୍ୟ ସଭାପତି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ସଭାପତିତ୍ୱ କରିଥିବା ସ୍ଥଳେ ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ ସଂଯୋଜନା କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ସୁଶ୍ରୀ ସୁଶୀଳା ତିରିଆ, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ, ପୂର୍ବତନ ବିଧାୟକ ଶ୍ରୀ ସୁବର୍ଣ୍ଣ ନାଏକ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ପିସିସି ସମ୍ପାଦକ ଅନିମା ମିଞ୍ଜ, ମୋହନ ହେମ୍ବ୍ରମ, ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକ, ରାଜକିଶୋର ବାରିକ, ସୁଧାଂଶୁ ଦେଓ, ଭୁବନେଶ୍ୱର ଜିଲ୍ଲା ସଂଯୋଜକ ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେଛ ପ୍ରକାଶ ଥାଉ କି, ବିଶ୍ୱ ଆଦିବାସୀ ଦିବସ ଅବସରରେ ଆଦିବାସୀ କଂଗ୍ରେସ ତରଫରୁ ସକାଳେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ଆଦିବାସୀ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା ।

### ବନ୍ଦେ ଉତ୍କଳ ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

କଟକ, (ସବ୍ୟୁ):ବନ୍ଦେ ଉତ୍କଳ ପକ୍ଷରୁ ପ୍ରକୃତି କବି ଗଙ୍ଗାଧର ମେହେର ଙ୍କ ୧୬୩ ତମ ଜନ୍ମ ଜୟନ୍ତୀ ଆଜି ସନ୍ଧ୍ୟା ରେ ବଙ୍ଗାଳି ସାହି ସ୍ଥିତ ମା ଶାରଳା ସଦନ ଠାରେ ଅନୁଷ୍ଠାନ ର ପ୍ରତିଷ୍ଠାତା ଦେବସ୍ନାନ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ରେ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଆଇନଜୀବୀ ଜ୍ୟୋତିନ୍ଦ୍ରୀୟ ମହାନ୍ତି, ଭୁବନାନନ୍ଦ ମହାନ୍ତି, ସୁବାଷ ମହାନ୍ତି, ସ୍ତମ୍ଭକାର ପ୍ରତାପ ଚନ୍ଦ୍ର ସାମଲ, ଆଇନଜୀବୀ ଆନନ୍ଦ ସାଗର ପାତ୍ର, ଶ୍ରୀମତୀ ଲୁନା ଦାସ, ଦାମୋଦର ବେହେରା, ମାନସ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀମାଳିନୀ ଦାଶ ମେହେର ଙ୍କ ସଙ୍ଗୀତ ଗାନ କରିଥିଲେ । ସଭାପତି ଶ୍ରୀ ଦାସ ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନା ଦୃଷ୍ଟି ରୁ ଇଂରାଜୀ କବି ୱାଡ୍ସୱାର୍ଥ ଙ୍କ ସହ ସମକକ୍ଷ ବୋଲି କହିଥିଲେ। ପ୍ରାରମ୍ଭ ରେ କବି ଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ କରା ଯାଇଥିଲା ।

### ପୁରୀ ଜିଲ୍ଲାରେ ସୁଭଦ୍ରା ଯୋଜନାରେ ତୃତୀୟ କିସ୍ତିରେ

# ୨୦୩ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ରାଶି ପ୍ରଦାନ

ପୁରୀ, (ସବ୍ୟୁ): ରାକ୍ଷି ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ପୁରୀ ଜିଲ୍ଲାରେ ମହିଳା ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନାରେ ତୃତୀୟ କିସ୍ତି ଅର୍ଥ ରାଶି ପ୍ରଦାନ କରା ଯାଇଛି। ପୁରୀ ଟାଉନ ହଲ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥ ରାଶି ପ୍ରଦାନ କରା ଯାଇଛି।

ପୁରୀ ଲୋକ ସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଉପସ୍ଥିତିରେ ମହିଳା ହିତାଧିକାରୀଙ୍କୁ ଏହି ଅର୍ଥ ରାଶି ପ୍ରଦାନ କରା ଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ ୪ ଲକ୍ଷ ୭ ହଜାର ୨୦୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଏହି ଅର୍ଥ ସିଧା ସଳଖ ଜମା ହୋଇଛି। ଏହି ବାବଦରେ ରାଜ୍ୟ ସରକାରଙ୍କର ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବାବଦରେ ମୋଟ ୨୦୩, ୭୦, ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। କୋରାପୁଟର ଜୟପୁରରୁ ମୁଖ୍ୟମନ୍ତ୍ରୀ ମୋହନ



ଚରଣ ମାଝୀ ଅନଲାଇନ ମାଧ୍ୟମରେ ଓଡ଼ିଶାର ଏକ କୋଟି ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରିଥିଲେ।ପୁରୀ ଟାଉନ ହଲ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଯୋଗ ଦେଇ ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ଉପସ୍ଥିତ ସମସ୍ତ ମା ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିଜ ଅଭିଭାଷଣରେ ସରକାର ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ ପାଳନ କରୁଛନ୍ତି ଯାହାର ଉଦାହରଣ ଏହି ସୁଭଦ୍ରା ଅର୍ଥ ପ୍ରଦାନ ବୋଲି କହିଥିଲେ। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୁରୀ ସଦର ବିଧାୟକ ସୁନିଲ କୁମାର ମହାନ୍ତି ସୁଭଦ୍ରା ଯୋଜନା ମାଧ୍ୟମରେ ଲକ୍ଷପତି ହେବାରେ ସମଗ୍ର ଦେଶରେ ଓଡ଼ିଆ ଶ୍ରେଷ୍ଠ ହୋଇଛି।ତୃତୀୟ କିସ୍ତି ଅର୍ଥ ର ସଫଳ ବିନିଯୋଗ ପାଇଁ ସେମାନେ ଅନୁରୋଧ କରିଥିଲେ।

ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ସୁଭଦ୍ରା ହିତାଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୁଭଦ୍ରା ଯୋଜନାର ସଫଳ ହିତାଧିକାରୀ କଣାସ ବ୍ଲକର ସୁଭଦ୍ରା ଜେନା ଓ ପିପିଲି ବ୍ଲକର ଲିଲି ଖଟୋଇ ନିଜ ସଫଳତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

# ଐତିହାସିକ ଭୋଟ ଚୋରିର ପର୍ଦାଫାଶ କରିଛନ୍ତି ରାହୁଲ ଗାନ୍ଧୀ



ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ଗଣତନ୍ତ୍ରକୁ ପତନରୁ ବଞ୍ଚାଇବା ପାଇଁ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ମହାନ ଉଦ୍ୟମ ଥିଲା ଏବଂ ଭାରତୀୟ ଗଣତନ୍ତ୍ରରେ ଏହି ଦିନ ଐତିହାସିକ ହୋଇ ସବୁ ଦିନ ପାଇଁ ସ୍ଥାନ ପାଇବ । ଶୁକ୍ରବାର ଅଖିଳ ଭାରତ କଂଗ୍ରେସ କମିଟି ଅଫିସ ଠାରେ ରାହୁଲ ଗାନ୍ଧୀ ଭୋଟ ଚୋରୀ କେମିତି ନିର୍ବାଚନ ଆୟୋଗ କରିଛନ୍ତି ତାହାକୁ ନେଇ ବିସ୍ଫୋରଣ କରିଥିଲେ। ସମସ୍ତ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧମଙ୍କ ସମ୍ମୁଖରେ ଭାରତୀୟ ନିର୍ବାଚନ ଆୟୋଗ କିଭଳି ଭୋଟ ଚୋରୀ ମାଧମରେ ବିଜେପିକୁ କ୍ଷମତାସୀନ କରିଛନ୍ତି ତାହା ସମ୍ପୂର୍ଣ ତଥ୍ୟ ଏବଂ ପ୍ରମାଣ ସହ ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ବର୍ଣ୍ଣନା କରିଥିଲେ । ନିର୍ବାଚନ ଆୟୋଗଙ୍କ ଏହି ଭୋଟ ଚୋରୀ ପରିପେକ୍ଷୀରେ ଶନିବାର ଓଡିଶା ପ୍ରଦେଶ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ନେତା ବିପକ୍ଷ ରାହୁଲ ଗାନ୍ଧୀଙ୍କ ତଥ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଭୋଟ ଚୋରୀ ବିଷୟରେ ତାର୍କିକ ବିବରଣୀ ପ୍ରଦାନ କରିଥିଲେ । ପିସିସି ସଭାପତି ଶ୍ରୀ ଦାସ କହିଲେ, ଯଦି ଏଭଳି ଭୋଟ ଚୋରୀ ମାଧମରେ ସରକାର ଗଠନ ହୁଏ ତେବେ ଭୋଟର ମର୍ଯ୍ୟାଦା ହାନୀ ହେବା ସହ ସରକାର ଲୋକଙ୍କ ପ୍ରତି ଉତ୍ତରଦାୟୀ ହେବେ ନାହିଁ । ଲୋକମତ ଚୋରୀ କରି କ୍ଷମତାକୁ ଆସିଥିବା ବ୍ୟକ୍ତି କେବେ ଗଣତାନ୍ତ୍ରିକ ବ୍ୟବହାର କରି ପାରିବ ନାହିଁ । ଓଡିଶା ସଂସଦୀୟ ନିର୍ବାଚନ ପରେ ୪୨ ଲକ୍ଷ ଅଧିକ ଭୋଟ ପଡ଼ିଥିବା କଥା ବିଶିଷ୍ଟ ସାମ୍ବାଦିକ ପୁଣ୍ୟ ପ୍ରସୂନ ବାଜପେୟୀ ବାରମ୍ବାର ଉପସ୍ଥାପନ କରିଥିଲେ । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଆୟୋଗ ନେଇ ନଥିଲେ । ଆଶ୍ଚର୍ଯ୍ୟର କଥା ବିଜେଡି ୫୧ ଗୋଟି ବିଧାନସଭା ଆସନ ଜିତିଥିଲେ କିନ୍ତୁ ଗୋଟାଏ ଲୋକସଭା ଆସନ ମଧ ଜିତି ପାରିଲେ ନାହିଁ । ଏହା ଅସମ୍ଭବ । ଧନ୍ୟବାଦ ରାହୁଲ ଗାନ୍ଧୀ ଯିଏ କି ବିଗତ ବର୍ଷ ବର୍ଷ ଧରି ଗଣତନ୍ତ୍ର ଏବଂ ସମ୍ବିଧାନକୁ ବଞ୍ଚାଇବା ପାଇଁ ସତ ସାହସ ଦେଖାଇଛନ୍ତି ଏବଂ ଭୋଟ ଚୋରୀ ରହସ୍ୟ ଜନତାଙ୍କ ଆଗରେ ଉଜାଗର କରିଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନିଜ ବକ୍ତବ୍ୟରେ କହିଲେ ଯେ ଗଣତାନ୍ତ୍ରିକ ରାଜନୀତିରେ ଏଭଳି ଭୋଟ ଚୋରୀ କାର୍ଯ୍ୟ ଆମେ କେବେ ଶୁଣି ନ ଥିଲୁ । ରାହୁଲ ଗାନ୍ଧୀ ତଥ୍ୟ ପ୍ରମାଣ ସହ ନିର୍ବାଚନ ଆୟୋଗଙ୍କ ଭୋଟ ଚୋରୀର ପର୍ଦାଫାଶ ପାଇଁ ଯେଉଁ ସାହାସିକତା ପ୍ରଦର୍ଶନ କରିଛନ୍ତି । ସେଥିପାଇଁ ଆମେ ତାଙ୍କୁ ଧନ୍ୟବାଦ ଦେଉଛୁ । କଂଗ୍ରେସ ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଏବଂ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଯୋଗ ଦେଇଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ତିନିଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ



ବ୍ରହ୍ମପୁର, (ସବ୍ୟୁ): ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ ତମସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମେରେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମ୍ପାଟି ସଭାପତିତ୍ୱ କରିଥିଲେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଲେ ଯେ, ୨୦୪୭ ସୁଦ୍ଧା ଭାରତ ପୃଥିବୀର ସବୁଠାରୁ ପ୍ରଭବଶାଳୀ ଅର୍ଥନୀତି ହେବ। ନୂତନ ଗବେଷଣା, ଅନୁସନ୍ଧାନ ଓ ଆବିଷ୍କାର ଜରିଆରେ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପାଇଁ ପିଏମ ଉଷା ପାଣ୍ଠିରୁ ଶହେ କୋଟି ଟଙ୍କା ମଂଜୁର କରାଯାଇଥିବା ସେ କହିଥିଲେ। ଓ ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପ୍ରୟୋଗଶାଳା ହେଉ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। । ସମ୍ମାନିତ ଅତିଥି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଲେ ଯେ, ଆଜିର ସମାରୋହରେ ଡିଗ୍ରୀ ପାଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଏ ଜାତି ଓ ମାଟିର ଗୌରବ ରକ୍ଷା କରନ୍ତୁ। ତ ବିଶ୍ୱବିଦ୍ୟାଳୟ ପାଇଁ ପିଏମ-ଉଷା ଅନୁଦାନ ସହିତ ରାଜ୍ୟ ସରକାରଙ୍କ ତରଫରୁ ମଧ ୭୪.୫କୋଟି ଟଙ୍କା ମଂଜୁର କରାଯାଇଛି। ଶିକ୍ଷିତବର୍ଗ କିଭଳି ଆତ୍ମନିର୍ଭରଶୀଳ ହେବେ ତାକୁ ଲକ୍ଷ୍ୟରେ ରଖି ଏହକୁ କାର୍ଯ୍ୟକାରୀ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସଚ୍ଚଦାନନ୍ଦ ନାୟକ ମଞ୍ଚାସୀନ ଥିଲେ। ଡ. ସାରଦା ପ୍ରସାଦ ସାହୁ ସଭା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋର ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ମଧ ମଞ୍ଚାସୀନ ଥିଲେ। ଏହି ଅବସରରେ କୃଷି, ବିଜ୍ଞାନ ଓ ପ୍ରତିରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ତିନି ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯାଇଥିଲା। ମିଲେଟ ଉତ୍ପାଦ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କୋରାପୁଟ ଜିଲ୍ଲାର ଡ. ରାଇମତି ଘିଉରିଆ, ଆଣବିକ ବିଜ୍ଞାନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ ମୟୂରଭଞ୍ଜର ଡ. ଅଜିତ କୁମାର ମହାନ୍ତି ଏବଂ ମହାକାଶ ଓ ପ୍ରତିରକ୍ଷା ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କେରଳର ଡ. ଟେସି ଥୋମାସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପାଇଛନ୍ତି। ସମାବର୍ତ୍ତନ ଉତ୍ସବରେ ସମସ୍ତ ବିଭାଗର ଟପ୍ପର ୩୮ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୫୨ ଜଣକୁ ପିଏଚ୍ଡି, ୪ ଜଣକୁ ଡିଲିଟ ପ୍ରଦାନ କରାଯାଇଛି।

# ମା'ବୁଢ଼ି ଠାକୁରାଣୀଙ୍କୁ ଦର୍ଶନ କଲେ ଧର୍ମେନ୍ଦ୍ର ପ୍ରଧାନ



ବ୍ରହ୍ମପୁର ,(ସବ୍ୟୁ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଞ୍ଜାମକୁ ଦୁଇ ଦିନିଆ ଗସ୍ତରେ ଆସି ଶନିବାର 'ରାକ୍ଷୀ ପୂର୍ଣ୍ଣିମା'ର ଅବସରରେ ବ୍ରହ୍ମପୁରର ଆରାଧ ଦେବୀ ମା' ବୁଢ଼ି ଠାକୁରାଣୀଙ୍କ ଦର୍ଶନ କରିଥିଲେ। ମାଁ ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ କରିବା ମୋର ସୌଭାଗ୍ୟ । ମା'ଙ୍କ ମହିମା ଅପାର ରହିଛି।ତାଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ଆହୁରି ସୁଖମୟ ହେଉ, ଏହା କାମନା କରୁଛି ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି,ଟି ଗୋପି, ଅଶୋକ ଶୁକ୍ଲ, ସୁନିଲ କୁମାର ସାହୁ,ପ୍ରଭାତ କିରଣ ଷଡ଼ଙ୍ଗୀଙ୍କ ସମେତ ଜିଲ୍ଲା ଯୁବ ସଭାପତି ଶିବ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜେମାଘାଇରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଧରାକୋଟ,(ସବ୍ୟୁ): ଧରାକୋଟ ବ୍ଲକର ରୁଗୁମୁ ଗାଁରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜେମାଘାଇରେ ଅସାବଧାନତା ବଶତଃ ଖସି ପଡ଼ି ସେହି ଗ୍ରାମର ଦଳିତ ସାହି ବାସିନ୍ଦା ତ୍ରିନାଥ ନାଇକଙ୍କ ପୁତ୍ର କୁମର ନାୟକ (୬୦) ଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଗାଧୋଇବା ପାଇଁ ସେ ଘାଇକୁ ଯାଇଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନେଫରିବାରୁ ଘର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ । ଶନିବାର ସକାଳୁ ଘାଇ ଭିତରେ ଜଣେ ଲୋକର ଶବ ଭାସୁଥିବା ଦେଖି ଲୋକେ ଧରାକୋଟ ଦମକଳ ବାହିନୀ ଓ ବଡଗଡ ଥାନାକୁ ଖବର ଦେଇଥିଲେ । ଦମକଳ ବାହିନୀ ଶବଟିକୁ ଉଦ୍ଧାର କରିବା ପରେ ତାହା କୁମର ଙ୍କର ବୋଲି ଜଣାପଡିଥିଲା । ବଡଗଡ ପୋଲିସ ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ରକ୍ଷାବନ୍ଧନ ଉତ୍ସବ ମହାସମାରୋହରେ ପାଳିତ କରାଯାଇଛି । ଏହି ଉତ୍ସବକୁ ୩ଟି ପର୍ଯ୍ୟାରେ ପାଳନ କରାଯାଇଥିଲା । ପ୍ରଥମ ପର୍ଯ୍ୟାର ପ୍ରାରମ୍ଭ ଶ୍ରେଣୀଠାରୁ ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଉତ୍ସବ ପାଳନ ହୋଇଥିଲା । ସେହିପରି ୨ୟ ପର୍ଯ୍ୟାୟରେ ପଞ୍ଚମ ଶ୍ରେଣୀଠାରୁ ଦଶମ ଶ୍ରେଣୀର ଛାତ୍ରଛାତୀ ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ପାଥୋଲୋଜି ବିଭାଗର ବିଶେଷଜ୍ଞ ଶ୍ରୀମତୀ ଡା. ପ୍ରତିଭା ମିଶ୍ର ଯୋଗଦେଇଥିଲେ । ଶେଷ ପର୍ଯ୍ୟାୟରେ ଯୁକ୍ତ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରଛାତ୍ରୀ ଭାଇଭଉଣୀମାନେ ଅଂଶ ଗ୍ରହଣ କରିଥିଲେ । ରକ୍ଷାବନ୍ଧନ ଉତ୍ସବର ଏହି ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ଷ୍ଟେଟ୍ ବାର୍ କାଉନ୍ସିଲ୍, ଓଡ଼ିଶାର ସଦସ୍ୟ ତଥା ବରିଷ୍ଠ ଅଧିବକ୍ତା ପିତବାସ ପଣ୍ଡା ଯୋଗଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଅତିଥିପରିଚୟ ପ୍ରଦାନ କରିଥିଲେ ଯୁକ୍ତ୨ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ଆହୁତି ପଟ୍ଟନାୟକ, ଶିଶୁଙ୍କ ଭାଷଣରେ ଅଂଶଗ୍ରହଣ କରିଥିଲେ ଦଶମଶ୍ରେଣୀ ଛାତ୍ରୀ ସୁଶ୍ରୀ ଶ୍ରୀୟା ଜ୍ୟୋର୍ତିମୟୀ ପାଢ଼ୀ ଓ ବ୍ୟକ୍ତିଗତ ଗୀତ ଗାନ କରିଥିଲେ ସୁଶ୍ରୀ ଶ୍ରେୟାଶ୍ରୀ ସାହୁ ।କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟାନ୍ୟ ମାନ୍ୟଗଣ୍ୟ ବକ୍ତିଙ୍କ ମଧ୍ୟରୁ ଅନୁଷ୍ଠାନ ପରିଚାଳନା କମିଟିର ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡାକୁଆ, ଉପଦେଷ୍ଟା ସୁଦର୍ଶନ ପାଢ଼ୀ, ସଦସ୍ୟା ଇଂ. ମମତା ପାଣିଗ୍ରାହୀ, ସଦସ୍ୟା ଶ୍ରୀମତୀ ପ୍ରଣତି ସାମଲ, ସଦସ୍ୟ ହରିକୃଷ୍ଣ ପାଢ଼ୀ, ଦେବେନ୍ଦ୍ର ପାଢ଼ୀ, ସୁରେନ୍ଦ୍ର ପଣ୍ଡା ଅନୁଷ୍ଠାନର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଓ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଏସ୍. ମୋହନ ରାଓ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଅନ୍ତିମଚରଣରେ ୨ଯୁକ୍ତ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ବଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେପାରୁଆ ଗାଡ଼ି ଚାଳନା ବୃଦ୍ଧକୁ ଧକ୍କା ଦେଇ ଓଲଟିଲା କାର

ଧରାକୋଟ ,(ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଢ଼ଉଗାଁ ପଞ୍ଚାୟତ କେ. ରାମଚନ୍ଦ୍ରପୁର ଠାରେ ମର୍ମନ୍ତୁଦ କାର ଦୁର୍ଘଟଣା । ୩ ନାବାଳକଙ୍କ ବେପାରୁଆ ଭାବେ ଗାଡ଼ି ଚାଳନା ବେଳେ ରାସ୍ତା କଡରେ ଠିଆ ହୋଇଥିବା ବୃଦ୍ଧକୁ ଧକ୍କା ଦେଇ ଓଲଟିଲା କାର । ଫଳରେ ୨ଜଣ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତର ହେଲେ ଧରାକୋଟ ବ୍ଲକ ଢ଼ଉଗାଁ ପଞ୍ଚାୟତ କେ ରାମଚନ୍ଦ୍ରପୁର ଗ୍ରାମର ବର୍ଷୀୟ ମହୋନ କର (୭୦)ଓ ବାହାଡ଼ାଗୁଡା ଗ୍ରାମର ସିପୁନି ବିଷୋୟୀ (୧୫)। ଧରାକୋଟ ବ୍ଲକ ଢ଼ଉଗାଁ ପଞ୍ଚାୟତ ବାହାଡାଗୁଡା ଗ୍ରାମର ତିନି ନାବାଳକ, ସିପୁନ ବିଷୋୟୀ, ସୟଂ ବିଷୋୟୀ, ଓ କିରଣ ଗୌଡ ବେପାରୁଆ ଭାବେ କାର ଚଲେଇ ମୁଣ୍ଡମରେଇ ଯିବା ସମୟରେ ରାସ୍ତାରେ କଡରେ ଠିଆ ହୋଇଥିବା ୭୦ ବର୍ଷୀୟ ବୃଦ୍ଧ ମୋହନ କରକୁ ଧକ୍କା ଦେଇ କାରଟି ପୁରା ଫିଲ୍ମ ଷ୍ଟାଇଲରେ ଓଲଟିଯାଇଥିଲା । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । ମହୋନ କରଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଗୁରୁତର ସିପୁନ ଆସିକା ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଘଟଣାସ୍ଥଳରେ ଧରାକୋଟ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

# ବିଶ୍ୱ ଆଦିବାସୀ ଦିବସ ପାଳନ



ବାରିପଦା, (ସବ୍ୟୁ): ସାଧନା ଓ ସହଯୋଗ ଅନୁଷ୍ଠାନ ତରଫରୁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଅଛି। ସାଧନାର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ଏହି ଉତ୍ସବ ଉଦ୍ଘାଟନ କରିଥିଲେ । ସାଧନା ପ୍ରୋଗ୍ରାମ ମ୍ୟାନେଜର ସମୀରଣ ଘୋଷ ବିଶ୍ୱ ଆଦିବାସୀ ଦିବସର ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହା ପରେ ଡାଃ ସୁଧୀର କୁମାର କିସ୍କୁ ଏଚଓଡ଼ି- ରସାୟନିକ ବିଭାଗ ମହାରାଜା ପୂର୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଜନୀତି ତଥା ସମାଜ ସେବିକା ବାସନ୍ତୀ ମୁଣ୍ଡା, ମୁଣ୍ଡାରୀ କଳାକାର ଦୀପା ସିଂ, ସାନ୍ତାଳି କଳାକାର ସାଗୁନ ଶିଙ୍ଗଲ ହାଁସଦାଃ, ଗୁଡିଆଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ରିତୁପର୍ଣ୍ଣା ମଲ୍ଲିକ, ଜାତୀୟ ଯୁବ ପ୍ରକଳ୍ପର ସମାଜ ସେବିକା ରୂପାଲୀ ହାତୀ ତଥା ଶିକ୍ଷା ବିଭାଗରୁ ଆସିଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଆଦିବାସୀ ପିଲା ଓ ଜନଜାତି ମାନଙ୍କର ଶିକ୍ଷାର ମାନଦଣ୍ଡ ଓ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶୀତାକୁ ଦେଖାଇବା ସହ ସରକାରଙ୍କର ବିଭିନ୍ନ ଯୋଜନା ସହ ଅନ୍ତର୍ଭୁକ୍ତି ହୋଇ ନିଜର ଆର୍ଥିକ ଓ ସାମାଜିକ ସଶକ୍ତୀକରଣକୁ ବଢ଼ାଇ ପାରିବେ ସେ ଦିଗରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟାନ୍ୟ ସ୍ୱେଚ୍ଛାସେବୀ/ ସମାଜସେବୀ ଅତିଥିମାନେ ମଧ ବିଶ୍ୱ ଆଦିବାସୀ ଦିବସର ଗୁରୁତ୍ୱ ସହ ସେମାନଙ୍କର ପ୍ରକୃତି ଓ ମାଟି ପାଇଁ ଥିବା ଗଭୀର ଭଲ ପାଇବା ଓ ଜଳବାୟୁ ଉପଯୋଗୀ ପରିବେଶ ପାଇଁ ଜଙ୍ଗଲ ସୁରକ୍ଷାର ମହତ୍ତ୍ୱ ଉପରେ ଗଭୀର ଆଲୋକପାତ କରିଥିଲେ। ଏହି ଅବସରରେ ନାଚ, ଗୀତ ଓ ଆଦିବାସୀ କଳାକୁ ଗୁରୁତ୍ୱ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । ଶେଷରେ କଳାକାରମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିବା ସହ ପୁରସ୍କାର ବିତରଣ ମଧ କରାଯାଇଥିଲା ।

# ୨୨ବର୍ଷରେ ନିଆରା ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ




ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରୁ ୨୦୦୪ ମସିହାରେ ଆରମ୍ଭ କରାଯାଇଥିବା ନିଆରା ଜଙ୍ଗଲ ରକ୍ଷା ବନ୍ଧନ ଦୀର୍ଘ ୨୨ବର୍ଷ ମଧ୍ୟରେ ଆଜି ସାରା ଭାରତ ବର୍ଷର ବିଭିନ୍ନ କୋଣ ଅନୁକୋଣରେ ପାଳନ କରାଯାଉଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଚେତନ ନାଗରିକ ଗଛରେ ରାକ୍ଷୀଟିଏ ବାନ୍ଧି ଏହି କାର୍ଯ୍ୟକ୍ରମକୁ ପାଳନ କରୁଛନ୍ତି। ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଗଣ୍ଡିଆଡିହା ଗ୍ରାମରେ ଜିଲ୍ଲାସ୍ତରୀୟ ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ ବେଶ୍ ଜାକଜମକରେ ପାରମ୍ପରିକ ପୁଜା ଅର୍ଚ୍ଚନା ପରେ ଗଛର ରାକ୍ଷୀ ବାନ୍ଧି ପାଳନ କରାଯାଇଥିଲା। ପରିବେଶବିତ ତଥା ଜଙ୍ଗଲ ରକ୍ଷା ବନ୍ଧନ କାର୍ଯ୍ୟକ୍ରମକୁ ପ୍ରଥମେ ଆରମ୍ଭ କରିଥିବା ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ୨୦୦୪ ମସିହାରେ ଆରମ୍ଭ କରାଯାଇଥିବା ପ୍ରଥମ ଜଙ୍ଗଲ ରକ୍ଷା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିବା ଡଃ ଦେବବ୍ରତ ସ୍ୱାଇଁ ଶନିବାର ଦିନ ୨୨ତମ ଜଙ୍ଗଲ ରକ୍ଷା କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟବନ ସଂଗ୍ରକ୍ଷକ ତଥା ଓଡିଶା ଲୋକାୟୁକ୍ତ ସଦସ୍ୟ ଡଃ ଦେବବ୍ରତ ସ୍ୱାଇଁ, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଉପନିର୍ଦ୍ଦେଶକ ଡଃ ସମ୍ରାଟ ଗୌଡା, ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ, ଅତିରିକ୍ତ ପୋଲିସ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ସହକାରୀ ବନ ସଂରକ୍ଷକ ମେହେରବାନ ଅଲ୍ଲୀ, ରାସଗୋବିନ୍ଦପୁର ରେଞ୍ଜ ଅଫିସର ଘନଶ୍ୟାମ ସିଂ, ବାଙ୍ଗିରିପୋଷି ରେଞ୍ଜ ଅଫିସର ମହେଶ୍ୱର ସିଂ, ଦେଉଳି ଫରେଷ୍ଟର ଆଶିଷ କୁମାର ବେହେରା, ସ୍ୱାର୍ଡା ଅନୁଷ୍ଠାନର ସଞ୍ଜୟ ଦ୍ୱାରୀ, ମୋହନ ମୁର୍ମୁ, ସାଉଁନା ମୁର୍ମୁ ଶୁଳିଆପଦା ବ୍ଲକ ଉପସଭାପତି ଜ୍ୟୋତି ଲାଲ ବାରିକ, ଉଫାଲଗଡିଆ ପୂର୍ବତନ ସରପଞ୍ଚ ଶଶିକାନ୍ତ ବିଶୋଇ, ପାକଟିଆ ସରପଞ୍ଚ ସତ୍ୟବାନ ସିଂ, ଜନ୍ମେଜୟ ମହାନ୍ତ, ଶଙ୍କର ମହାନ୍ତ ପ୍ରମୁଖ ଶତାଧିକ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦାନ କରି ଜଙ୍ଗଲରେ ରାକ୍ଷୀ ବାନ୍ଧି ଉତ୍ସବକୁ ପାଳନ କରିଥିଲେ।

# ଅଗଷ୍ଟ କ୍ରାନ୍ତିରେ ଦିବସରେ ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା



ବ୍ରହ୍ମପୁର,(ସବ୍ୟୁ) : ଶନିବାର ସ୍ଥାନୀୟ ରାମଲିଙ୍ଗେଶ୍ୱର ପାର୍କ ନିକଟରୁ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ତ୍ରିରଙ୍ଗା ଶୋଭାଯାତ୍ରା ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାମଲିଙ୍ଗେଶ୍ୱର ପାର୍କ ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅଗଷ୍ଟ ମାସରେ ବ୍ରିଟିସ ଶାସନର ଅବସାନ ଘଟିଥିଲା ତେଣୁ ଅଗଷ୍ଟ ମାସ କ୍ରାନ୍ତି ଦିବସ ଭାବେ ପାଳନ କରାଯାଉ ଥିବା ଅବସରରେ ପାର୍କରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଗିରିଜା ଛକ, ଅର୍ବାନ ବ୍ୟାଙ୍କ ରୋଡ,ଅର୍ଣ୍ଣ ପୂର୍ଣ୍ଣା ବଜାର,ପୁରଣା ବସଷ୍ଟାଣ୍ଡ, ଟେଲିଫୋନ ଭବନ ରୋଡ ଦେଇ ପିଭିଏନ ରାଓ ଛକ ଠାରେ ଥିବା ମହାନ ବୀପ୍ଳବୀ ସ୍ୱାଧିନତା ସଂଗ୍ରାମୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ତ୍ରିରଙ୍ଗା ଯାତ୍ରା ସମାପନ ହୋଇଥିଲା। ଏହି ଯାତ୍ରାରେ ମୁଖ୍ୟ ଅତିଥି ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଅଶୋକ କୁମାର ଶୁକ୍ଲ,ବାଳକୃଷ୍ଣ ସାମନ୍ତରାୟଙ୍କ ସମେତ ଯୁବ ବିଜେପି ସଭାପତି ଶିବ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଅନୁଷ୍ଠାନ କର୍ମକର୍ତ୍ତା ଓ ଅବସର ପ୍ରାପ୍ତ ସୈନିକ ହଜାର ହଜାର ଲୋକ ତିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ।

## ଗଜ ବନ୍ଧୁ ଅଭିଯାନର ଶୁଭାରମ୍ଭ

ବାରିପଦା, (ସବ୍ୟୁ): ହାତୀ ଓ ମଣିଷ ମଧ୍ୟରେ ବଢୁଥିବା ବିବାଦ ବର୍ତ୍ତମାନ ସମୟରେ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ସରକାରୀ ସ୍ତରରେ ଲୋକଙ୍କ କ୍ଷୟ କ୍ଷତିର ଭରଣା ପାଇଁ ବ୍ୟବସ୍ଥା କରାଯାଉଛି। ହାତୀର ସଠିକ୍ ଉପସ୍ଥିତି, କ୍ଷୟ କ୍ଷତିର ସଠିକ୍ ମୂଲ୍ୟାୟନ, ହାତୀକୁ କ୍ଷତି ନ ପହଞ୍ଚାଇବା ଓ ହାତୀ ସମ୍ପର୍କରେ ବ୍ୟାପକ ସଚେତନତା କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଗଜ ବନ୍ଧୁ ଅଭିଯାନ ହାତୀ ମଣିଷ ବିବାଦକୁ ହ୍ରାସ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବ ଓ ଏଥିରେ ଗ୍ରାମବାସୀ, ପଞ୍ଚାୟତର ପ୍ରତିନିଧି, ଯୁବକ ସଂଘ, ମହିଳା ଗୋଷ୍ଠୀ, ପୋଲିସ ପ୍ରଶାସନ, ବିଜୁଳି ବିଭାଗ, ସ୍କୁଲ ଓ କଲେଜ ପିଲା ମାନଙ୍କୁ ସାମିଲ କରାଯିବ। ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପରିସର ର ସଂକଳ୍ପ ସମ୍ମିଳନୀ କକ୍ଷରେ ଗଜ ବନ୍ଧୁ ଅଭିଯାନର ଶୁଭାରମ୍ଭ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ବନଖଣ୍ଡ ଅଧିକାରୀ ଉମା ମହେଶ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଦ୍ୱାରା କରାଯାଇଥିଲା ।

## ଗଞ୍ଜାମ ଜିଲ୍ଲା : ୯ ଲକ୍ଷ ୫ ହଜାର ୪୨୧ଜଣଙ୍କ ଖାତାକୁ ଗଲା ସୁଭଦ୍ରା ତୃତୀୟ କିସ୍ତି



ଛତ୍ରପୁର, (ସବ୍ୟୁ): ରକ୍ଷା ବନ୍ଧନରେ ରାଜ୍ୟ ସରକାରଙ୍କ ଭେଟି, ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସିଲା 'ସୁଭଦ୍ରା' ଟଙ୍କା, କୋରାପୁଟ ଜିଲାର ଜୟପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଇଚ ଚିପି ୧ କୋଟିରୁ ଉର୍ଦ୍ଧ୍ୱ ସୁଭଦ୍ରା ଭଉଣୀଙ୍କୁ ତୃତୀୟ କିସ୍ତିର ୫ ହଜାର ଟଙ୍କା ଲେଖାଏଁ ବ୍ୟାଙ୍କ ଖାତାକୁ ପ୍ରଦାନ କରିଛନ୍ତି।ଏହି ଅବସରରେ ଛତ୍ରପୁର ଅନସ୍ଲୋ ସ୍କୁଲ ପଡିଆରେ ଆୟୋଜିତ ଗଞ୍ଜାମ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୋଟ ୯ ଲକ୍ଷ ୫ ହଜାର ୪୨୧ଜଣ ଙ୍କ ହିତାଧିକାରୀଙ୍କ ଖାତାକୁ ଯାଇଛି ।ସୁଭଦ୍ରା ଟଙ୍କା ଆୟୋଜିତ କାର୍ଯ୍ୟକ୍ରମ ରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ,ପୂର୍ବତନ ଗଞ୍ଜାମ ବ୍ଲକ ଡ଼ଃ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ ବିଭିନ୍ନ ଅଂଚଳ ରୁ ହିତାଧିକାରୀ ମାନେ ପ୍ରମୁଖ ଉପସ୍ଥିତ ରହିବା ସହ ଟଙ୍କା ଆସିଥିବାରୁ ଖୁସି ଜାହିର କରିଥିଲେ।

# ରାକ୍ଷୀ ପୂର୍ଣ୍ଣିମାରେ ମହିଳାଙ୍କୁ ସୁଭଦ୍ରା ଟଙ୍କା

ଢେଙ୍କାନାଳ ,(ସବ୍ୟୁ) :, ଢ଼େଙ୍କାନାଳ ଜିଲ୍ଲାରେ ଥିବା ମହିଳା ତଥା ସୁଭଦ୍ରା ହିତାଧିକାରୀଙ୍କୁ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯାଇଛି ।ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନାର ତୃତୀୟ କିସ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କୋରାପୁଟର ଜୟପୁର ଠାରେ ରାଜ୍ୟର ୧ କୋଟି ମହିଳା ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଯୋଗୁଁ ମା ଓ ଭଉଣୀ ମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ଏହି ସହାୟତା ରାଶି ବିନିଯୋଗ କରି ନିଜର ଆବଶ୍ୟକତା ପୂରଣ କରିବା, ବିଭିନ୍ନ କୁଟୀର ଶିଳ୍ପ କାର୍ଯ୍ୟରେ ବିନିଯୋଗ କରି ନିଜ ପରିବାରର ଉନ୍ନତିରେ ସହାୟକ ହୁଅନ୍ତୁ ବୋଲି ଆଶା ପ୍ରକାଶ କରିଛନ୍ତି । ଉତ୍ସବରେ କାମାକ୍ଷାନଗରର ବିଧାୟକ ଶତୃଘ୍ନ ଜେନା, ପୌର ପରିଷଦର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଢ଼େଙ୍କାନାଳ ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ , ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଢ଼େଙ୍କାନାଳ ଜିଲ୍ଲାର ମା ଭଉଣୀ ମାନେ କିପରି ଏହି ଯୋଜନା ଦ୍ୱାରା କିପରି ଲାଭାନ୍ୱିତ ହୋଇପାରିବେ ସେ ସଂପର୍କରେ ମତବ୍ୟକ୍ତ କରିଥିଲେ । ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସଂପର୍କୀତ ଅନୁଷ୍ଠିତ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ ।



# ଦଣ୍ଡସିଂହା ଗ୍ରାମରେ ପୁଲିସର ଚଢ଼ାଉ

## ୫୪.୪୮୦ଗ୍ରାମ ଧଳାଜହର ଜବତ : ୨ଅଭିଯୁକ୍ତ ଅଦାଲତ ଚାଲାଣ

## କାର, ବୁଲେଟ,୪୮ ହଜାର ୭ଶହ ଟଙ୍କା , ମୋବାଇଲ ଫୋନ, ସୁନା ଅଳଙ୍କାର ଜବତ

କଣିହାଁ, (ସବ୍ୟୁ): ଧଳା ଜହର (ବ୍ରାଉନସୁଗାର) ଏବେ ଗ୍ରାମରେ ମିଳିଛି। ଅନୁଗୋଳ ଜିଲା କଣିହାଁ ବ୍ଲକ କଣିହାଁ ଥାନା ଅନ୍ତର୍ଗତ ଦଣ୍ଡସିଂହା ଗ୍ରାମରେ ପୁଲିସ ଚଢ଼ାଉ କରି ଜବତ କରିବା ଘଟଣା କଣିହାଁ ଅଂଚଳରେ ଆଲୋଡନ ସୃଷ୍ଟି କରିଛି। ଗତ ୮ ରିଖ ଦିନ ଅପରାହ୍ନ ୩ଘଟିକା ସମୟ ରେ ଅନୁଗୋଳ ସ୍ୱତନ୍ତ୍ର ସ୍କ୍ୱାଡ ପୁଲିସ କଣିହାଁ ଓ ଏନଟିପିସି ଥାନା ପୁଲିସ ସହାୟତାରେ କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ଗଣେଶ୍ୱର ମହାନ୍ତିଙ୍କ ଘରେ ଚଢାଉ କରିଥିଲେ। ଚଢ଼ାଉ ବେଳେ ପୁଲିସ ତାଙ୍କ ଘରୁ ୫୪.୪୮୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ନଗଦ ୪୮ହଜାର ୭ ଶହ ଟଙ୍କା, ଏକ ମାରୁତି ସୁଇଫଫ ଡିଜିଆର କାର, ଏକ ବୁଲେଟ, ସୁନା ଅଳଙ୍କାର, ମୋବାଇଲ ଫୋନ , ବ୍ୟାଙ୍କ କାଗଜ ପତ୍ର ଇତ୍ୟାଦି ତାଙ୍କ ଘରୁ ଜବତ କରାଯାଇଛି। ପୁଲିସ ଉକ୍ତ କାରବାରରେ ସଂପୃକ୍ତ ୨ଜଣଙ୍କୁ ଗିରଫ କରି ଶନିବାର ଅଦାଲତ ଚାଲାଣ କରିଛି। ସେମାନେ ହେଲେ କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ଗଣେଶ୍ୱର ମହାନ୍ତି (୩୦) ଓ କଣିହାଁ ଥାନା କମରେଇ ଗ୍ରାମର ଜ୍ଞାନରଞ୍ଜନ ସାହୁ (୩୨)। ତଦନ୍ତ ବେଳେ ଉକ୍ତ ଧଳା ଜହର ସେମାନେ ନୟାଗଡ଼ ଅଞ୍ଚଳରୁ ଆଣୁଥିବା ପୁଲିସ ପ୍ରକାଶ କରିଛନ୍ତି। ଧଳା ଜହର କଣିହାଁ ରେ ମିଳୁଥିବା ଅନୁଗୋଳ ସ୍ୱତନ୍ତ୍ର ସ୍କ୍ୱାଡ ପୁଲିସ ଜାଣି ଆସି ଚଢାଉ କରୁଛି ମାତ୍ର ଏଠିକାର ପୁଲିସ ଓ ଅବକାରୀ ବିଭାଗ କିପରି ଜାଣି ପାରୁନି? ଏନଟିପିସି , କଣିହାଁ ଓ ସମଲ ଥାନା ଅଂଚଳରେ କୋଡ଼ିଷ୍ଟର, ଆଲପ୍ରାକ୍ସ (ନିଶା ମେଡ଼ିସିନ୍), ଗଞ୍ଜେଇ ଓ ଅନ୍ୟାନ୍ୟ ନିଶା ଖୁଲମ୍ ଖୁଲା ବିକ୍ରି ହେଉଛି। ଏହା କବଳରେ ଯୁବଗୋଷ୍ଠୀ ପଡିଲେଣି। ଏବେ ଧଳାଜହର ମିଳିଲାଣି ଆଗକୁ ଯୁବ ସମାଜର ବ୍ୟବସ୍ଥା କଣ ହେବ? ଅବକାରୀ ବିଭାଗ, ପୁଲିସ, ଡ୍ରଗସ କଣ୍ଟ୍ରୋଲର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଜନ ସାଧାରଣ ରେ ଦାବୀ ହୋଇଛି।




# ଶିଶୁ ମନ୍ଦିରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

ଢେଙ୍କାନାଳ, (ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲାରେ ସହର ଉପକଣ୍ଠସ୍ଥ ସରସ୍ୱତୀ ଶିଶୁ ମନ୍ଦିର ସୁନ୍ଦରୀଖାଲ ପରିସରରେ ବହୁ ଆଡମ୍ବର ସହକାରେ ରକ୍ଷାବନ୍ଧନ ଉତ୍ସବ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର କୋଷାଧ୍ୟକ୍ଷ ଉମାପ୍ରସାଦ ପଟ୍ଟନାୟକ ଦୀପ ପ୍ରଜ୍ୱଳନ କରି ରକ୍ଷାବନ୍ଧନର ମହିମାମୟ ପରମ୍ପରା ବିଷୟରେ ଶିଶୁମାନଙ୍କୁ ଅବଗତ କରାଇଥିଲେ। ସମ୍ପାଦକ ଗଗନ ବିହାରୀ ନାୟକ, ସଭାପତି ବାବୁଚାନ୍ଦ ମହାଲିକ ଶିଶୁମାନଙ୍କୁ ମାର୍ଗ ଦର୍ଶନ କରି ଆଶୀର୍ବାଦ ପ୍ରଦାନ କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ଅରୁନ୍ଧତୀ ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପର୍ଯ୍ୟାୟ-ପ୍ରମୁଖ ମଧୁସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବସ୍ତି ଅଂଚଳରେ ସଂସ୍କାର କେନ୍ଦ୍ରରେ ରାକ୍ଷୀ ବାନ୍ଧିବା ପାଇଁ ଗଗନ ଗୁରୁଜୀ, ସଞ୍ଜୀବ ଗୁରୁଜୀ, ରାଜେନ୍ଦ୍ର ଗୁରୁଜୀ, ଚିନ୍ତାମଣି ଗୁରୁଜୀ, ଅଶୋକ ଗୁରୁଜୀ, ଶିତାଂଶୁ ଗୁରୁଜୀ, ସୁଶାନ୍ତ ଗୁରୁଜୀଙ୍କ ସହିତ ଅନ୍ୟାନ୍ୟ ଗୁରୁଜୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରାଙ୍କ ଉପସ୍ଥିତିରେ ନବଗଠିତ ପରିଚାଳନା ସମିତିଙ୍କ ପରିଚୟ ବୈଠକ ସହ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା।

# କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

ସାଉଥବଲଣ୍ଡା,(ସବ୍ୟୁ) :, ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୱତ୍ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ କଳମଛୁଇଁ ସରପଂଚ ଅନୀଲ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟ ମଳୟ ଦାସ, ସମ୍ମାନୀତ ଅତିଥି ଭାବରେ କବି ତ୍ରିନାଥ ସାହୁ, ସାମ୍ବାଦିକ ବିକାଶ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଂଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନେ ଭାରତୀୟ ସଂସ୍କୃତିରେ ରକ୍ଷା ବନ୍ଧନର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଏହାପରେ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ବୃକ୍ଷଗୁଡିକର ପୂଜାର୍ଚ୍ଚନା କରିବା ସହ ରକ୍ଷାବନ୍ଧନ କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ତଥା ଗୁରୁଜୀ, ଗୁରୁମା ପରସ୍ପର ହାତରେ ରାଖୀ ବାନ୍ଧିଥିଲେ । ଏହାପରେ ସଂସ୍କାର କେନ୍ଦ୍ରର ଛାତ୍ରମାନଙ୍କୁ ମଧ ରକ୍ଷାବନ୍ଧନ ଉସିବରେ ସାମିଲ କରାଯାଇ ଗୁରୁମାମାନେ ରାଖୀ ବାନ୍ଧିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ସରସ୍ୱତୀ ସାହୁ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପଂ*ାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ, ଚତୁର୍ଭୁଜ ସାହୁ, ଟୁନିତା ସାହୁ, ସରିତା ନାୟକ, କୁମଦ ବେହେରା, ଭଗବାନ ବେହେରାଙ୍କ ସହ ସମସ୍ତ ଗୁରୁଜୀ, ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଗଡେଇମୁଣ୍ଡା ଗ୍ରାମର ବିପିଏଲ କରଣ ଓ ତାଙ୍କ ପତ୍ନୀଙ୍କୁ ସେହି ଗ୍ରାମର ଇଶ୍ୱର କରଣ , ପ୍ରଶାନ୍ତ କରଣ, ମାଡ ମରିଥିବା ବିପିଏଲ କରଣ ହଣ୍ଡପା ଥାନାରେ ଶୁକ୍ରବାର ଦିନ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭୀତକରି ପୋଲିସ ୨୯୫/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ ବିପିଏଲ ଓ ତାଙ୍କ ପନୀ ଘରେ ଥିବା ବେଳେ କୌଣସି କାରଣ ନ ଥାଇ ଇଶ୍ୱର ଓ ପ୍ରଶାନ୍ତ ଆସି ତାଙ୍କୁ ମାଡ ମାରିଥିଲେ। ଏ ପରିକି ହତ୍ୟା କରିବା ପାଇଁ ଧମକ ଦେଇଥିବା ବିପିଏଲ ଥାନା ରେ ଅଭିଯୋଗ କରିଛନ୍ତି।

# ଦେଶୀ ବନ୍ଧୁକ ଜବତ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଗତିକୃଷ୍ଣପୁର ଗ୍ରାମରୁ ଶୁକ୍ରବାର ଦିନ ହଣ୍ଡପା ପୋଲିସ ଚଢଉ କରି ବିରେନ ଦେହୁରି ଙ୍କ ଘରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏ ନେଇ ହଣ୍ଡପା ପୋଲିସ ନମ୍ବର ୨୯୩/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ ବିରେନ ଘରେ ବେଆଇନ ଭାବରେ ଚୋରା ବନ୍ଧୁକ ରଖି ଜନ୍ତୁ ଶିକାର କରୁଥିଲେ। ଖବର ପାଇ ହଣ୍ଡପା ପୋଲିସ ଚଢଉ କରି ଗିରଫ କରିଥିଲେ।

# ଡ଼କାୟତି ଯୋଜନା ପଣ୍ଡ : ୨ଗିରଫ

ତାଳଚେର,(ସବ୍ୟୁ) : ଗତକାଲି ୫ରୁ ୬ଜଣ ଦୁର୍ବୃତ ମାରଣାସ୍ତ୍ର ରଖି ତାଳଚେର ଥାନା ଅନ୍ତର୍ଗତ ସ୍କଟଲ୍ୟାଣ୍ଡପୁର ଜଙ୍ଗଲରେ ବସି ଡ଼କାୟତି ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ତାଳଚେର ଥାନା ଅଧିକାରୀ ଖବର ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ସେଠାରେ ଆତର୍କିତ ଚଢ଼ାଉ କରିଥିଲେ । ପୋଲିସ୍ ଫହଚି ଦେଖିଲେ ଦୁର୍ବୃତମାନେ ଜଙ୍ଗଲ ମଝିରେ ଅଳ୍ପ ଆଲୋକରେ ଅସ୍ତ୍ରଶସ୍ତ୍ର ଧରି ବସିବା ସହ ଚୁପଚାପ ବାର୍ତାଳାପ କରୁଛନ୍ତି । ପୋଲିସ୍ ସେମାନଙ୍କୁ ଘେରିବା ସମୟରେ ଉକ୍ତ ଦୁର୍ବୃତମାନେ ହାତରେ କଟରା, ଲୁହାରଡ଼ ଓ ପିସ୍ତଲ ଧରି ପୋଲିସ୍‌କୁ ଆକ୍ରମଣ କରିବାକୁ ଉଦ୍ୟତ ହେବା ସହ ଉକ୍ତ ସ୍ଥାନର ଦୌଡ଼ିବାକୁ ଲାଗିଲେ ମାତ୍ର ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟାମାନେ ଖସି ପଳାଇଥିଲେ । ଧରା ପଡ଼ିଥିବା ଦୁଇଜଣ ସ୍କଟଲ୍ୟାଣ୍ଡପୁରର କେଦାର ଗୋଛାୟତ(୩୨), ଅନ୍ୟଜଣେ ଖମାର ଥାନା ଅଂଚଳ କଂଟିଆପଶି ଗ୍ରାମର ଦୀପକ ପ୍ରଧାନ (୩୩) ଓ ଯେଉଁମାନେ ଫେରାର ଅଛନ୍ତି ସେମାନେ ହେଲେ ତାଳଚେର ବାଘୁଆବୋଲ ବିକାଶ ନାଏକ, ବାପୁଜୀ ନଗରର ସିପୁ ନାଏକ, ରାଧାରମଣପୁର ଗ୍ରାମର ଆଲୋକ ଭୂତିଆ ବୋଲି ଜଣାପଡ଼ିଥିବା ସହିତ ସେମାନଙ୍କର ନିକଟରୁ ଗୋଟିଏ ପିସ୍ତଲ, ଲୁହା କଟୁରୀ, ଭିଭୋ ମୋବାଇ ଓ ରିଅଲମି ମୋବାଇଲ ଜବତ କରିବା ସହ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବ ବୋଲି ପୋଲିସ ପ୍ରକାଶ କରିଛଛି ।




# କାପୁଡ଼ିଆ ସମାଜ ପକ୍ଷରୁ ବଳଦେବ ଜୀୟୁଙ୍କ ଜନ୍ମୋତ୍ସବ ଓ ରକ୍ଷା ବନ୍ଧନ ପାଳିତ

ଭୁବନ, (ସବ୍ୟୁ) : ଭୁବନରେ ସର୍ବାଧିକ ତଥା ଜନ ବହୁଳ ଜାତି / ସମ୍ପ୍ରଦାୟ କାପୁଡ଼ିଆ ସମାଜ ତରଫରୁ ବିପୁଳ ଉତ୍ସାହ ଉଦ୍ଦୀପନା ଓ ଶ୍ରଦ୍ଧା ଭକ୍ତିର ସହ ବଳଦେବ ଜୀୟୁଙ୍କ ଜନ୍ମୋତ୍ସବ ଓ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବେହେରା ସାହି ସ୍ଥିତ ମନ୍ଦିରରେ ପ୍ରଭୁ ବଳଦେବ ଜୀୟୁଙ୍କ ପୂଜାର୍ଚ୍ଚନା କରାଯାଇ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ତଥା ବରିଷ୍ଠ କର୍ମକର୍ତ୍ତା ଓ ଯୁବକମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅପରାହ୍ନ ୨ ଘଟିକା ସମୟରେ ପ୍ରଭୁ ବଳଦେବଜୀୟୁ ଓ ରାଧା କୃଷ୍ଣଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ବାଜା, ପାରମ୍ପରିକ ବାଦ୍ୟ, ଶିଙ୍ଗ ବାଜା, ଭାଙ୍ଗଡା ବାଜା, ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ସହର ପରିକ୍ରମା କରାଯାଇଥିଲା। କାପୁଡ଼ିଆ ସମାଜ ଭୁବନ, ସଭାପତି ରାମ ଚନ୍ଦ୍ର ରାଉତଙ୍କ ନେତୃତ୍ୱ, ରାଜ୍ୟ ସଂଗଠନ ସମ୍ପାଦକ ଦିଲୀପ କୁମାର ଦାସଙ୍କ ତ%୦ବଧାନ ଓ ୨୦ ଜଣ ବେହେରା, ୨୦ ଜଣ ପରିମାଣିକ ଏବଂ କାପୁଡିଆ ଯୁବକ ସଂଘ କର୍ମକର୍ତ୍ତା ମାନେ ଯାତ୍ରାର ନେତୃତ୍ୱ ନେଇଥିଲେ। ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ କାପୁଡିଆ ସମାଜ ବ୍ୟକ୍ତି ଯାତ୍ରାରେ ସାମିଲ ହୋଇ ଅନ୍ୟ ଜାତି/ସମ୍ପ୍ରଦାୟ ବ୍ୟକ୍ତିଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇଚାରା ସୃଷ୍ଟି କରିଥିଲେ।



# ଚାଷୀଙ୍କୁ ଆକ୍ରମଣ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ରାଣୀ ଭୁଇଁ ଗ୍ରାମର ଟୁନା ପ୍ରଧାନ ଜଣେ ଚାଷୀଙ୍କୁ ଉରୁକୁଳା ସେବା ସମବାୟ ସମିତି ସମ୍ପାଦକ ଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀ ଭରତ ଦେହୁରିଙ୍କ ସମେତ କିଛି ବ୍ୟକ୍ତି ଆକ୍ରମଣ କରିଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଟୁନାଙ୍କ ପନୀ ନୟନୀ ପ୍ରଧାନ ଙ୍କ ଅଭିଯୋଗକୁ ଭୀତକରି ପୋଲିସ ନମ୍ବର ୨୯୦/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ ଟୁନା ଜଣେ ଚାଷୀ ହୋଇଥିବା ବେଳେ ତାଙ୍କର ଧାନ ବିକ୍ରି ପାଇଁ ସେ ଉରୁକୁଳା ସେବା ସମବାୟ ସମିତିକୁ ପଞ୍ଜୀକରଣ କରିବା ପାଇଁ ଯାଇଥିଲେ। ହେଲେ ତାଙ୍କ ଫର୍ମକୁ ସମ୍ପାଦକ ଫେରାଇ ଦେଇଥିଲେ। ଅଧିକ ଚାଷୀ ଫର୍ମ ଦେଲେଣି କହି ଫେରାଇ ଦେଇଥିବା ବେଳେ ରାତି ରେ ଅଫିସ ଖୋଲା ଥିବା ଜାଣି ଟୁନା ଯାଇଥିଲେ। ହେଲେ ସେଠାରେ ତାଙ୍କ ଫର୍ମ ରଖିନଥିବା ଯୋଗୁଁ ବଚସା ଦେଖା ଦେଇଥିଲା। ପରେ ସମ୍ପାଦକଙ୍କ ନିର୍ଦ୍ଦେଶ କ୍ରମେ ଭରତ ଙ୍କ ସହ କିଛି ଅନ୍ୟବ୍ୟକ୍ତି ମିଶି ଇଟା ମାଧ୍ୟମରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଟୁନା ଗୁରୁତର ହୋଇ ପଡିଥିବା ଅଭିଯୋଗ ହୋଇଛି।

# ଗଛ ପାଇଁ ରାକ୍ଷୀଟିଏ

ଠାକୁରଗଡ , (ସବ୍ୟୁ): ଅନୁଗୋଳ ଜିଲ୍ଲାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆନୁକୁଲ୍ୟରେ ପରିଚାଳିତ କୃଷି ଉତ୍ପାଦନ ସମୂହ (ଏପିସି) କାର୍ଯ୍ୟକ୍ରମ ଏ ପି ସି କିଶୋରନଗର (ସେଓ୍ୱା) ତରଫରୁ ଶନିବାର ଦିନ ନାକିଚି ପଞ୍ଚାୟତ ବଡ ଡଙ୍ଗଆଣି ଓ ଅଁଳା ବେରଣୀ ଗ୍ରାମରେ ଗଛ ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମା ମାନେ ରାକ୍ଷୀ ବାନ୍ଧି ଗଛ ର ରକ୍ଷା କରିବା ପାଇଁ ପ୍ରତିଜ୍ଞା କରିଥିଲେ। ନାକଚି ସମିତି ସଭ୍ୟ ଦ୍ରୋପଦି ନାୟକ , ପଦ୍ମାସିନୀ ବେହେରା, ଜୟନ୍ତ ଦେହୁରୀ , ମାମି ଦେହୁରୀ , ସବିତା ବେହେରା, ବାବୁଲି ସାହୂ , ଲାବଣ୍ୟବତୀ ବତୀ ରାଉଳ , ବାବୁଜି ଚରଣ ବେହେରା, ସଂଘମିତ୍ରା ସାହୁ , ସ୍ନେହଲତ ସାହୁ, କଳ୍ପନା ବିଶ୍ୱାଳ , ପ୍ରୀତିମୟୀ ଦେହୁରୀ, ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

# ବିଧାୟକଙ୍କ ଦିନିକିଆ ପାଲଲହଡା ଗସ୍ତ

ପାଲଲହଡା,(ସବ୍ୟୁ) :,ଆଜି ବିଧାୟକ ଅଶୋକ ମହାନ୍ତି ଦିନିକିଆ ପାଲଲହଡା ଗସ୍ତରେଆସି ବିଭିନ୍ନ କର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଆଜି ବିଶ୍ୱଆଦିବାସୀ ଦିବସ ଅବସରରେ ଶତାଧିକ ଆଦିବାସୀ ଭାଇଭଉଣୀ ମାନଙ୍କସହିତ ବୀର ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥଲେ । ଏହାପରେ ସେ ସୁଭଦ୍ରା ଦିଦିମାନଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ରାକ୍ଷୀ ପିନ୍ଧିଥିଲେ । ବିଧାୟକ ଶ୍ରୀ ମହାନ୍ତି କେର୍ଜେଙ୍ଗା ନବଜ୍ୟୋତି ହାଇସ୍କୁଲକୁ ଯାଇ ବୃକ୍ଷରୋପଣ କରିବା ସହିତ ଛାତ୍ରୀମାନଙ୍କ ନିକଟରୁ ରାକ୍ଷୀ ପିନ୍ଧିଥିଲେ । ପରେପରେ ସେ ବିଭିନ୍ନ. ସାମାଜିକ କର୍ଯ୍ୟକ୍ରମରେ. ଯୋଗ ଦେଇଥିଲେ ।

# ମା ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ

ରେଙ୍ଗାଳି,(ସବ୍ୟୁ) :,କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନି ନିକଟସ୍ଥ ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ପ୍ରତିଷ୍ଠିତ ମା ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ ଆଜି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩୬ତମ ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ପ୍ରତ୍ୟୁଷରୁ ମନ୍ଦିରରେ ମା ସଂତୋଷୀଙ୍କ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ଓ ପରେ ହୋମଯଜ୍ଞ ନିତି ଅନୁଷ୍ଠିତ ହୋଇଥିଲା। ପ୍ରସନ୍ନ ପଣ୍ଡା ଓ ତାଙ୍କ ସହଧର୍ମିଣୀ ସଂଯୁକ୍ତା ପଣ୍ଡା ଯଜ୍ଞ କର୍ତ୍ତା ଭାବେ ଯଜ୍ଞରେ ଯୋଗ ଦେଇଥିବା ବେଳେ ପୂଜକ ଅନନ୍ତ ଚରଣ ମିଶ୍ର, ଦିବ୍ୟ ଆଚାର୍ଯ୍ୟ ଓ ବିନୋଦ ନନ୍ଦ ହୋମଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ୩୬ ତମ ବାର୍ଷିକ ଉତ୍ସବ ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡା ଭକ୍ତଙ୍କ ପ୍ରଦତ ଦାନରେ ୩୦୧ଜଣ ଅସହାୟ ବୃଦ୍ଧ ବୃଦ୍ଧା, ଛୋଟ ପିଲାଙ୍କୁ ବସ୍ତ୍ର ଓ ଛତା ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ମାଙ୍କ ମହାଆଳତି ପରେ ରାତି ପର୍ଯ୍ୟନ୍ତ ମନ୍ଦିରରେ ନାମ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବାମଣି ଓ ସଂତୋଷୀ ମା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବଇଣ୍ଡାରେ ୪ ଏକ୍ସପ୍ରେସ ଟ୍ରେନର ରହଣି

ଠାକୁରଗଡ/ବଇଣ୍ଡା , (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନରେ ପୁରୀ - ଦୁର୍ଗ , ଦୁର୍ଗ - ପୁରୀ ଓ ପୁରୀ - ଅହମଦାବାଦ , ଅହମଦାବାଦ - ପୁରୀ ୪ ଟି ଏକ୍ସପ୍ରେସ ଟ୍ରେନ ରହଣି ହେବ। ଏ ନେଇ ରେଳ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ଘୋଷଣା କରାଯାଇଛି। ଇଷ୍ଟ କୋଷ୍ଟ ରେଲୱେ ପକ୍ଷରୁ ଚିଠି ନମ୍ବର ୨୦୯/୨୦୨୫ ମାଧ୍ୟମରେ ଅବଗତ କରା ଯାଇଛି। ଉକ୍ତ ଦୁଇଟି ଟ୍ରେନ ବଇଣ୍ଡା ଷ୍ଟେସନ ଦେଇ ଯାଉଥିଲେ ମଧ୍ୟ ବଇଣ୍ଡା ଠାରେ ରହଣି ହେଉନାହିଁ। କରୋନା ପୂର୍ବରୁ ଏହି ଟ୍ରେନ ଦୁଇଟି ବଇଣ୍ଡା ଠାରେ ରହୁଥିବା ବେଳେ କାରୋନା ପରେ ଆଉ ହଲଫ କରିନଥିଲା। ଏହି ଷ୍ଟେସନ ମାସ କୁ ୬ ଲକ୍ଷ ରୁ ଅଧିକ ଟଙ୍କା ରାଜସ୍ୱ ଦେଉଥିବା ବେଳେ ୧୪ ଟି ଟ୍ରେନ ରହୁନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା। ପରେ ଏ ନେଇ ବଇଣ୍ଡା ଅଞ୍ଚଳବାସୀ ଙ୍କ ପକ୍ଷରୁ ବହୁବାର ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ , ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆ ଯାଇଥିଲା। ପରେ ଗ୍ରାମବାସୀଙ୍କର ଦାବି କୁ ଦୃଷ୍ଟି ରଖି ରେଳ ବିଭାଗ ପକ୍ଷରୁ ୧୪ ତାରିଖରୁ ବଇଣ୍ଡା ଠାରେ ପ୍ରତେକ ଦିନ ଯାଉଥିବା ପୁରୀ - ଦୁର୍ଗ , ଦୁର୍ଗ - ପୁରୀ , ଏକ୍ସ ପ୍ରେସ ଓ ସାପ୍ତାହିକ ଯାଉଥିବା ପୁରୀ - ଅହମଦାବାଦ , ଅହମଦାବାଦ - ପୁରୀ ଏକ୍ସ ପ୍ରେସ ଟ୍ରେନ ରହଣି ପାଇଁ ଘୋଷଣା କରା ଯାଇଛି। ଗ୍ରାମବାସୀଙ୍କ ଦାବିକୁ ରକ୍ଷା କରା ଯାଇଥିବା ଯୋଗୁଁ ବଇଣ୍ଡା ଗ୍ରାମବାସୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ଆଠ ମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଅନୁଗୋଳ : ସୁଭଦ୍ରା ଯୋଜନାର ୩ୟ କିସ୍ତି ପ୍ରଦାନ

ଅନୁଗୋଳ,(ସବ୍ୟୁ) :, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି କୋରାପୁଟ ଜିଲ୍ଲାର ଜୟପୁର ଠାରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟର କୋଟିଏରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ୩ୟ କିସ୍ତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଅନୁଗୋଳର ୫୦୦ରୁ --ମହିଳା ଆଭାସି ମାଧ୍ୟମରେ ସ୍ଥାନୀୟ ସଭାଘର ଠାରେ ଆୟୋଜିତ କାର୍ଯ୍ୟକ୍ରମ ଦ୍ୱାରା ଯୋଡି ହୋଇଥୁଲେ। କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ମହିଳାମାନଙ୍କ ଉନ୍ନତି ହେଲେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ହେବା ସୂଚନା ଥାଉକି, ଅନୁଗୋଳ ଜିଲ୍ଲାର ୨ଲକ୍ଷ ୮୭ହଜାର ୬୮୩ ଜଣ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ୩ୟ କିସ୍ତି ଅନ୍ ଲାଇନ୍ ମାଧ୍ୟମରେ ଆଜି ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧୁକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ବିଶ୍ ଭୂଷଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ସୁଦିପ ଗଡନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥୁଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧୁକାରୀ, ୫୦୦ରୁ ଉର୍ଦ୍ଧ୍ୱ ମହିଳା ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।



# କାନ୍ଦୁଛନ୍ତି ଯାତ୍ରୀ : ହାତଯୋଡ଼ି ବସିଛି ପୌପରିଷଦ, କେବଳ ଗଛ ହିଁ ମୂକ ସାକ୍ଷୀ

ତାଳଚେର, (ସବ୍ୟୁ) : ତାଳଚେର ପୌରପରିଷଦ ପକ୍ଷରୁ ଯାତ୍ରୀଙ୍କ ସୁବିଧା ନେଇ ବହୁବର୍ଷ ପୂର୍ବରୁ ସ୍ଥାନୀୟ ହାଟତୋଟା ଠାରେ ଲକ୍ଷଲକ୍ଷ ଟଙ୍କା ବିନିମୟରେ ଏକ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ କରାଯାଇଥିଲା । ଏହି ଯାତ୍ରୀ ବିଶ୍ରାମ ଗୃହରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ, କଲେଜ ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ବସକୁ ଅପେକ୍ଷା କରି ରହିଥାନ୍ତି ଓ ସେହି ଯାତ୍ରୀ ବିଶ୍ରାମ ଗୃହଟି ସବୁ ବେଳେ ଚଳଚଂଚଳ ହେଉଥିବା ବେଳେ ଛାତ୍ରଛାତ୍ରୀଙ୍କ ମନରେ କୌଣସି ଆଶଙ୍କା ଦେଖାଦେଇନଥାଏ । ମାତ୍ର ପୌରପରିଷଦକୁ କ'ଣ ଏତେ ଅଭାବ ପଡ଼ିଲା ଯେ, ଉକ୍ତ ବିଶ୍ରାମ ଗୃହକୁ ଭାଙ୍ଗି ସେହି ସ୍ଥାନରେ ଦୁଇ ଦୁଇଟି ଦୋକାନ ଗୃହ ନିର୍ମାଣ କରାଇ ଦୋକନ ଗୃହକରି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ କିପରି ପ୍ରଦାନ କରି ଦିଆଗଲା । ବିଗତବର୍ଷରେ ସେହି ବିଶ୍ରାମ ଗୃହରେ ଲକ୍ଷ୍ମୀ ପୂଜା ବ୍ୟବସାୟୀମାନେ କରିଥାନ୍ତି ଓ ସେହି ଅଂଚଳଟି ଚଳଚଂଚଳ ହୋଇପଡ଼ିଥାଏ । ପୂର୍ବତନ ନଗରପାଳ ସ୍ୱର୍ଗତ ରବି ନାହାକ ଯାତ୍ରୀମାନଙ୍କ ସୁବିଧା ପାଇଁ ଓ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇଦେବା ନେଇ ଏହି ଗୃହଟିକୁ ନିର୍ମାଣ କରାଇଥିଲେ । ବେଶ କିଛି ବର୍ଷ ଏହି ଯାତ୍ରୀବିଶ୍ରାମ ଗୃହଟିରେ ଯାତ୍ରୀମାନେ ବସ ଓ ବିଭିନ୍ନ ଯାତ୍ରୀବାହୀ ଗାଡ଼ି ମଟରରେ ଯିବା ଆସିବା ନେଇ ଅପେକ୍ଷା କରି ରହିଥାନ୍ତି ଓ ସେହି ବସଷ୍ଟେପେଜ ସମ୍ମୁଖରେ ରହିଥିବା ବୁଢ଼ା ନିମ ବୃକ୍ଷ ହିଁ ଏହାର ମୂଳସାକ୍ଷୀ ରହିଛି । ତେବେ ଏହି ଗୃହଟି ବ୍ୟବସାୟୀକ କେନ୍ଦ୍ର ହୋଇଯିବାପରେ ବର୍ତମାନ କାନ୍ଦୁଛନ୍ତି ଯାତ୍ରୀ ଏହାକୁ ବେଶ ବାରମ୍ବାର କିଣାବିକା କରି ହସୁଛି ପୌରପରିଷଦ ବୋଲି ସେଠିକାର ଅଂଚଳବାସୀ ଏହା ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ପୌରଅଧିକାରୀକୁ ପଚାରିବାରୁ ସେ କୁହନ୍ତି ମୁଁ ଅବଗତ ନୁହେଁ ଆରଟିଆଇରେ ଆପଣ ତଥ୍ୟ ମାଗନ୍ତୁ । ତେଣୁ ତୁରନ୍ତ ଯାତ୍ରୀ ଓ କଲେଜ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ତାଳଚେର ଉପଜିଲ୍ଲାପାଳ ସମୀର ଜେନା ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



## ଅନ୍ଧ ବିଶ୍ୱାସର କରୁଣ ପରିଣତି ଘର ଛାଡିଲେ ପରିବାରର ପାଞ୍ଚ ସଦସ୍ୟ

ନୀଳଗିରି,(ସବ୍ୟୁ): ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ ପରିବାରର ୫ ସଦସ୍ୟ ଘର ଛାଡ଼ି ନୀଳଗିରି ଜଗନ୍ନାଥ ମନ୍ଦିର ପରେ ରାଧାକିଶୋର ମନ୍ଦିରରେ ଆଶ୍ରୟ ନେଇ ପୂଜାର୍ଚ୍ଚନା କରୁଥିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ କାଣ୍ଡ ଗରଡ଼ି ପଞ୍ଚାୟତ ୧ନମ୍ବର ୱାର୍ଡ ପାତ୍ରସାହିର ସ୍ୱର୍ଗତ ମହେଶ୍ୱର ପାତ୍ରଙ୍କ ସ୍ତ୍ରୀ ଉମାମଣୀ ପାତ୍ର, ପୁତ୍ର ଭରତ କୁମାର ପାତ୍ର (୨୫), ବାଉଁଶ ବଣିଆ ଗ୍ରାମ ରବୀନ୍ଦ୍ର ମଲ୍ଲିକଙ୍କୁ ବିବାହିତା ବଡ଼ଝିଅ ଅନିତା ମଲ୍ଲିକ, ସାନ ଝିଅ ସବିତା ପାତ୍ର ଏବଂ ପରିବାରର ଅନ୍ୟ ସଦସ୍ୟ ଙ୍କ ଉପରେ ଅପାଣିଆ ନାମକ ଏକ ସ୍ପିରିଟ ଗତ ଦୁଇମାସ ଧରି ଆସୁଥିଲା। । ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ପରେ ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ଗୁଣିଆଙ୍କୁ ଆଣି ଦେଖାଇ ପୂଜାର୍ଚ୍ଚନା କରିଥିଲେ। । ପୂଜା କରିବା ପରେ ବାଡ଼ି ମାଟି ତଳୁ ୫ ଗୋଟି କଳସ ବାହାରି ଥିଲା । ଆଉ ଦୁଇଟି କଳସ ମାଟିତଳେ ଥିବା କଥା ଗୁଣିଆ କହିଥିଲେ । ପରେ ଗୁଣିଆ ଅଧାରୁ ପୂଜା କରି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ । ପରେ ଉକ୍ତ ପରିବାର ଲୋକଙ୍କ ଉପରକୁ ସ୍ପିରିଟ ଆସି ସମସ୍ତଙ୍କୁ ମାରିଦେବାକୁ ଧମକ ଦେଉଥିଲା ବେଳେ ଜ୍ୱର ହୋଇ ଆଉ ଛାଡ଼ି ନଥିଲା । ଉପାୟ ନ ପାଇ ଜୀବନ ବିକଳେ ଗତ ୮ ତାରିଖ ଦ୍ୱିପ୍ରହରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ଆଶ୍ରୟ ନେଇଥିବା ବେଳେ ସନ୍ଧ୍ୟାରୁ ନିକଟ ରାଧା କିଶୋର ଜୀଉ ମନ୍ଦିରରେ ସପରିବାର ଆଶ୍ରୟ ନେଇ ଥିବା ଦେଖିବାକୁ ମିଳିଛି । ଅପାଣିଆ କୋପ ଦୃଷ୍ଟି ରୁ ମୁକୁଳିବା ପାଇଁ ଗତ କାଲି ଠାରୁ ଖବର ଲେଖା ହେବା ବେଳକୁ ରାଧାକିଶୋର ମନ୍ଦିରରେ ସପରିବାର ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଛି ।

## ନାବାଳିକାକୁ ଗଣ ଦୁଷ୍କର୍ମ ଉଦ୍ୟମ ଜଣେ ଗିରଫ ,୪ ଫେରାର

ଉଦଳା,(ସବ୍ୟୁ): ମୟୁରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ନାବାଳିକାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୪ ଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି।ମିଳିଥିବା ସୂଚନା ମୁତାବକ, ନାବାଳିକା ଜଣକ ଘରୁ ବାହାରି ଟ୍ୟୁସନ ଯାଇଥିଲେ। ହେଲେ ପୁରୁଷ ବନ୍ଧୁଙ୍କ ସହ ଅନ୍ୟ ୪ଜଣ ଯୁବକ ଟ୍ୟୁସନରୁ ନାବାଳିକାଙ୍କୁ ଉଠାଇ ନେଇ ଏକ ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଉଦ୍ୟମ କରାଯାଇଥିଲା।ହେଲେ ନାବାଳିକା ଜଣକ କୌଶଳ କ୍ରମେ ଖସିଆସି ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କୁ ପୋଲିସ ଗିରଫ କରିଛି। ହେଲେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

## ମିଳିଲା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି




କେନ୍ଦୁଝର,(ସ୍ୱପ୍ର/ସବ୍ୟୁ):ଶନିବାର କେନ୍ଦୁଝର ପାର୍କଲାଇନ ସ୍ଥିତ ପ୍ରେକ୍ଷାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିର ସୁଦୃଢ଼ୀକରଣ ନିମନ୍ତେ ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନା ବାବଦରେ ଆଲୋକପାତ କରିଥିଲେ।ମଞ୍ଚ ଉପରେ ନିଜ ସଫଳତା କାହାଣୀ ବଖାଣିଥିବ ସୁଭଦ୍ରା ହିତାଧିକାରୀଙ୍କ ଭୂୟସୀ ପ୍ରଶଂସା କରିବା ସହ ସଠିକ ହାତରେ ସୁଯୋଗ ପହଞ୍ଚିବା ପରେ ଏହା ଜୀବନ ପରିବର୍ତ୍ତନକାରୀ ଶକ୍ତିରେ ରୂପାନ୍ତରିତ ହୋଇ ପାରିଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ଅତିଥି ଭାବେ ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ ପ୍ରମୁଖ ଯୋଗ ଦେଇ ଜିଲ୍ଲା ସାରା ମହିଳା ଏବଂ ପରିବାର ଉପରେ ଯୋଜନାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ, ଉତ୍ସବର ଅଂଶ ସ୍ୱରୂପ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଭଦ୍ରା ଯୋଜନାର ଅନେକ ହିତାଧିକାରୀ ମଞ୍ଚ ଉପରେ ନିଜ ପ୍ରେରଣାଦାୟକ ସଫଳତା କାହାଣୀ ବାଣ୍ଟିଥିଲେ । କୋରାପୁଟରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା, ଯାହା ଫଳରେ କେଉଁଝରର ଲୋକମାନେ ରାଜ୍ୟସ୍ତରୀୟ ଉତ୍ସବ ଏବଂ ଯୋଜନା ସହିତ ଜଡିତ ଘୋଷଣାଗୁଡ଼ିକୁ ଦେଖିପାରିଥିଲେ ।

## ସାଇ ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ



ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଉତ୍ସର୍ଗିକୃତ ମନୋଭାବରେ କାର୍ଯ୍ୟରତ ସାମାଜିକ ସଙ୍ଗଠନ ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ଖଇରା ନଟାପଡା ସ୍ଥିତ ସାଇ ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ ନିରାଡମ୍ବରେ ପାଳନ କରିଛନ୍ତି । ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି ଙ୍କ ତତ୍ୱାବଧାନରେ ସମ୍ପାଦକ ସୁଶାନ୍ତ କୁମାର ବେହେରା,କୋଷାଧକ୍ଷ ଗୋପମଣି ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଅନ୍ତେବାସୀଙ୍କ ହାତରେ ରାଖି ବାନ୍ଧିବା ସହ ମିଠା ଖୁଆଇଥିଲେ । ଏଥିସହ ପିଲାମାନଙ୍କୁ ଶିକ୍ଷାଉପକରଣ ପ୍ରଦାନ କରିବା ପରେ ସମସ୍ତଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା ।

## ବିଭିନ୍ନ ମନ୍ଦିରରୁ ଚୋରି ସାମଗ୍ରୀ ଜବତ,୫ ଗିରଫ

ଧାମନଗର,(ସବ୍ୟୁ):ଧାମନଗର ଥାନା ଅଂଚଳରେ ଗତ କିଛିଦିନ ହେବ ବିଭିନ୍ନ ଦେବା ଦେବୀ ମନ୍ଦିରରୁ ଠାକୁରଙ୍କ ପୂଜା ସାମଗ୍ରୀ ଓ ଅଳଙ୍କାର ଚୋରି ଲଗାତାର ଭାବେ ହେଉଥିବା ବେଳେ ଏବେ ପୋଲିସକୁ ବଡ ସଫଳତା ମିଳିଛି। ବିଭିନ୍ନ ମନ୍ଦିରରୁ ହୋଇଥିବା କେତେକ ଚୋରି ସାମଗ୍ରୀ ଓ ଅନ୍ୟ କେତେକ ସ୍ଥାନରୁ ଚୋରି ହୋଇଥିବା କିଛି ବ୍ୟାଟେରୀକୁ ପୋଲିସ ଜବତ କରିବା ସହ ଏଥିରେ ସଂପୃକ୍ତ ୫ଜଣ ଚୋରଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଗତ କିଛିଦିନ ହେବ ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ସନ୍ଧାନି କୁକୁର ନେଇ ତଦନ୍ତ କରାଯାଉଥିଲା। ଧାମନଗର ଅଂଚଳରୁ କିଛି ଚୋର ଭଣ୍ଡାରିପୋଖରି ଅଂଚଳରୁ ମଧ୍ୟ ବିଭିନ୍ନ ମନ୍ଦିରରୁ ଚୋରିସହ ବିଭିନ୍ନ ଗାଡ଼ିରୁ ବ୍ୟାଟେରୀ ଚୋରି କରିଥିଲେ। ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ଥାନା ଅଧିକାରି ଗୋପାଳକୃଷ୍ଣ ଜେନା ଓ ଭଣ୍ଡାରିପୋଖରୀ ଥାନା ଅଧିକାରୀ କମଳାକାନ୍ତ ଦାସ ମିଳିତ ଭାବେ ଚୋରଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିଲେ। ଏହି ଘଟଣାରେ ଧାମନଗର ଅଂଚଳରୁ ପୋଲିସ ୫ ଜଣ ଚୋରଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କ ଠାରୁ ବହୁ ମନ୍ଦିର ସାମଗ୍ରୀ ଜବତ କରାଯାଇଛି। ତେବେ ଚୋରି ଘଟଣାରେ ଆହୁରି ସଂପୃକ୍ତି ଥିବା ପୋଲିସ ସନ୍ଦେହ କରି ଅଧିକ ତଦନ୍ତ ଜାରି ରହି ଥିବାରୁ କିଛି ତଥ୍ୟ ଗୋପନ ରଖାଯାଇଛି ବୋଲି ଥାନାଧିକାରୀଙ୍କ ଠାରୁ ସୂଚନା ମିଳିଛି। ଗିରଫ ୫ ଜଣ ଚୋରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

## ନାରୀ ନିର୍ଯାତନା ବିରୋଧରେ ପଦଯାତ୍ରା

ଭଦ୍ରକ,(ସବ୍ୟୁ) :ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା। ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଉଚିତ ନ୍ୟାୟ ପ୍ରଦାନ ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ବାଲେଶ୍ୱର ଏଫଏମ କଲେଜ ନିକଟରୁ ବାହାରିଥିବା ଛାତ୍ର ଜାଗୃତି ଅଭିଯାନ ଶୋଭାଯାତ୍ରା ଶନିବାର ଦିନ ଭଦ୍ରକରେ ପହଂଚିଥିଲା। ଭଦ୍ରକର ବିଭିନ୍ନ ଯୁବଛାତ୍ର ସଂଗଠନ ସମେତ ନେତୃମଣ୍ଡଳୀ ପକ୍ଷରୁ ଭଦ୍ରକର ବାଇପାସ ଛକରେ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ,ପୌରାଧକ୍ଷା ଗୁଲମୁଖୀ ହବିବଙ୍କ ସମେତ ଯୁବଛାତ୍ର ଓ ମହିଳା ଶୋଭାଯାତ୍ରାରେ ସାମିଲ ହେବା ସହିତ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ଭୁବନେଶ୍ୱରରେ ଆସନ୍ତା ୧୮ତାରିଖରେ ପହଂଚିବାକୁ ଥିବାବେଳେ ସେଠାରେ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଟିଖିଲିଆ ଗେଙ୍ଗୁଟି ବାଉଁଶ ଚାରାରୁ ଷଣ୍ଢ ଉଦ୍ଧାର

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଟିଖିଲିଆ ଗେଙ୍ଗୁଟି ବାଉଁଶ ଚାରାରେ ଗୋଡ ଗଳିପଡି ଲାଖି ରହିଥିବା ଷଣ୍ଢକୁ ଦମକଳକେନ୍ଦ୍ର କର୍ମଚାରୀମାନେ ଶନିବାର ଉଦ୍ଧାର କରିଥିବା ଜଣାଯାଇଛି। ବୈତରଣୀ ଶାଖା ନଦୀ ଗେଙ୍ଗୁଟି ବନ୍ୟା ସ୍ରୋତରେ ଭାସିଯାଇଥିବା ଷୋଳମପୁର ପଞ୍ଚାୟତ ଟିଖିଲିଆ ସେତୁର ଅର୍ଦ୍ଧେକ ଅଂଶକୁ ଗାଁ ଲୋକେ ବାଉଁଶ ଚାରା ବାନ୍ଧି ଯାତାୟତ କରୁଥିଲେ। ଗ୍ରାମରୁ ବାହାରକୁ ଯିବା ପାଇଁ ଏହି ସେତୁ ଏକମାତ୍ର ଯୋଗାଯୋଗକାରୀ ସାଧନ ଥିଲା। ପିଲାମାନେ ସ୍କୁଲକୁ ଯାତାୟତ କରିବା ଆବଶ୍ୟକ ଥିଲା। କାହାରିକୁ ଅପେକ୍ଷା ନକରି ଟିଖିଲିଆ ଗ୍ରାମବାସୀମାନେ ବାଉଁଶ ଓ ବଲ୍ଲା ପୋତି ଚାରା ବାନ୍ଧିଥିଲେ। ଏହା ଉପରେ ପଟ୍ଟା ବିଛାଇ ଯାତାୟତ କରିଥିଲେ। ପିଲାମାନେ ସ୍କୁଲ ଯିବା ସହ ଗ୍ରାମବାସୀମାନେ ବିଭିନ୍ନ କାର୍ଯ୍ୟ ପାଇଁ ବଜାରଘାଟକୁ ଯାଇଥିଲେ। ପ୍ରଶାସନ ପକ୍ଷରୁ ଅସ୍ଥାୟୀ ମରାମତି ପାଇଁ କୌଣସି ପଦକ୍ଷେପ ନିଆନଯିବାରୁ ଗ୍ରାମବାସୀ ବାଉଁଶ ଚାରା ନିର୍ମାଣ କରିଥିଲେ। ଶନିବାର ଗୋଟିଏ ଷଣ୍ଢ ବାଉଁଶ ଚାରା ଉପରେ ଯାଇ ଗୋଡ ଗଳି ମଝିରେ ଅଟକି ଯାଇଥିଲା। ଖବର ପାଇ ଦମକଳକେନ୍ଦ୍ର କର୍ମଚାରୀମାନେ ଅଟକି ଥିବା ଷଣ୍ଢକୁ ଉଦ୍ଧାର କରିଥିବା ଜଣାଯାଇଛି ।

## ଜିଲ୍ଲାପାଳଙ୍କୁ କଂଗ୍ରେସର ଦାବିପତ୍ର

କେନ୍ଦୁଝର (ସ୍ୱପ୍ର/ସବ୍ୟୁ) : କେନ୍ଦ୍ରରେ ଉପା ସରକାର ଥିଲା ବେଳେ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଅନେକ ବଳିଷ୍ଠ ପଦକ୍ଷେପ ନେଇଥିଲେ । ଆଦିବାସୀ ଜନଜାତିଙ୍କ ବିକାଶ ଲାଗି ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬ ଓ ନିୟମ ୨୦୦୭, ସଂଶୋଧନ ୨୦୧୨ ଆସିବାର ଅନେକ ବର୍ଷ ବିତି ଥିଲେ ଆଦିବାସୀ ଓ ପାରମ୍ପାରିକ ଜନଜାତି ଲୋକେ ନିଜ ଅଧିକାରରୁ ଏ ଯାଏ ବଞ୍ଚିତ ଅଛନ୍ତି । ତେଣୁ କଂଗ୍ରେସ ପକ୍ଷରୁ ଦେଶ ସାରା ଏହାର ପ୍ରତିବାଦ ହେଉଛି ।ଏହି କ୍ରମରେ କେନ୍ଦୁଝର ଜିଲ୍ଲା କଂଗ୍ରେସ ପକ୍ଷରୁ କିଛି ଦାବି ରଖି କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କୁ ଏକ ଦାବିପତ୍ର ଶନିବାର ଦିନ ପ୍ରଦାନ କରାଯାଇଛି। ଦାବି ଗୁଡିକ ହେଲା ଧାରା ୩(୧) ଅନୁଯାୟୀ ଆଦିବାସୀ ଲୋକଙ୍କୁ ୧୦ ଏକର ପର୍ଯ୍ୟନ୍ତ ଜମିର ଅଧିକାର ଦେବାର ବ୍ୟବସ୍ଥା ଥିଲା ବେଳେ ସ୍ୱଳ୍ପ ପରିମାଣର ଜମି ଦେଇ ଗ୍ରାମସଭାରେ ଫାଇଲ ବନ୍ଦ କରି ଦିଆଯାଇଛି। ତେଣୁ ତୁରନ୍ତ ଗ୍ରାମସଭା କରି ବଳକା ଜମି ଉପରେ ଲୋକଙ୍କ ଅଧିକାର ଦେବାକୁ ଦାବୀ କରାଯାଇଛି। ପୁଣି ଅନେକ କ୍ଷେତ୍ରରେ ଦେଖାଯାଇଛି କି ମିଳିଥିବା ସ୍ୱଳ୍ପ ଜଙ୍ଗଲ ଜମିରେ ପୁଣି ବନ ବିଭାଗ ପକ୍ଷରୁ ଗଛ ଲଗାଯାଇଛି ଯାହା ଏବେ ବି ଜାରି ରହିଛି । ତେଣୁ ବନ ବିଭାଗ ଏପରି ହୀନ କାର୍ଯ୍ୟ ବନ୍ଦ କରିବାକୁ ଦାବୀ ରହିଛି। ଏଥି ସହ ଅନ୍ୟ ପାରମ୍ପରିକ ଜନଜାତି କ୍ଷେତ୍ରରେ ପ୍ରମାଣ ଲାଗି ୭୫ ବର୍ଷର କାଗଜପତ୍ର ବଦଳରେ ଗ୍ରାମସଭା ନିଷ୍ପତ୍ତି ଓ ବୟସ୍କଙ୍କ କଥା ବିଚାର କରି ସୀକୃତି ଦେବାକୁ ଯଥାର୍ଥ ଦାବୀ ରହିଛି। ଏବେ ବି ଅନେକ ଆଦିବାସୀ ବହୁଳ ଗ୍ରାମ ଜଙ୍ଗଲ ମଧ୍ୟରେ ରହିଛି। ଫଳରେ ଗ୍ରାମବାସୀ ମାନେ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି। ତେଣୁ ଏହି ଗ୍ରାମ ଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାସହ ବାସ କରୁଥିବା ଲୋକଙ୍କୁ ତୁରନ୍ତ ଚିହ୍ନଟ କରି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ପ୍ରଦାନ ଲାଗି ଦାବି ରହିଛି। ଧାରା ୩(୧) ଆଇ ଅନୁସାରେ ଯେଉଁ ଗ୍ରାମ ଗୁଡିକରେ ଗୋଷ୍ଠୀଗତ ଅଧିକାର ମିଳିନି ସେ ସବୁ ଗ୍ରାମକୁ ତୁରନ୍ତ ଚିହ୍ନଟ କରାଯାଉ। ଆଉ ମଧ୍ୟ ଧାରା ୩ (୧) ଆଇ ବ୍ୟବସ୍ଥାରେ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପରିଚାଳନା ନିମନ୍ତେ ପ୍ରତି ଗ୍ରାମରେ ଥିବା ଜଙ୍ଗଲ ସମ୍ବଳ ପରିଚାଳନା କମିଟିକୁ ସଚ୍ଛ କରିବାକୁ ଦାବୀ ରଖାଯାଇଛି । ଦାବୀପତ୍ର ଦେଲାବେଳେ ଜିଲ୍ଲା କଂଗ୍ରେସ ସଂଯୋଜିକା ସୁଶ୍ରୀ ସଂଗୀତା ସିଂହ, ରାଜ୍ୟ ପିସିସି ସାଧାରଣ ସଂପାଦକ ସୁବର୍ଣ୍ଣ ନାୟକ, ବରିଷ୍ଠ କଂଗ୍ରେସ ନେତା ବିନୋଦ ବିହାରୀ ନାୟକ, ପବିତ୍ର ପାତ୍ର, ରସିକ ନାୟକ ଆଦି ଉପସ୍ଥିତ ଥିଲେ ।

## ସାଂସଦ ପାଳିଲେ ରକ୍ଷାବନ୍ଧନ ଉତ୍ସବ



ବାଲେଶ୍ୱର,(ସବ୍ୟୁ): ସହଦେବଖୁଣ୍ଟା ସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି। ସାଂସଦ ଶ୍ରୀ ଷଡ଼ଙ୍ଗୀ ମଧ୍ୟାହ୍ନ ୧୨ଟାରେ ଉତ୍କଳ ବାଳାଶ୍ରମେ ଅନ୍ତେବାସଙ୍କ ହାତରେ ରକ୍ଷା ସୂତ୍ର ବାନ୍ଧିବା ସହ ମିଷ୍ଟାନ୍ ବାଣ୍ଟିଥିଲେ ଓ ନିଜ ହାତରେ ମଧ୍ୟାହ୍ନ ଭୋଜନ ପରଷି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସଦର ବିଧାୟକ ମାନସ ଦତ୍ତ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର , ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା,ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରା ରେଖା ମହାପାତ୍ର, ଉପ ସଭାପତି କମଳ ଲୋଚନ ଦାସ, ସମ୍ପାଦକ ଆଶିଷ ଘୋଷ,ବିଜୟ ସାହୁ, ସମ୍ପାଦିକା ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ , ରାଜ୍ୟ ପରିଷଦ ସଦସ୍ୟ ଚିତ୍ତରଞ୍ଜନ ପଣ୍ଡା,ଗଣ ମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଯୁବ ମୋର୍ଚ୍ଚା ଉପ ସଭାପତି ନାରାୟଣ ମହନ୍ତ, ମଣ୍ଟୁ ପେରିୱାଲ, ମନୋଜ ପଦାର, ରାଜେନ୍ଦ୍ର ଚାଟାର୍ଜୀ,ରବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କୁ ରାକ୍ଷୀ ବାନ୍ଧିଥିଲେ ।

## ରାଖୀ ପୂର୍ଣ୍ଣିମାରେ ଅଘଟଣ: ଜଳ ଲାଗି ସମୟରେ ଭାସିଗଲେ ୨ ଭଉଣୀ

ବାଲେଶ୍ୱର,(ସବ୍ୟୁ): ରାଖୀ ପୂର୍ଣ୍ଣିମାରେ ଅଘଟଣ। ।ସୁବର୍ଣ୍ଣରେଖାରେ କାଉଡ଼ିଆ ଭାବେ ପାଣି ଲାଗି କରୁଥିବାବେଳେ ପାଣି ସୁଅରେ ଭାସିଗଲେ ଦୁଇ ଭଉଣୀ। । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶିଖରପୁର ପଞ୍ଚାୟତର ସୁବର୍ଣ୍ଣରେଖା ଘାଟରେ ଚକହରି ଗ୍ରାମର କାହ୍ନୁ ଦାସଙ୍କ ଦୁଇ କନ୍ୟା ପରି ଏବଂ ନନ୍ଦିନୀ ରାକ୍ଷୀପୂର୍ଣ୍ଣମୀ ଦିନ ସକାଳ ୮ଟାରେ ନିଜ ଗ୍ରାମରେ ଥିବା ଶିବ ମନ୍ଦିରରେ ଜଳ ଲାଗି କରିବା ଲାଗି ପାଖରେ ଥିବା ସୁବର୍ଣ୍ଣରେଖା ଘାଟରେ ନଦୀରେ ପାଣି କାଉଡ଼ିଆ ସାଜି ପାଣି ଉଠାଉ ଥିବା ସମୟରେ ଗୋଡ ଖସି ଯିବାରୁ ସୁବର୍ଣ୍ଣରେଖା ସ୍ରୋତରେ ଭାସି ଯାଇଥିଲେ। ଭାସି ଯିବା ଖବର ଶୁଣି ପାଖରେ ଥିବା ଦମକଳ ବାହୀନି ଏବଂ ଓଡ୍ରାଫକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ଏବଂ ଗାଁ ଲୋକ ଦେଶି ଡଙ୍ଗା ସାହାଯ୍ୟରେ ଖୋଜା ଖୋଜି କରିଥିଲେ। ଖବର ଲେଖାଯାଏ ଦୁଇ ନାବାଳିକା ଭଉଣୀଙ୍କ ପତ୍ତା ମିଳ ନଥିଲା।

## ରକ୍ଷା ବନ୍ଧନ ପାଳନ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ବିଭିନ୍ନ ଅନୁଷ୍ଠାନରେ ମହା ଆନନ୍ଦ ଉଲ୍ଲାସରେ ରାକ୍ଷୀ ବାନ୍ଧି ଉତ୍ସବ ପାଳିଛନ୍ତି ଲୋକେ । ହେରିଟେଜ ଇଂଲିଶ ମିଡିୟମ ସ୍କୁଲରେ ଛାତ୍ରଙ୍କୁ ଛାତ୍ରୀ ମାନେ ରାକ୍ଷୀ ବାନ୍ଧି ଉତ୍ସବ ମାନିଥିଲେ । ଆମ ଓଡିଶା ପକ୍ଷରୁ ନିଶା ନିବାରଣ ଶପଥ ପାଇଁ ରକ୍ଷା ବନ୍ଧନ ଉତ୍ସବ ଆୟୋଜନ କରାଯାଇଥିଲା । ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ, ନିଶାପଶି, ଓଡିଶା ବ୍ରିଗେଡ ସୈନିକ ସ୍କୁଲ, ବନ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦି ରକ୍ଷା ବନ୍ଧନ ପାଳନ କରିଥିବା ଜଣାପଡିଛି ।

## ଅଜଣା ଗାଡି ଧକ୍କାରେ ଯୁବକ ଗୁରୁତର

ସିମୁଳିଆ,(ସବ୍ୟୁ): ରାସ୍ତାରେ ଥିବା ଡ଼ାଇଭରସନ ପାରି ହେଉଥିବା ବେଳେ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଜାମ୍ବୁଝାଡ଼ି ନିକଟରେ ଜାମ୍ବୁଝାଡ଼ି ଅଞ୍ଚଳର କୈଳାସ ନାୟକଙ୍କ ପୁଅ ଜୀବନ ଜ୍ୟୋତି (୨୬) ନିଜ ବାଇକ ଯୋଗେ ଡ଼ାଇଭରସନ ପାରି ହେଉଥିବା ବେଳେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା । ଫଳରେ ଜୀବନ ଜ୍ୟୋତି ରାସ୍ତାକୁ ଛିଟିକ ପଡ଼ିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଉତ୍ୟକ୍ତ ଲୋକେ ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ଉଭୟ ପାର୍ଶ୍ୱ ରାସ୍ତା ବନ୍ଦ ରଖିଥିଲେ। ଖବର ପାଇ ସିମୁଳିଆ ପୋଲିସ ଘଟଣା ସ୍ଥଳରେ ପହଁଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଘଟଣା ସ୍ୱାଭାବିକ ହୋଇଥିଲା

## ମା' ତାରିଣୀ ମନ୍ଦିର ପାଇଁ ଗ୍ରାମସଭା

କେନ୍ଦୁଝର, (ସ୍ୱପ୍ର): ମା' ତାରିଣୀ ମନ୍ଦିର ସମନ୍ୱିତ ବିକାଶ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମ୍ପର୍କିତ ଗ୍ରାମସଭା ଅନୁଷ୍ଠିତ ହୋଇଛି। ମା' ତାରିଣୀଙ୍କଠାରେ ପୂଜାର୍ଚ୍ଚନା ପରେ ଉପରଡିହା ସରପଞ୍ଚ ରିମାଳତା ନାୟକ, ସମିତିସସଭ୍ୟା ପାର୍ବତୀ ବାର୍ଲା, ସୁରେନ୍ଦ୍ର କୁମାର ପଟ୍ଟନାୟକ, ସତ୍ୟମ ଦେହୁରୀ, ୱାର୍ଡମେମ୍ବର ଗୁରୁବାରୀ ନାୟକ, ଚଞ୍ଚଳ ପାତ୍ର ପ୍ରମୁଖ ଆଜ୍ଞାମାଳ ଆଣିଥିଲେ। ଲଗାଣ ବର୍ଷା ସତ୍ତ୍ୱେ ଜମି ହରାଇବାକୁ ଥିବା ସମସ୍ତ ୫୫ଜଣ ବ୍ୟକ୍ତି, ଲୋକପ୍ରତିନିଧି, ଗ୍ରାମବାସୀ, ବୁଦ୍ଧିଜୀବୀ ଯେଗଦେଇ ଗ୍ରାମସଭାକୁ ସଫଳ କରିଥିଲେ। ଉବରଡିହା ସରପଞ୍ଚ ରିମାଳତା ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଅଖିଳ କମ୍ବାର ପାତ୍ର, ସମ୍ମାନିତ ଅତିଥି ଭାବେ ଜଲ୍ଲା ଭୂଅର୍ଜନ ଅଧିକାରୀ କିରାଣି କୁମାର ନାଏକ, ଓବିସିସି ନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ଜେନା, ତହସିଲଦାର ଚାରୁଲତା ସିଂହବିଡିଓ ଖଗେଶ୍ୱର ବିରାଳଯୋଗ ଦେଇଥିଲେ। ଜିଲ୍ଲା ଭୂଅର୍ଜନ ଅଧିକାରୀ କିରାଣି କୁମାର ନାଏକ ଜମି ହରାଉଥିବା ୫୫ଜଣଙ୍କ ନାମ ଘୋଷଣା କରିବା ସହ ସେମାନଙ୍କ ଜମ କିସମ, ପରିମାଣ ସମ୍ପର୍କରେ ସୁଚନା ଦେଇଥିଲେ। ଓବିସିସି ନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ଜେନା ପ୍ରକଳ୍ପର ନକ୍ସା ସମସ୍ତଙ୍କୁ ଦେଖାଇ ଥିଲେ। ରାସ୍ତା, ପାର୍କିଂସ୍ଥଳ, ଦୋକାନ ଗୃହ, ଧର୍ମଶାଳା, ୫୦୦ ଲୋକଙ୍କ ପାଇଁ ଭୋଜନ କକ୍ଷ, ୫୦ଟି ବସ୍, ୩୦୦ ଚାରିଚକିଆ ଗାଡି ଓ ୫୦୦ ବାଇକ୍ ରହଣି ପାର୍କିଂସ୍ଥଳ ବ୍ୟବସ୍ଥା ରହିଛି ବୋଲି କହିଥିଲେ। ମାନସିକ ନଡିଆ ରଖିବାପାଇଁ ବଡ ଗୋଦାମ,୪ଟି ପେଖରୀର ସୌନ୍ଦର୍ଯ୍ୟକରଣ ଓ ଶିଶୁ ଉଦ୍ୟାନ ନିର୍ମାଣ ହେବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ କହିଥିଲେ, ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ ନିର୍ମାଣ ବେଳେ ସେ ସେଠାରେ ଥିଲେ। ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସେମାନଙ୍କ ସହଯୋଗରେ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଥିଲା। ଉପସ୍ଥିତ ଲୋକେ ପ୍ରକଳ୍ପ କରିବାକୁ ସହମତି ଦେବା ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଶରତ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଏକ ସଂଗ୍ରାହାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ୮୦/୯୦ ବର୍ଷ ତଳେ ମା'ଙ୍କ ଅବସ୍ଥିତି ଓ ପରବର୍ତ୍ତୀ ସମୟରେ ବିବରଣୀ ରଖିବା ପାଇଁ କହିଥିଲେ। ସ୍ୱର୍ଗତ ଭୀମସେନ ରାଉତ ପ୍ରଥମେ ମା' ତାରିଣୀଙ୍କ ଚିତ୍ର କରିଥିଲେ। ମା'ଙ୍କ ପ୍ରଥମ ଭଜନ ତାଙ୍କ ଦ୍ୱାରା ରଚନା କରାଯାଇଥିଲା। ଏ ସମସ୍ତ ତଥ୍ୟ ରଖିବାକୁ ପରାମର୍ଶ ଦେଇଥିଲେ। ସାମ୍ବାଦିକ ଭୀମସେନ ବଳ ମନ୍ଦାର ଫୁଲ ବଗିଚା ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଜମି ହରାଇବାକୁ ଥିବା ଉପରଡ଼ିହା ଗ୍ରାମର ଅକ୍ଷୟ କୁମାର ବେହେରା, ଡ଼ମ୍ବରୁଧର ଦେହୁରୀ, ସଂସୟ ସାହୁ, ଭାରତୀ ଭୂୟାଁ, ଅଜୟ କୁମାର ବେହେରା, ସସ୍ମିତା ପଟ୍ଟନାୟକ, ମନୋରନ ମିଶ୍ର, ସତ୍ୟାନନ୍ଦ ମିଶ୍ର ନିଜର ମତ ରଖିଥିଲେ। ବିଜେପି ନେତା ରାଜେନ୍ଦ୍ର କୁମାର ପଟ୍ଟନାୟକ, ସତ୍ୟମ ଦେହୁରୀ, ଶରତ ବେଜ, ରୁଦ୍ର ପ୍ରସାଦ ବେହେରା, ପ୍ରୀତମ ରୋଶନ ମହାପାତ୍ର, ଅଜିତ ପାଣିଗ୍ରାହୀ, ସୟ କୁମାର ମିଶ୍ର, ମକରଧ୍ୱଜ ବେହେରା, ପିଇଓ ଚିତ୍ରସେନ ମହାନ୍ତ ଏଡ଼ିଓ ଜଗନ୍ନାଥ ପାତ୍ର, ଯୋଗାଣ ସହାୟକ ଶାନ୍ତନୁ ବେହେରା, ଧରଣୀଧର ନାଏକ ଉପସ୍ଥିତ ଥିଲେ।

## ଫାଣ୍ଡିରେ ରକ୍ଷାବନ୍ଧନ ଉତ୍ସବ ପାଳିତ

ଢେଙ୍କିକୋଟ ,(ସବ୍ୟୁ): ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ଫାଣ୍ଡିରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଫାଣ୍ଡିର ମହିଳା ଏଏସଆଇ ଖିରଦେଇ ନିଆଲ,କନେଷ୍ଟବଳ ଗୀତାରାଣୀ ସାହୁ, ଆୟୋଜନ କରିଥିଲେ । ପରେ ଦୁହେଁ ମିଶି ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ କଂ ସମେତ ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ,କର୍ପିଳେଶ୍ୱର ରାଉତ ,ନିରଞ୍ଜନ ପଇଦା,ଯତୀନ୍ଦ୍ର ମହାନ୍ତଙ୍କୁ ଓଡିଆ ରିତିନୀତି,ପ୍ରଥା ପରମ୍ପରା ଅନୁଯାୟୀ ରାକ୍ଷୀ ବାନ୍ଧିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସହ ଲାଇଭ ଷ୍ଟ୍ରିମିଙ୍ଗରେ ସୁଭଦ୍ରା ହତାଧିକାରୀ

ଭଦ୍ରକ,(ସବ୍ୟୁ): ଶନିବାର ପବିତ୍ର ରାକ୍ଷୀ ପୂର୍ଣିମା ଅବସରରେ କୋରାପୁଟ ଜିଲ୍ଲା ଜୟପୁର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରିଛନ୍ତି। ପ୍ରାୟ ୧କୋଟି ହିତାଧିକାରୀଙ୍କୁ ପ୍ରତ୍ୟେକ ୫ହଜାର ଟଙ୍କା ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଶନିବାର ଦିନ ଶହୀଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସଭାକୁ ସମସ୍ତେ ଦେଖିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଦିଲିପ୍ ରାଉତରାଏ ଯୋଗ ଦେଇଥିଲେ ।ମଞ୍ଚାସୀନ ଅତିଥି ରୂପେ ମୂଖ୍ୟଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ,ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ,ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ,ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରି ରୂପାଲି ମିତ୍ର,ଗୋଷ୍ଠି ଉନ୍ନୟନ ଅଧିକାରି ରଶ୍ମୀ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ସୁଭଦ୍ରା ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ସାଟିଫିକେଟ ପ୍ରଦାନ କରାଯାଇଥିଲା। ଏହାପରେ ରାକ୍ଷୀ ବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

## ଅନ୍ତେବାସୀଙ୍କ ଗହଣରେ ରକ୍ଷାବନ୍ଧନ ପାଳିଲେ ଇଂ ରାଜେଶ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ପାର୍ବତୀପୁର ବାସିନ୍ଦା ତଥା ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହକୁଡ ଚଳିତ ଥରର ରକ୍ଷା ବନ୍ଧନ ଉତ୍ସବକୁ ନିଆରା ଢଙ୍ଗରେ ପାଳିଛନ୍ତି । ପତ୍ନୀ ସୂର୍ଯ୍ୟାଂଶୀ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଖଇରା ବ୍ଲକର ଡଗରପଡା ସ୍ଥିତ ବିବେକଭାରତୀ ସେବାଶ୍ରମ ଗସ୍ତ କରି ସେଠାରେ ଅନ୍ତେବାସୀ ଭାବେ ରହୁଥିବା ଅସହାୟ ଅନାଥ ପିଲାଙ୍କ ହାତରେ ରାଖିବାନ୍ଧିବା ସହ ଖାତା,କଲମ,ପେନସିଲ ସହ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ ।

## ବୃଦ୍ଧଙ୍କ ଅକାଳ ବିୟୋଗ

ସିମୁଳିଆ,(ସବ୍ୟୁ): ଜନୈକ ବୃଦ୍ଧଙ୍କର ଜାମ୍ବୁଝାଡ଼ି ଛକ ନିକଟରେ ଅକାଳ ବିୟୋଗ ଘଟିଛି। ସୂଚନାରୁ ପ୍ରକାଶ ଭଦ୍ରକ ଜିଲ୍ଲା କରଞ୍ଜମାଳ ଶଶିକାଦେଇପୁର ଅଞ୍ଚଳର ଚର୍ତୁଭୁଜ ବଳ(୬୪) ଭୁବନେଶ୍ୱର ବସରେ ଆସି ଜାମ୍ବୁଝାଡି ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଥିଲେ। ମୁଣ୍ଡ ବୁଲାଇବାରୁ ହଠାତ୍ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଛି। କିଛି ଦୂରରେ ଉପସ୍ଥିତଥିବା ସମାଜ ସେବୀ ଅକ୍ଷୟ ବିଶ୍ୱାଳ,ଯୁବ ଓଡ଼ିଶା ଫାଉଣ୍ଡେସନ ସଭାପତି ମୋହନ ଗୋଛାୟତ,ରମେଶ ପାତ୍ର, ଦିଲ୍ଲୀପ ମହାକୁଡ,ସତ୍ୟବାନ୍ ପ୍ରଧାନ ପ୍ରମୁଖ ତାଙ୍କ ନିକଟରେ ପହଞ୍ଚି ଥିଲେ । ବୃଦ୍ଧ ଜଣଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ । ମାତ୍ର ବୃଦ୍ଧ ଜଣଙ୍କ ସ୍ଥିର ରହିଥିଲେ । ତାଙ୍କ ପାଖରେ ଏକ ବ୍ୟାଗରେ ମେଡ଼ିକାଲର କାଗଜ ପତ୍ର ମିଳିଥିଲା ଏବଂ ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ଖବର ଦେଇ ଥିଲେ । ପରିବାର ଲୋକେ ବୃଦ୍ଧଙ୍କୁ ଚିହ୍ନଟ କରିଥିଲେ ଓ ସମାଜସେବୀଙ୍କ ସହାୟତାରେ ମୃତ ଶରୀରକୁ ପରିବାର ଲୋକେ ଘରକୁ ନେଇଥିଲେ ।

# ମହାଯୋଗୀ ଶ୍ରୀଅରବିନ୍ଦ - ମହାକାବ୍ୟ 'ସାବିତ୍ରୀ'

**ଡାକ୍ତର ରାମ ପ୍ରସାଦ ରାୟ**

'ସାବିତ୍ରୀ' ଏକ କବିତା ମାତ୍ର ନୁହେଁ, ଏହା ଇଂରାଜୀ ଭାଷା ସାହିତ୍ୟର ଏକ ବୃହତମ ମହାକାବ୍ୟ । ତେଇଶ ହଜାରରୁ ଉର୍ଦ୍ଧ୍ୱ ଧାଡ଼ି ସମ୍ବଳିତ ଏହି ମହାକାବ୍ୟର ସର୍ବଜନାଦୃତ ପରିଚୟ ମଧ୍ୟ ଏହା ନୁହେଁ, ଏକ ପବିତ୍ର ଆବେଦନ ହିଁ ଏହାର ପାଠକୀୟ ସ୍ୱୀକୃତି ।

'ସାବିତ୍ରୀ' ଆଧ୍ୟାତ୍ମିକ ଗତ୍ୟାତ୍ମକ ଶକ୍ତି ସଂଯୋଗକାରିଣୀ । ଚେତନାର କେନ୍ଦ୍ରବିନ୍ଦୁରେ ସଂସ୍ଥାପିତ ହୋଇ ବ୍ୟକ୍ତିସତ୍ତାର ଉର୍ଦ୍ଧ୍ୱାରୋହଣ ପାଇଁ ଏହା ଏକ ମନ୍ତ୍ରମାଳା, ଯାହାର ସତ୍ୟ ଓ ଜ୍ଞାନର ଶକ୍ତି ଜୀବନର ଗତିପଥରେ ଆଣେ ପରିବର୍ତ୍ତନ ଓ ବିବର୍ତ୍ତନ । ଯାହା ପଠନ ମାତ୍ରକେ ଜୀବନର ଏକ ମହାର୍ଘ ଅଂଶରେ ହୁଏ ପରିଣତ, ସେହି ମହାକାବ୍ୟର ଅଧ୍ୟୟନରେ ମାନବାତ୍ମା କେବଳ ହୁଏନାହିଁ ତୃପ୍ତ – ଲୋଡ଼ିଥାଏ ଏକ ନିରନ୍ତର ହୃଦୟାଭ୍ୟାସ । 'ବିଭୁ – ଜାଗୃତି ପୂର୍ବର ସେହି ବେଳା ।' ଏକ ଅନୁପମ – ଆତ୍ମ ବାକ୍ୟଟିରୁ ହିଁ ଶ୍ରୀ ଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଶୁଭାରମ୍ଭ । ବରୋଦାରେ ଥିବା ସମୟରେ ସେ ଏହାର ରଚନା ଆରମ୍ଭ କରିଥିଲେ । ତାଙ୍କର ଚୈତ୍ୟ–ସାଧନାର ଦୀର୍ଘାତିଦୀର୍ଘ ପଥରେ, ଚେତନାର ବିଭିନ୍ନ ସ୍ତରର ଅନୁଭୂତିର ପରିମାପକ ରୂପେ ସେ ଏହାର ରଚନାକାର୍ଯ୍ୟ ପ୍ରାୟ ପଚାଶବର୍ଷ ଅବ୍ୟାହତ ରଖିଥିଲେ । ତେବେ ସାବିତ୍ରୀ କାହିଁକି ? ପୁରାଣରେ ନିହିତ ଏହାର ମୂଳ କାହାଣୀ ବହୁ ପରିଚିତ ଓ ବହୁବାର ଆଲୋଚିତ । ସମ୍ରାଟ ଅଶ୍ୱପତି ନିଃସନ୍ତାନ । ତଦାନୀନ୍ତନ ସମୟର ପ୍ରଥାନୁସାରେ, ତପସ୍ୟା ଉଦ୍ଦେଶ୍ୟରେ ଅରଣ୍ୟ ଯାତ୍ରା କରନ୍ତି । ଦୀର୍ଘ ଅଠର ବର୍ଷର କଠୋର ତପସ୍ୟା ଅନ୍ତେ ଦେବମାତା ଗାୟତ୍ରୀ ତାଙ୍କ ସମ୍ମୁଖରେ ପ୍ରକଟିତ ହୋଇ, ସ୍ୱୟଂ ତାଙ୍କର ସନ୍ତତି ରୂପେ ଜନ୍ମିତା ହେବେ ବୋଲି ବର ପ୍ରଦାନ କରନ୍ତି । ଅଶ୍ୱପତି ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରନ୍ତି । ସାବିତ୍ରୀ ଓ ଗାୟତ୍ରୀ – ଏକ ଦେବୀଙ୍କର ଦୁଇଟି ନାମ । ତେଣୁ ସେ କୃତକୃତ୍ୟ ଚିତ୍ତରେ ସେହି କନ୍ୟାର ନାମ ରଖନ୍ତି 'ସାବିତ୍ରୀ' । ଶ୍ରୀ ଅରବିନ୍ଦ ଜଣେ ଜାତ–କବି । ତାଙ୍କ ପାଇଁ କବିତା ଏକ ସ୍ୱାଭାବିକ ପ୍ରାକୃତିକ କର୍ମ । କିନ୍ତୁ ସେ ଏହି ମହାକାବ୍ୟ ବିରଚନା ପାଇଁ ନେଇଛନ୍ତି ପାଞ୍ଚ ଦଶନ୍ଧି ସମୟ । ତେରବର୍ଷ ବୟସରେ ଲଣ୍ଡନରେ ଥିବା ସମୟରେ ସେ ତାଙ୍କର ପ୍ରଥମ କବିତା ରଚନା କରିଥିଲେ । ଏକ ନିର୍ଦ୍ଦିଷ୍ଟ କବିତା 'ସାବିତ୍ରୀ'ର ନିରୀକ୍ଷଣ, ପୁନଃନିରୀକ୍ଷଣ ଏପରିକି କେତେକ ସ୍ଥଳେ ଏଗାର ଥରରୁ ଅଧିକ ସଂଶୋଧିତ ମଧ୍ୟ ହୋଇଛି । ଏଥି ସମ୍ବନ୍ଧରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଏପରି କରିବା ପାଇଁ ସେ ଉପରୁ ନିର୍ଦ୍ଦେଶ ଓ ପ୍ରେରଣା ପାଇଛନ୍ତି ।

ଏକ ନିପୁଣ, ନିଖୁଣ ପୂର୍ଣ୍ଣତା ଲାଭ ନିମନ୍ତେ ସେ କରିଛନ୍ତି ସକଳ ପ୍ରୟାସ । ପରିପୂର୍ଣ୍ଣତା ଏକ ଚରମ ସ୍ଥିତି ନୁହେଁ । ଶ୍ରୀମାଙ୍କର ସ୍ୱତନ୍ତ୍ର ବ୍ୟାଖ୍ୟା ପ୍ରତିପାଦନ କରେ – ଏକ ଶୀର୍ଷ ବିନ୍ଦୁରେ ଆରୋହଣ କରିବାର ଅର୍ଥ ପରିପୂର୍ଣ୍ଣତା ନୁହେଁ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଉପଲବ୍ଧ ସମସ୍ତ ସୁଯୋଗର ସଦୁପଯୋଗ କରିବା ହିଁ ପରିପୂର୍ଣ୍ଣତା । ପ୍ରତ୍ୟେକ ସ୍ଥିତିରେ ଅନେକ ସୁଯୋଗ ଓ କାରଣମାନ ଉପସ୍ଥିତି ଥାଏ । କିନ୍ତୁ ଉପଲବ୍ଧ ସେହି ସମସ୍ତ ସୁଯୋଗର ସର୍ବାଧିକ ସଂହତି ଓ ବିନିଯୋଗ କରିପାରିବା ହିଁ ସେହି ମୁହୂର୍ତ୍ତର ପରିପୂର୍ଣ୍ଣତା । ଏକ ଦୃଷ୍ଟିରେ ପରିପୂର୍ଣ୍ଣତା ଏକ ଚଳନଶୀଳ ସ୍ଥିତି । ଏହା ଉତ୍କର୍ଷ, ଅଭ୍ୟୁଦୟ ଓ ଜୀବନର ନୂତନ ଅର୍ଥ ବହନ କରୁଥିବା ଏକ ଉର୍ଦ୍ଧ୍ୱମୁଖୀ ଚେତନା । ଶ୍ରୀଅରବିନ୍ଦ କହନ୍ତି ଯେ, ଯାହା ସେ ରଚନା କରିଛନ୍ତି ପରେ ଚେତନାର ଯେଉଁ ସ୍ତରରେ ସେ ଉପନୀତ ହୋଇଛନ୍ତି, ତାହାର ପୂର୍ଣ୍ଣାଙ୍ଗ ପରିପ୍ରକାଶ ନିମନ୍ତେ ପୂର୍ବଲେଖାକୁ ସଂଶୋଧିତ କରିଛନ୍ତି । ଚେତନାର ଉର୍ଦ୍ଧ୍ୱତର ସ୍ତରକୁ ପୂର୍ବ ବକ୍ତବ୍ୟକୁ ଉତ୍‌ଥିତ କରାଇଛନ୍ତି । ସେହି ଦୂରଦ୍ରଷ୍ଟା ଭବିଷ୍ୟତର କବିତାକୁ କବି–ମାନସକନ୍ୟା ରୂପେ ଅବଲୋକନ କରି ନାହାନ୍ତି । ସେ ତାକୁ ଦେଇଛନ୍ତି ଏକ ବୈଦିକ ମନ୍ତ୍ରର ଉଚ୍ଚାସନ । ଶ୍ରୀ ଅରବିନ୍ଦଙ୍କ ତାଙ୍କ କବିତାରେ ସେହି ରୂପାନ୍ତରୀକରଣ ପରିପ୍ରକାଶ କରିଛନ୍ତି । କବି – ମାନସପୁତ୍ରୀରୁ ଏକ ଦୈବିକ ଅନୁଭବ, ସତ୍ୟର ବୀଜଧାରଣକାରୀ ଏକ ଦୈବ ପ୍ରେରଣାର କାବ୍ୟିକ ଉଚ୍ଚାରଣ – ତାଙ୍କର 'ସାବିତ୍ରୀ' ନିମନ୍ତେ ଏହାହିଁ ଥିଲା ମନଯୋଗ । ପାତିବ୍ରତ୍ୟ ଓ ପବିତ୍ରତାର ସେହି ସ୍ମରଣୀୟ କାହାଣୀ ପରିବର୍ତ୍ତିତ ହୋଇଛି ମୃତ୍ୟୁ ଉପରେ ମାନବର ବିଜୟର ଏକ ମହନୀୟ ଗାଥାରେ । ବିଭୁକୃପାରେ ଧରାପୃଷ୍ଠରେ ଦେବାବତାର ଅବତୀର୍ଣ୍ଣ ହୋଇ ମାନବ ଜାତି ପକ୍ଷରୁ ମୃତ୍ୟୁ ଅଧିପତିଙ୍କ ସହ କରିଛନ୍ତି ସଂଗ୍ରାମ ।

**ଶ୍ରୀଅରବିନ୍ଦ କହନ୍ତି ଯେ, ଯାହା ସେ ରଚନା କରିଛନ୍ତି ପରେ ଚେତନାର ଯେଉଁ ସ୍ତରରେ ସେ ଉପନୀତ ହୋଇଛନ୍ତି, ତାହାର ପୂର୍ଣ୍ଣାଙ୍ଗ ପରିପ୍ରକାଶ ନିମନ୍ତେ ପୂର୍ବଲେଖାକୁ ସଂଶୋଧିତ କରିଛନ୍ତି । ଚେତନାର ଉର୍ଦ୍ଧ୍ୱତର ସ୍ତରକୁ ପୂର୍ବ ବକ୍ତବ୍ୟକୁ ଉତ୍‌ଥିତ କରାଇଛନ୍ତି । ସେହି ଦୂରଦ୍ରଷ୍ଟା ଭବିଷ୍ୟତର କବିତାକୁ କବି–ମାନସକନ୍ୟା ରୂପେ ଅବଲୋକନ କରି ନାହାନ୍ତି । ସେ ତାକୁ ଦେଇଛନ୍ତି ଏକ ବୈଦିକ ମନ୍ତ୍ରର ଉଚ୍ଚାସନ । ଶ୍ରୀ ଅରବିନ୍ଦଙ୍କ ତାଙ୍କ କବିତାରେ ସେହି ରୂପାନ୍ତରୀକରଣ ପରିପ୍ରକାଶ କରିଛନ୍ତି । କବି – ମାନସପୁତ୍ରୀରୁ ଏକ ଦୈବିକ ଅନୁଭବ, ସତ୍ୟର ବୀଜଧାରଣକାରୀ ଏକ ଦୈବ ପ୍ରେରଣାର କାବ୍ୟିକ ଉଚ୍ଚାରଣ – ତାଙ୍କର 'ସାବିତ୍ରୀ' ନିମନ୍ତେ ଏହାହିଁ ଥିଲା ମନଯୋଗ ।**

ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କର ଆଧ୍ୟାତ୍ମିକ ମହାଅନ୍ୱେଷା, ବିଭୁ–ବିଜ୍ଞାନ ସାଧନା, ଅତିମାନସ ଚିନ୍ତନ, ଚେତନାର ନବ ବିବର୍ତ୍ତନ, ଗୁପ୍ତଜ୍ଞାନ ଓ ପରିଶେଷରେ ଜୀବନର ସତ୍ ରୂପାନ୍ତରୀକରଣ – ମୃତ୍ୟୁରୁ ଜୀବନ, ଅନ୍ଧକାରରୁ ଆଲୋକ, ଅସଜ୍ଞାରୁ ସଜ୍ଞାର ଉପଲବ୍ଧି ସେହିପରି ଏକ ମହାସଂଗ୍ରାମ । ସମଗ୍ର ବିଶ୍ୱର ଧର୍ମ ଓ ଆଧ୍ୟାତ୍ମିକତାର ପରମ୍ପରା ମନୁଷ୍ୟର ପୃଥିବୀ ପ୍ରତି ବିରାଗଭାବ ଜାତ ହେବା ପାଇଁ ପରାମର୍ଶ ଦେଇ ଆସିଛନ୍ତି । କାରଣ ଏହି ପୃଥିବୀ ମୃତ୍ୟୁ, ତାମସିକତାର ଭୂମି । ଏହାର ଉର୍ଦ୍ଧ୍ୱରେ ରହିଛି ମୁକ୍ତି, ନିର୍ବାଣ, ବ୍ରହ୍ମ, ସଚ୍ଚିଦାନନ୍ଦର ଉପଲବ୍ଧି । ଏପରିକି ଖ୍ରୀଷ୍ଟୟାନ ଓ ଇସଲାମିକ ଧର୍ମରେ ଉଲ୍ଲିଖିତ, ଈପ୍‌ସିତ ଲକ୍ଷ୍ୟ – ସ୍ୱର୍ଗ । ଶ୍ରୀ ଅରବିନ୍ଦ ଏପରି ଚିନ୍ତାଧାରାକୁ ପ୍ରତିହତ କରିବା ପାଇଁ ଦେଇଛନ୍ତି ଏକ ବୈପ୍ଳବିକ ଆହ୍ୱାନ । ଔପନିଷଦିକ ଋଷି କଣ୍ଠରୁ ନିଃସୃତ ବାଣୀ–(ସକଳ ପୂର୍ଣ୍ଣତା ଲାଭ କରିପାରିବା ) ଦ୍ୱାରା ଉଦ୍‌ବୁଦ୍ଧ ହୋଇ, ସେ ମାନବର ଚେତନା ନୁହେଁ – ଏହା ଏକ ଦେବଭୂମି – ପ୍ରାଣୀର ସକଳ କର୍ମ, ସମଗ୍ର ଜୀବନ ପାଇଁ ଏକ ଈଶ୍ୱର ପ୍ରଦତ୍ତ ମାଧ୍ୟମ ।

'ସାବିତ୍ରୀ' ମହାକାବ୍ୟ ଏହି ସତ୍ୟର ଉଦ୍‌ଘୋଷକ, ମାନବ ସଭ୍ୟତାର ବିକାଶ ଓ ପରମ୍ପରାରେ 'ପ୍ରେମ ଓ ମୁକ୍ତି'ର ଏକ ବିସ୍ତୃତ ପରିବେଶ, ଏକ ବିପୁଳ ସତ୍ୟର ଆଦର୍ଶ ସ୍ଥାପନା ନିମନ୍ତେ ମାନବ ଚେତନା ନିକଟରେ ବିଶ୍ୱାତ୍ମା ଶ୍ରୀ ଅରବିନ୍ଦଙ୍କର ଏହା ଏକ ସାର୍ବଜନୀନ ଆବେଦନ । କିପରି ବସ୍ତୁ ସହିତ ଆତ୍ମାର ସଂଯୋଗ ସ୍ଥାପିତ ହୋଇପାରିବ, କିପରି ପ୍ରାଜ୍ଞଜନଗଣ ଶୟନ, ସ୍ୱପନ, ଜାଗରଣରେ ଈଶ୍ୱରଙ୍କୁ ନିଜ ସତ୍ତାରେ ସ୍ଥାନିତ କରିପାରିବେ, କିପରି ଏହି ସମସ୍ତ କ୍ରିୟା ରୂପାନ୍ତରୀକରଣର ଏକ ଦିବ୍ୟ ମୁହୂର୍ତ୍ତରେ ସଂଘଟିତ ହେବ, କିପରି ମୃତ୍ୟୁ ଉପରେ ବିଜୟ ସାଧିତ ହେବ, କିପରି ଈଶ୍ୱରଙ୍କର ଔଜଲ୍ୟମୟ ସତ୍ତା ନିକଟରେ ମୃତ୍ୟୁରାଜଙ୍କର ନିର୍ମୋକ ସ୍ଖଳିତ ହେବ – ଏହି ସମସ୍ତ ଚିରନ୍ତନ ସତ୍ୟ ଓ ପ୍ରଶ୍ନର ସମାଧାନ ନିମନ୍ତେ 'ସାବିତ୍ରୀ'–ଏକ ଆଧ୍ୟାତ୍ମିକ, ସ୍ୱୀକାର ସୂଚକ ଭାବାତ୍ମକ ମହାକାବ୍ୟ ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ମୋ–୮୨୬୦୪୦୮୮୩୬**

# ସାରସ୍ୱତ ସାଧକ ଗୋଦାବରୀଶ ମିଶ୍ର

**ବିଶ୍ୱବିଜୟୀ ଦାଶ**

ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ,ଶିକ୍ଷାବିତ୍ ,ନିଃସ୍ୱାର୍ଥପର ଜନସେବକ,ପ୍ରବୀଣ ରାଜନୀତିଜ୍ଞ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଏକନିଷ୍ଠ ପୂଜାରୀ ଭାବରେ ଏକ ଉତ୍ତୁଙ୍ଗ ଶାସନର ଅଧିକାରୀ । ତାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା ଓ ଗୀତିକବିତାମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ । କବିପ୍ରାଣର ଅନନ୍ତ ବିସ୍ତୃତି, ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜ୍ୱଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ।

ସେ ୨୬ ଅକ୍ଟୋବର ୧୮୮୬ ମସିହା ପୁରୀ ଜିଲ୍ଲା ବାଣପୁରର ଶ୍ରୀନିବାସପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଅପସରା ଦେବୀ । ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରାମ ସ୍କୁଲରେ ସମାପ୍ତ ହୋଇଥିଲା, ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ଉଚ୍ଚଶିକ୍ଷା ସମାପ୍ତ ହୋଇଥିଲା । ସେ ୧୯୧୦ରେ ରେଭେନ୍ସା ମହାବିଦ୍ୟାଳୟରୁ ଦର୍ଶନ ବିଭାଗରେ ସ୍ନାତକ ଡ଼ିଗ୍ରୀ ହାସଲ କଲେ । ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ । ୧୯୧୩ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତାକୁ ଆଦରି ନେଇ ତ୍ୟାଗ, ସେବା ଓ ସାଧନାର 'ବେଦି'ରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ବକୁଳ–ଛୁରିଆନାର ସେହି ରମଣୀୟ ପ୍ରାକୃତିକ ପରିବେଶ ତାଙ୍କୁ ସମ୍ମୋହିତ କରିବା ସାଙ୍ଗକୁ ଅମୃତମୟୀ କବିତା ରଚନା ପାଇଁ ଉଦ୍‌ବୁଦ୍ଧ କରିଥିଲା ।

ଆଲେଖିକାର ଗାଥା କବିତାମାନ ପଣ୍ଡିତ ଗୋଦାବରୀଶଙ୍କ ଗଭୀର ଜାତୀୟତାବୋଧ, ସ୍ୱଦେଶପ୍ରୀତି, ଐତିହ୍ୟ–ଅନୁରକ୍ତିର ଜୀବନ୍ତ ଆଲେଖ୍ୟ । ଅନୁଭୂତି–ରସାଣିତ ଆବେଗମୟ ପ୍ରାଣପ୍ରାଚୁର୍ଯ୍ୟ ଭରା 'କିଶଳୟ' ଓ 'କଳିକାର' କବିତାବଳୀ ଏକ ଅପୂର୍ବ ଐଶ୍ୱର୍ଯ୍ୟରେ ବିଭବଶାଳୀ । 'ମୁକୁନ୍ଦ ଦେବ' ଓ 'ପୁରୁଷୋତ୍ତମ ଦେବ' ଐତିହାସିକ ନାଟକ ଦ୍ୱୟ ତାଙ୍କ ଉତ୍କଳାନୁରାଗରେ ସୁସ୍ପଷ୍ଟ ନିଦର୍ଶନ । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁରସ୍କୃତ ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ 'ଅର୍ଦ୍ଧଶତାବ୍ଦୀରେ ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥନୈତିକ ଜୀବନଧାରାରେ ଏକ ସତ୍ୟନିଷ୍ଠ ବିବରଣୀ ।

ଏହା ବ୍ୟତୀତ ଚୟନିକା, କବିତାୟନ, ଗୀତାୟନ ଓ କବିତାଗ୍ରନ୍ଥ ଆଦି କେତେକ ପାଠ୍ୟପୁସ୍ତକ ଓ ତତସହିତ ବହୁ ଶିଶୁ–କବିତା ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର'ଓ 'ନିର୍ବାସିତ' ଉପନ୍ୟାସର ସେ ସ୍ରଷ୍ଟା । ତାଙ୍କର 'ଅଭାଗିନୀ' ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ । ଅନ୍ୟ ଉପନ୍ୟାସଗୁଡିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ପ୍ରକାଶିତ । ତାଙ୍କର ଗାଥା କବିତାଗୁଡ଼ିକ ହେଉଛି କାଳିଜାଈ, ଅଭିରାମ ସିଂହ, ଧରଣୀଧର । ୧୯୧୯ ମସିହାରେ ସିଂହଭୂମି ଯାଇ ସେଠାରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର କଳ୍ପେ କେତେକ ଉଚ୍ଚବିଦ୍ୟାଳୟ ସମେତ ବହୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ ।

ଚକ୍ରଧରପୁର ବିଦ୍ୟାଳୟକୁ ସେ ଏକ ଜାତୀୟ ବିଦ୍ୟାଳୟରେ ପରିଣତ କରି ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ବାଣପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ହୋଇଥିଲେ । ତାଙ୍କରି ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ପଣ୍ଡିତ ଗୋଦାବରୀଶ ମିଶ୍ର ୨୬ ଜୁଲାଇ ୧୯୫୬ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା ।

**ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା**
**ମୋ– ୬୩୭୦୨୦୮୪୨୮**

# ଟିକେ ଅପେକ୍ଷା କରନ୍ତୁ ଶେଷ ଯାଏଁ

**ସୁନନ୍ଦା ମହାନ୍ତି**

ଗଳ୍ପ

ସେଦିନ ଗାଧୁଆ ଘରୁ ଜୋର ଆବାଜ ଶୁଣି ସାରିବା ପରେ ବାପା ରଡି ଛାଡିଲେ ଆରେ କଣ ହେଲା? ପୁଅ ଗାଧୁଆ ଘର ଦୁଆର ଆଡକୁ ଚାହିଁଦେଇ ପୁଣି ଫେରିଗଲା ତା ଡିଜିଟାଲ ଦୁନିଆଁକୁ । ଆଉ ଝିଅ ଭାବୁଥିଲା ଏତେବେଳକୁ ବୋଉ କୁଆଡେ ଗଲା । ଡାକ ପକାନ୍ତାଣି କାହାର କଣ ହେଲା? ଦଉଡି ଆସି ପଚାରନ୍ତାଣି କେହି ପଡିଯାଇନ ତ? ଝିଅ ଟିକେ ଗାଧୁଆ ଘର ଫାଙ୍କରେ ଦେଖିନେଲା । ବୋଉ ଚିତ ହୋଇ ପଡିଛି । ଡାକ ଶୁଣି ବାପା ଓ ପୁଅ ଦଉଡି ଆସିଥିଲେ ମଧ୍ୟ ବୋଉ ଉଠିପାରୁନି । ଗୋଡ଼ ଭାଙ୍ଗିଛି ନିଶ୍ଚୟ. ଡକ୍ଟର କହିଲେ ମାସେ ରେଷ୍ଟ ନେବାକୁ ପଡିବ । ବୋଉକୁ କେବେ ଭୋକ ହୁଏ କି ନା କେହି କେବେ ପଚାରୁନଥିବା ବେଳେ ଆଜି ବାପା ପୁଅ ଝିଅଙ୍କର ଚିନ୍ତା ସକାଳ ଜଳଖିଆ, ତା' ପରକୁ ମଧ୍ୟାହ୍ନ ରୋଷେଇ, ପୁଣି ଅପରାହ୍ନ ଟିଫିନ ପୁଣି ରାତ୍ରୀ ଭୋଜନ ସହିତ ଅନ୍ୟାନ୍ୟ ଘର କାମ ସବୁକୁ ନିର୍ଦ୍ୱନ୍ଦରେ କରିଯାଉଥିବା ବୋଉର ଗୋଡ଼ ଭାଙ୍ଗିଗଲାପରେ ସେସବୁ କେମିତି ହେବ ! ବାପାଙ୍କର ତ ଭୁଲାମନ । କେବେ ବୋଉ ବିନା କୋଉ ଜିନିଷ ପାଇବା ଓ ମନେକରି ଅଫିସ ଯିବା ପୂର୍ବରୁ ସାଙ୍ଗରେ ଦରକାରୀ ଜିନିଷ ମନେପକେଇ ନେବା କେହି ଏଯାଏଁ ଦେଖିନି । ତା' ଭିତରେ ପୁଅର ଭଳି ଭଳି ଖାଇବା ବରାଦକୁ ଝିଅ ଆଜିଯାଏଁ ଚା' ଟୋପେ କରି ଶିଖିନି । ସେସବୁ କଥା ଚିନ୍ତା କରି ବାପା, ପୁଅ ଓ ଝିଅ ତିନିହେଁ ମ୍ରିୟମାଣ ହୋଇପଡୁଥିଲା ବେଳେ ବୋଉ କହୁଥିଲା ଦୁଇଟା ଦିନରେ ମୁଁ ଉଠିଯିବି । ଡାକ୍ତର କହୁଥିଲେ ଗୋଡ଼ ସେମିତି ବିଶେଷ କିଛି ହୋଇନି ତ ବାପା ପାଟି କରି ଉଠିଲେ । ବିଶେଷ କିଛି ନହୋଇଥିଲେ ନଳିଗୋଡ଼ଟା ବ୍ୟାଣ୍ଡେଜ ହୋଇନଥାନ୍ତା । ହୁସିଆର କହିଦେଉଛି ମ । ସେ ପୂର୍ବରୁ ଯଦି ଓହ୍ଲେଇବାକୁ ତଳକୁ ଚେଷ୍ଟା କରିଛ !

ବୋଉ ସବୁଠୁ ବ୍ୟସ୍ତ ଥିଲା ଘର କେମିତି ଚଳିବ କହି ତ ପରାମର୍ଶ ଦେଇଥିଲା ଖୁଡି ଶାଶୁଙ୍କୁ ଗାଁରୁ ଆଣିବା ପାଇଁ । ସ୍ୱାମୀଙ୍କ ବୋଉ ବହୁଆଗରୁ ଚାଲିଯାଇଥିଲେ ତ ସେହି ଖୁଡି ହିଁ ମାଳବିକାଙ୍କର ଖାଲି ଶାଶୁ ନୁହଁନ୍ତି ବରଂ ସବୁକିଛି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ନିଜର ସ୍ୱାମୀ ନାହାଁନ୍ତି କି ନାହାଁନ୍ତି ସନ୍ତାନ ସନ୍ତତି । ତେଣୁ ସେ ହିଁ ପିଲାଙ୍କ ଜେଜେମାଆ । ସବୁ ଅଳି ଅର୍ଦଳି ସହି ନିଜ ନାତିନାତୁଣୀଙ୍କର ସବୁ କରିଛନ୍ତି ପଞ୍ଝୁଆତି ଠୁ ଏକୋଇଶିଆ ଯାଏଁ ତ ଖୁଡିଙ୍କୁ ଗାଁରୁ ନେଇଆସିଲେ ଖୁବ୍ ଭଲ ହେବ ବୋଲି ମାଳବିକା କହୁଥିଲେ ତ ବାପା ସିନା ରାଜି ପିଲା ଦୁହେଁ ମନେ ମନେ ଭାବୁଥିଲେ କେତେ କଥା । ପୁଅ ଭାବୁଥିଲା ମାଆ ରାତିରୁ ଉଠି ଗାଧୁଆ ପାଧୁଆ କରି ଠାକୁର ଘରେ ଘଣ୍ଟି ବାଡେଇ କାହାକୁ ଶୁଆଇ ଦେବନି । ଝିଅ ଭାବୁଥିଲା ମାଆ ତାକୁ ହିଁ ଘଣେଇବ, କହିବ ଝିଅପିଲା ଯେତେ ପାଠ ପଢିଲେ ମଧ୍ୟ ଚୁଲି ମୁଣ୍ଡକୁ । ଏ ଭିତରେ ଦିନଟିଏ ବିତିଛି କି ନାହିଁ ବୋଉ ଖଟଲାଗି ହୋଇଥିବାରୁ ବାପା ପୁଅ ଝିଅ ନାକେଦମ ତ ମାନିନେଇ ଥିଲେ ବୋଉ ଉପଦେଶ । ଖୁଡିଙ୍କ ସଙ୍ଗେ ଫୋନରେ କଥା ହୋଇ ନିଜେ ବୋଉ ଠିକ୍ କରିସାରିଥିଲା ତାଙ୍କ ଆସିବା କଥା ।

ପହଂଚିଗଲେ ଖୁଡି ମାଆ ପିଲାଙ୍କର । ଆଣିଥିଲେ କେତେ କଣ ଯେମିତିକି ଚୁଙ୍ଗୁଡ଼ି ଶୁଖୁଆ, ବଡି,ପାମ୍ପଡ଼, ଆଚାର ଇତ୍ୟାଦି । ସତରେ ତାମ୍ପଡା ଶୁଖୁଆ ପାଣି କରି ଗରମ ଭାତ ଖାଇବାର ମଜା ନିଆରା । ପୁଣି ଆଳୁ, ଜହ୍ନି, ଭେଣ୍ଡି ପୋଡ଼ା ସାଙ୍ଗକୁ ବଡ଼ି ଭଜା ପାଗ ଖୁବ ସ୍ୱାଦିଷ୍ଟ ଓ ଅଳ୍ପ ସମୟ ମଧ୍ୟରେ ହୋଇଯାଉଥିଲେ ମଧ୍ୟ ଖୁଡିମାଆ ଉଠିଲେ ବସିଲେ ଉହୁ, ଓହୋ ହେଉଥାଆନ୍ତି । ନାତିକୁ ଡାକ ପକାଉଥାଆନ୍ତି ତଳୁ ଉଠେଇବାକୁ ତ ନାତୁଣୀକୁ ଡାକ ପକାଉଥାଆନ୍ତି ବଡ଼ାବଡ଼ି, ଶାଗକଟା, ଶଙ୍ଖୁଡି ଉଠେଇବାକୁ ତ ପିଲା ଦୁହେଁ ଭାବୁଥିଲେ ବୋଉଟା କେବେ ଭଲ ହେବ କେଜାଣି ! ସେଦିନ ବୋଉକୁ ଔଷଧ ଦେବାକୁ କହିଦେଇ ଯାଇଥାନ୍ତି ବାପା । ତାଙ୍କର ଅଫିସରୁ ଆସିବା ଡେରି ହେବ ତ ପୁଅ ଝିଅ ଔଷଧ ଖୁଆଇବାକୁ ବୋଉ ରୁମରେ ପଶି ଯାହା ଦେଖିଲେ ଆଶ୍ଚର୍ଯ୍ୟ ହେଲେ । ବୋଉ ପାଇଁ ଆସିଥିବା ତେଲକୁ ଖୁଡିମାଆ ଗୋଡ଼ରେ କଷ୍ଟରେ ବସି ଘଷୁଥିଲା ବୋଉ ଆଉ କହୁଥିଲା ଦିନଯାକ କେତେ ପରିଶ୍ରମ କରୁଛ ଖୁଡି ଟିକେ ଘସିଦିଏ । ପିଲାଦୁହିଁଙ୍କ ପଛରେ ବାପା ଆସି ପହଞ୍ଚି ସେ ଦୃଶ୍ୟ ଦେଖି ଭାବୁଥିଲେ ସତରେ ମାଳବିକା କୋଉ ଉପାଦାନରେ ଗଢା କେଜାଣି ! ପୁଅ ଝିଅ କାନ୍ଦି ପକେଇଥିଲେ ତ ବୋଉ କହୁଥିଲେ ଆସିଲ ଆସିଲ ଦୁହେଁ ମୋ ପାଖକୁ ଗୋଡ଼ ହାତ ଟିକେ ଆଉଁସି ଦିଏ ।

**ସାକ୍ଷୀଗୋପାଳ ,ପୁରୀ ,**
**ମୋ–୯୦୪୦୯୭୭୩୨୭**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ତିନି କବୟତ୍ରୀଙ୍କ କବିତା

( ସ୍ୱର୍ଗୀୟା ସରଳା ଦେବୀ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ଲେଖିକା । ତାଙ୍କ ରଚିତ 'ଶବ୍ଦବ୍ରହ୍ମ' କବିତାଟି ଖୁବ୍ ମର୍ମସ୍ପର୍ଶୀ । ଏହି ଅପ୍ରକାଶିତ କବିତାଟି ତାଙ୍କର ଜ୍ୟେଷ୍ଠ ପୌତ୍ରୀ ଶ୍ରୀମତୀ ନିବେଦିତା ମହାନ୍ତିଙ୍କ ସୌଜନ୍ୟରୁ ପ୍ରାପ୍ତ ।

'ଜନ୍ମଦିନରେ' କବୟତ୍ରୀ ହେଲେ ପ୍ରତିଭା ପରିଡା । ଓଡ଼ିଆ କବିତା ରଚନା କ୍ଷେତ୍ରରେ ସେ ସୁପରିଚିତା । ତାଙ୍କ କବିତାଟି ଆବେଗ ପରିପୂର୍ଣ୍ଣ । 'ବର୍ଷା ଗୋ ତୁମେ' କବିତା ରଚନା କରିଛନ୍ତି ଡଃ ପଦ୍ମାଳୟା ପଣ୍ଡା । ତାଙ୍କ ଲେଖାଟି ମଧ୍ୟ ସୁଖପାଠ୍ୟ । କବିତା କ୍ଷେତ୍ରରେ ମହିଳାମାନଙ୍କ ପ୍ରବେଶ ପ୍ରକୃତରେ ଆନନ୍ଦଦାୟକ ।)



**ସରଳା ଦେବୀ**

## ଶବ୍ଦ ବ୍ରହ୍ମ

ସୃଷ୍ଟିର ପୂର୍ବେ ଏକଦା
ଯେଉଁ ଶବ୍ଦ ଥିଲା ବଜ୍ରଗର୍ଭେ
ଯେଉଁ ଶବ୍ଦ ଥିଲା ପ୍ରଳୟଝାର ଉଦଣ୍ଡ ତାଣ୍ଡବେ
ଯେଉଁ ଶବ୍ଦ ଥିଲା ପ୍ରବଳ ଜଳକଲ୍ଲୋଳେ, ଜଳୋଚ୍ଛ୍ୱାସେ
ସେହି ଶବ୍ଦ ଶାନ୍ତ ହେଲା ସୃଷ୍ଟି ବିବର୍ତ୍ତନେ ।
ଧରାବୁକେ, ଭୂକମ୍ପନେ, ଆଗ୍ନେୟ ସ୍ଫୁରଣେ
ଉତ୍ତାଳ ସମୁଦ୍ର ଭୀମ, ଭୈରବ ଗର୍ଜନେ
ସେ ଶବ୍ଦ ଜଣାଇଥିଲା ଭୀଷଣ ସନ୍ତ୍ରାସ
ସେହି ନିର୍ମମ ସୃଷ୍ଟିର ଶବ୍ଦ ହୋଇଗଲା ମାଧୁରୀ ମଣ୍ଡିତ
ତଟିନୀର କଳନାଦେ ମର୍ମରୀତ ବନେ
ମଳୟ ପବନେ କୋକିଳର କୁହୁ ତାନ ମର୍ମସ୍ପର୍ଶୀ ସ୍ୱରେ
ସଂଗୀତର ବାଣୀକଣ୍ଠେ ଡାକିଲା ମଧୁରେ
ମାନବର କ୍ଲିଷ୍ଟମନ ଗାଇଲା ମୁକ୍ତିର ଗୀତ
ଥିଲା ସେହି ଅନାହତ ବାଣୀର ଚାରଣ ।
ଏତଗଲା ମାନବର ଆଦି ଅନୂବର୍ତ୍ତ– ସୃଷ୍ଟିର ବିକାଶ
କିନ୍ତୁ ସେହି ଶବ୍ଦ– ମଧୁକଣ୍ଠ
ଏବେଭରି ଅଛି ସପ୍ତଶ୍ୱରେ ପ୍ରଳୟର ରାଗ
ପ୍ରଣତୀର ଅଗ୍ରଦୂତ ! ବିଶ୍ୱକଣ୍ଠ ବୀଣାତାରେ
ଗାଇଥିଲା ପ୍ରତିକ୍ରିୟା ବିପ୍ଳବ ରାଗିଣୀ ।
(ସଂଗୃହୀତ– ପୁରାତନ ରଚନାରୁ )

## ଜନ୍ମଦିନରେ



**ପ୍ରତିଭା ପରିଡ଼ା**

ଦେବି !
ତୁମର ଜନ୍ମଦିନ କ'ଣ ଯେ !--
ତୁମେ ତ ପ୍ରତି ମୁହୂର୍ତ୍ତରେ
ବିଞ୍ଚି ହୋଇ ପଡୁଥିବା
ସୋହାଗର ହଳଦୀ ବାସ୍ନାଟିଏ...
ପ୍ରତି ନିୟତ ମୋତେ ଛୁଇଁବା ପାଇଁ
ଝୁଙ୍କି ଆସୁଥିବା
ଅମୂର୍ତ୍ତ ଅନୁରାଗଟିଏ ---
ତୁମକୁ କ'ଣ ବା ଭେଟି ସଜାଡ଼ିବି ?
ତୁମେ ତ ଆପେ ଆପେ
ସମର୍ପଣର ମୁଦ୍ରାରେ ନଇଁ ପଡୁଥିବା
କମ୍ର ବିଶ୍ୱାସଟିଏ...
ତୁମ ପାଇଁ ତିଥି/ବାର କ'ଣ ବା ଲୋଡା,
ତୁମେ ତ ମୋ ରକ୍ତରେ
ଅନନ୍ତକାଳ ଲାଗି
ବୀଣା ବାଉଥିବା ଅନୁରଣିତ ଝଙ୍କାରଟିଏ
ତୁମେ ତ ସାରା ସଂସାରର ଶୋଷକୁ
ଛାତିରେ ସାଇତି,
ତୋଫା ସକାଳରେ ଉଲ୍ଲସି ଉଠୁଥିବା
ଅନୁଢା ମାୟାଟିଏ...
ତୁମେ ତ ପାପ ପୁଣ୍ୟର ସନ୍ଧିକ୍ଷଣରେ
ନିତି ତରଳି ହୋଇ ପଡୁଥିବା
ଅନୁଚ୍ଚାରିତ ଅହଂକାରଟିଏ...
ତୁମେ ତ ଅନ୍ୱେଷାର ଆର୍ଦ୍ର ଅଗଣାରେ
ରହି ରହି ଝଲସି ଉଠୁଥିବା
ମଧୁର ମୋହଟିଏ---
କିଛି ଅର୍ପିବାର ନାହିଁ ତୁମକୁ,
ତୁମେ ତ ଆବାହନ ବିସର୍ଜ୍ଜନର
ସୋପାନ ଲଙ୍ଘି ଆସୁଥିବା
ମନ୍ତ୍ରିତ ଓଁକାରଟିଏ ...
ତୁମେ ତ ଜନ୍ମ ଜନ୍ମାନ୍ତର ଲାଗି
ମୋତେ ବେଢ଼ି ରହିଥିବା
ନିରୁତା ନିଃଶ୍ୱାସଟିଏ
ନୀରବ ଉଚ୍ଛ୍ୱାସଟିଏ
ସଜଳ ଆବେଗଟିଏ --- ।

**ପାର୍କ ପାରାଡାଇଜ କଲୋନୀ, ରଘୁନାଥପୁର, ନନ୍ଦନକାନନ ରୋଡ଼, ଭାୟା–କିଟ୍ ଛକ,ଭୁବନେଶ୍ୱର**
**ମୋ–୮୯୧୭୬୦୩୪୪୨.**

## ବର୍ଷା ଗୋ ତୁମେ



**ଡ. ପଦ୍ମାଳୟା ପଣ୍ଡା**

ବର୍ଷା ଗୋ ତୁମେ ମଳୟ ପବନେ ଆସିଛ
ଲାବଣ୍ୟଭରା ଛିଟା ଦେଇ,
ନୂପୁର ଗୁଞ୍ଜନେ ବର୍ଷି ଯାଅ କି
ଟୁପୁରୁ ଟାପର ହେଇ ।
ବିଜୁଳି ଚମକେ ଖଣ୍ଡମଣ୍ଡଳେ
ଶ୍ୟାମଳ ମେଘମାଳେ ଗୋ,
ବରଷି ଯାଅ ଗୋ ବରଷା ରାଣୀ,
କଳା ବାଦଲର ଓଢଣୀ ଟାଣି ଗୋ ।
ମହୀର ସକଳ ଭରସା,ବରଷି ଯାଅ,
ଭିଜା ମାଟି ତାର କ୍ଷଣିକ ପାଇଁ
ବାସ୍ନାରେ ଚହଟି ଯାଅ ।
ଶୁଷ୍କ ତରୁଗଣ ପଲ୍ଲବି ଉଠେ
ତବ ସ୍ପର୍ଶେ ସମ୍ବେଦନାରେ,
ଧରଣୀରାଣୀ ଖିଲି ଖିଲି ହସି ପିନ୍ଧି ଦିଏ
ସବୁଜ ଗାଲିଚାରେ ।
ସାଧବ ବହୂ ମୁହଁରେ ହସ ଫୁଟାଇ,
ନାଲି ଜର ଜର ପାଟ ପିନ୍ଧି ଲାଜରେ ତର
ତର ହେଉଥାଇ ।
ବେଙ୍ଗ ବେଙ୍ଗୁଲୀ ସାରୁ ବୁଦାମୂଳେ,
ଅନ୍ଧାର ରାତିରେ ଦେଉଥାଇ ହୁଳହୁଳି ।
ପହାଡ ପରବତ ଡାହିର ଟିପରେ
ଡାହୁକ ଡାକଇ,
କଳାମେଘ ଦେଖି ମୟୂର ପୁଚ୍ଛ ମେଲି
ପାଦ ଛନ୍ଦି ନାଚ କରଇ ।
ଇନ୍ଦ୍ରଧନୁ ଉକିଂ ମାରେ ପୂରୁବ ଦିଶାରେ,
ସପ୍ତ ରଙ୍ଗେ ରିମ୍ ଝିମ୍ ଖରା ବରଷାରେ ।
ଆସ ଗୋ ବରଷା ରାଣୀ ଚଷା ପୁଅର
ମନ ଜାଣି ।
ଖୁସି ମନେ ବିଲକୁ ଯାଏ ହଳ ଲଙ୍ଗଳ
ଧରିଣ ।
ମନଲୋଭା କୁସୁମ ଫୁଟଇ
ଭିନ୍ନ ଭିନ୍ନ କିସମର,
ଦିଶେ ଶୋଭାବନ ରଙ୍ଗ ରଙ୍ଗିଆ ନାଲି
ଗୋଲାପି ପାଟରେ ।
ରଙ୍ଗ ବେରଙ୍ଗ ପରଜାପତି
ଉଡିବୁଲେ କୁସୁମରେ,
ଏ ଫୁଲରେ ବସେ ସେ ଫୁଲରେ ବସେ
କିଛି ମହକ ନେବାରେ ।

**ହୀରାକୁଦ, ସମ୍ବଲପୁର**
**ମୋ–୮୭୬୩୪୨୮୫୩୮**



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହିଳାଙ୍କ...

ଟଙ୍କା ମୂଲ୍ୟର ୧୨୬ ଟି ନୂତନ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ।

ସୂଚନା ଯୋଗ୍ୟ, ଆଜି ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡକ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଜିଲ୍ଲାର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏଥିସହିତ ଖୁବଶୀଘ୍ର ଜୟପୁରରୁ ଭୁବନେଶ୍ୱର, ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଜୟପୁର ସ୍ଥିତ ପେପର ମିଲ ପୁନର୍ବାର ଚାଲୁ ହେବ ଓ ଜୟପୁର ଠାରେ ଏକ ନୂତନ କଲେଜ ସ୍ଥାପନ ହେବ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଆର୍ଥିକ ଅଭାବରୁ ଯେଉଁ ମା' ମାନେ ନିଜ ସ୍ୱପ୍ନକୁ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସାଜିଛି 'ସୁଭଦ୍ରା' । ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଓ ଆତ୍ମନିର୍ଭର ଭାରତ ଗଢ଼ିବାରେ ସାମିଲ ହେବା । ଏହି ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ମା' ମାନେ ନିଜ ନିଜ ଛୋଟ ବଡ ବ୍ୟବସାୟ ଆରମ୍ଭ କରିପାରିଛନ୍ତି, ଆଉ କିଛି ଅଧିକ ପୁଞ୍ଜି ବିନିଯୋଗ କରି ନିଜ ନିଜର କ୍ଷୁଦ୍ର ବ୍ୟବସାୟକୁ ବୃଦ୍ଧି କରିଛନ୍ତି ।

ଆମ ସରକାର ନିଜର ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମ ପଞ୍ଚାୟତ ରେ ବସବାସ କରୁଥିବା ମହିଳା ମାନଙ୍କୁ ସଫଳ ଭାବେ 'ସୁଭଦ୍ରା' ଯୋଜନା ସହ ଯୋଡି ପାରିଛନ୍ତି । କୋଟିଆ ଗ୍ରାମ ପଞ୍ଚାୟତରେ ମୋଟ ୨୦୨୮ ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି । ଆଜି ତୃତୀୟ କିସ୍ତି ବାବଦରେ କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ ପୁଣି କହିଥିଲେ, ଆମ ସରକାରଙ୍କ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ସେମାନେ କେବଳ ଏକ ଭୋଟ ବ୍ୟାଙ୍କ ନୁହନ୍ତି । ପ୍ରାୟ ଦୁଇ ଦଶନ୍ଧି ଧରି ମହିଳା ସଶକ୍ତିକରଣ ନାଁ ରେ ରାଜ୍ୟର କୋଟି କୋଟି ମହିଳାଙ୍କୁ କେବଳ ରାଜନୈତିକ ପ୍ରଚାରପାଇଁ ବ୍ୟବହାର କରାଯାଇଥିଲା । ଏହା ସମଗ୍ର ନାରୀ ସମାଜ ପାଇଁ ଅପମାନ । ଆମ ସରକାର ଆସିବାର ପ୍ରାୟ ଏକ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣକୁ ଏକ ନୂତନ ଦିଗନ୍ତ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହାର ଉଦାହରଣ ହେଉଛି, 'ଲକ୍ଷପତି ଦିଦି' । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିକଳ୍ପିତ ଏହି ସଶକ୍ତିକରଣ କାର୍ଯ୍ୟକ୍ରମରେ ଆଜି ପର୍ଯ୍ୟନ୍ତ ଆମ ଓଡ଼ିଶାରେ ପ୍ରାୟ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି । ସୁଭଦ୍ରା ଯୋଜନା ଅଧିନରେ ଆମର ମା'ମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ପ୍ଲସ, ଉଦ୍ୟୋଗୀ କରିବା ପାଇଁ ମେଳା କାର୍ଯ୍ୟକାରୀ କରାଯାଉଥିବା ବେଳେ କିଶୋରୀମାନଙ୍କ ପାଇଁ ସୁଭଦ୍ରା କିଶୋରୀ, ସଞ୍ଚୟ ପାଇଁ ସୁଭଦ୍ରା ସଞ୍ଚୟ, ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଏବଂ ସାମୂହିକ ନେତୃତ୍ୱର ବିକାଶ ପାଇଁ ସୁଭଦ୍ରା ସଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କୋରାପୁଟର କୋଟିଆ ଗ୍ରାମ ପଞ୍ଚାୟତରେ ମୋଟ ୨୦୨୮ ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି । ଆଜି ତୃତୀୟ କିସ୍ତି ବାବଦରେ କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି । ଖୁସିର କଥା ଆମ ସରକାରଙ୍କ ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମ ପଞ୍ଚାୟତର ମହିଳାମାନେ ମଧ୍ୟ ଆମ ସୁଭଦ୍ରା ଯୋଜନା ସହିତ ଯୋଡି ହୋଇଛନ୍ତି ।

ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ । ସୁଭଦ୍ରା ଯୋଜନାରେ ପ୍ରଦାନ କରାଯାଉଥିବା ସହାୟତାକୁ ପୁଞ୍ଜି ଭାବେ ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଛୋଟ ବଡ ବ୍ୟବସାୟ ଆରମ୍ଭ କରି ନିଜ ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଜ ଅଭିଭାଷଣରେ କହିଛନ୍ତି ।

ଗୋଟିଏ ବର୍ଷ ତଳେ ମହିଳାଙ୍କ ଆଖିରେ ଯେଉଁ ବିଶ୍ୱାସ ଆମେ ଦେଖିଥିଲୁ, ସେ ବିଶ୍ୱାସ ଆଜି ଫଳପ୍ରଦ । ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଏବଂ ଏହା ସେମାନଙ୍କ ସାମାଜିକ ଅବସ୍ଥାକୁ ମଜବୁତ କରିବା, ସଫଳତା ପାଇଁ ସାଧନ ଓ ସୁଯୋଗ ଆଦି ଯୋଗାଇବା ଦିଗରେ ସରକାରଙ୍କ ଦୃଢ ସଂକଳ୍ପକୁ ପ୍ରତିପାଦନ କରୁଅଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି ଅବସରରେ କହିଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟମନ୍ତ୍ରୀଙ୍କ ହାତରେ ସୁଭଦ୍ରା ରାକ୍ଷୀ ବାନ୍ଧି ଏହି ସମାରୋହକୁ ପାରମ୍ପାରିକ ଭାବେ ଅନୁଷ୍ଠାନ କରିଥିଲେ ।

ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଏକ କୋଟି ମହିଳା ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଥିଲେ । ଏଥି ସହିତ ମଞ୍ଚ ଉପରେ ସୁଭଦ୍ରା ଯୋଜନାରୁ ସଫଳତା ପାଇଥିବା ମହିଳାଙ୍କୁ ଓ ଏହି ଯୋଜନାକୁ ସଫଳ କରାଉଥିବା ମହିଳାଙ୍କୁ ସମ୍ମାନିତ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ, ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଷ୍ଟିଲ ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ସାଂସଦ, ବଳଭଦ୍ର ମାଝି

ବିଧାୟକ ରଘୁରାମ ମାଛ, ନରସିଂହ ମାଡକାମୀ, ଗୌରୀ ଶଙ୍କର ମାଝୀ, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରମୁଖ ଶାସନ ସଚିବ, ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଧନ୍ୟବାଦ ଦେଇଥିଲେ ।

### ପାକ୍‌ର...

ଷ୍ଟ୍ରାଇକ୍‌ରେ ସ୍ଥଳ ଭାବରେ ରହିଥିବା ଆଉ ଦୁଇଟି ବିମାନ କ୍ଷତିଗ୍ରସ୍ତ ହୋଇଥିଲା । ଋଷ୍ ନିର୍ମିତ ଏୟାର ଡିଫେନ୍ସ ସିଷ୍ଟମ୍ ଏସ୍-୪୦୦ ଅପରେସନ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଭାରତର ପ୍ରଚଣ୍ଡ ଆକ୍ରମଣରେ ପାକିସ୍ତାନ ବାଧହୋଇ ଯୁଦ୍ଧ ବିରତି ଚୁକ୍ତି ପାଇଁ ଭାରତକୁ ଫୋନ୍ କରିଥିଲା । ପାକିସ୍ତାନର ଏୟାରକ୍ରାପ୍ଟଗୁଡ଼ିକ ୩୦୦ କିମି ଦୂରରୁ ଧ୍ୱଂସ କରିଦିଆଯାଇଥିଲା । ଅପରେସନ୍ ସିନ୍ଦୂର ପୂର୍ବରୁ ଓ ପରେ ଆତଙ୍କବାଦୀ ଠିକଣାର ଅବସ୍ଥା କଣ ଅଛି ତା'ର ସାଟେଲାଇଟ୍ ଛବି ମଧ୍ୟ ସେ ଦେଖାଇଥିଲେ । ଏହି ଫଟୋରୁ କ୍ଷୟକ୍ଷତିର ପରିମାଣ ସ୍ପଷ୍ଟ ହୋଇଛି । ସ୍ଥାନୀୟ ମିଡିଆ ମଧ୍ୟ ଆମେ ଆମ ପାଖରେ ଥିବା ଫଟୋକୁ ହାସଲ କରିପାରିଥିଲା ଚିଫ୍ ମାର୍ସଲ କହିଛନ୍ତି । ଜାକୋବାବାଦ୍ ଏୟାରଫିଲ୍ଡରେ ଏକ ଏଫ୍-୧୬ ହ୍ୟାଙ୍ଗର ରହିଥିଲା । ତାହା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ମୁଁ ନିଶ୍ଚିତ ଯେ ଏହା ଭିତରେ ଥିବା ଆଉକିଛି ଏୟାରକ୍ରାପ୍ଟ କ୍ଷତି ହୋଇଛି । ପ୍ରାୟ ୬ ର୍ୟାଡାରରେ ଏହି ସୂଚନା ଆସିଥିଲା । ଋଷ୍ ଦ୍ୱାରା ନିର୍ମିତ ଏସ୍-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବେଶ୍ ସଫଳତାର କାର୍ଯ୍ୟ କରି ଶତ୍ରୁ ପକ୍ଷର ଆକ୍ରମଣକୁ ପ୍ରତିହତ କରିଥିଲା ଓ ଏହାକୁ ଗେମ୍ ଚେଞ୍ଜର ବୋଲି କୁହାଯାଉଛି । ଶ୍ରୀ ସିଂହ କହିଛନ୍ତି ଯେ ସେମାନେ ଆମକୁ କୌଣସି କ୍ଷତି ପହଞ୍ଚାଇବାକୁ ସକ୍ଷମ ନଥିଲେ । ଏହାଛଡା କୌଣସି ରାଜନୈତିକ ପ୍ରତିବନ୍ଧକ ନଥିଲା ବୋଲି ସେ ଉଲ୍ଲେଖ କରିବା ସହ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଥିଲା । ଆମେ ନିଷ୍ପତ୍ତି ନେଇଥିଲୁ କେଉଁଭଳି ଭାବରେ ଆକ୍ରମଣ କରିବୁ । ଯୋଜନା ପ୍ରସ୍ତୁତ ଓ କାର୍ଯ୍ୟକାରୀ ପାଇଁ ଆମକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି ।

### ୪ ଦିନ...

ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀ ମୃତ୍ୟୁବେଳେ ଭିତରୁ ବନ୍ଦ ଥିବା ଘରର ମୁଖ୍ୟ କବାଟ ଖୋଲି ପରୀକ୍ଷାନିରୀକ୍ଷା କରୁଛନ୍ତି । ଭିତରୁ କବାଟ ବନ୍ଦ ଥିବା ଓ ପଟ୍ଟାମୁଣ୍ଡାଇ ହସ୍ପିଟାଲରୁ ଫେରି ଛାତ୍ରୀଙ୍କ ବାପା, ମା' ଶାବଳ ଦ୍ୱାରା ପ୍ରବେଶ ଦ୍ୱାରର ମୁଖ୍ୟ କବାଟ ତାଡି ଭିତରେ ପଶିଥିଲେ ବୋଲି କହିଥିଲେ । ତେବେ କବାଟରେ ଲାଗିଥିବା ଡମଣି ଓ ଲକ୍ ଅକ୍ଷତ ହୋଇଛି । ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ମୃତ୍ୟୁସ୍ଥଳ ପୂର୍ବଭଳି ପରିଷ୍କାର ରହିବା ପୋଲିସର ସନ୍ଦେହ ବଢ଼ାଇଛି । ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଖେଳତାଡ ଚାଲିଛି । ମୃତ ଛାତ୍ରୀଙ୍କ ଘର ଆଗରେ ଭିଡ ଲାଗିରହିଛି । ମୃତ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ବ୍ଲାକ୍‌ମେଲ୍ ଅଶ୍ଳୀଳ ଭିଡିଓ ଭାଇରାଲ ଯୋଗୁ ଛାତ୍ରୀ ଓ ପରିବାର ଅତିଷ୍ଠ ହୋଇ ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୋଗ ଗ୍ରହଣ ନ କରି ଫେରାଇ ଦେଇଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ଥାନା ଅଧିକାରୀ ଧୀରଜ ଲେଙ୍କା ଓ ଏଏସ୍‌ଆଇ ଶୈଳେନ୍ଦ୍ର ପଲାଇଙ୍କୁ ବଦଳାଇବା ସହ ଚେନ୍ନାଇରୁ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଆଣି ପୋଲିସ ପଚରା ଉଚରା ଜାରି ରଖିଛି । ମୃତ ଛାତ୍ରୀଙ୍କ ପିତା, ମାତାଙ୍କୁ ଘନ ଘନ ଜେରା କରାଯାଉଛି । ଚେନ୍ନାଇରୁ ପୋଲିସ ଉଠାଇ ଆଣିଥିବା ପୁରୁଷ ବନ୍ଧୁଙ୍କୁ ଅଜଣା ଜାଗାରେ ରଖି ଜେରା କରୁଛି । କେନ୍ଦ୍ରାପଡା ଏସ୍‌ପି ପ୍ରତ୍ୟକ୍ଷ ଭାବେ ତନାଘନା ପରୀକ୍ଷା ନିରୀକ୍ଷା ଓ ଘନଘନ ଜେରା ଘଟଣାରେ ପୋଲିସ ପ୍ରମାଣ ପାଇଥିବା ଆଲୋଚନା ହେଉଛି । ମୃତ ଛାତ୍ରୀଙ୍କ ଭାଇକୁ ପଟ୍ଟାମୁଣ୍ଡାଇ ଥାନାକୁ ଆଣି ଜେରା କରାଯାଉଛି । ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଆଶା କରାଯାଉଛି ।

### ୧୩ରୁ...

ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବା ସହିତ ଉପକୂଳ ଓଡିଶାର ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ୧୨ ଓ ୧୩ ତାରିଖରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ତେଣୁ ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ରହୁଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ନବରଙ୍ଗପୁର, ରାୟଗଡା ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । କୃଷି ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ୯ ଟି ଜିଲ୍ଲାରେ ସମୁଦାୟ ମୌସୁମୀ ବର୍ଷା ନିଅଣ୍ଟିଆ ରହିଛି । ୧୩ ରୁ ଲଘୁଚାପ ଜନିତ ବର୍ଷା ହେବ । ତଥାପି କେତେକ ଜିଲ୍ଲାରେ ବର୍ଷା ନିଅଣ୍ଟିଆ ହେବାର ସମ୍ଭାବନା ରହିଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଁ ଭାଁ ସ୍ୱଳ୍ପ ବର୍ଷା ହୋଇପରେ । ଯାହାକି ୧୦ ରୁ ୩୦ ମି.ମି ପର୍ଯ୍ୟନ୍ତ ହେବ । ୧୩ ରେ ଲଘୁଚାପ ସୃଷ୍ଟି ହୋଇପାରେ । ଏହା ଦ୍ୱାରା ଦକ୍ଷିଣ ଓଡିଶାରେ ବର୍ଷା ଆରମ୍ଭ ହେବ । ୧୫ ପର୍ଯ୍ୟନ୍ତ ଦକ୍ଷିଣ ଉପକୂଳ ଓ ଆଭ୍ୟନ୍ତରୀଣରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବର୍ଷା ହୋଇପାରେ । ପ୍ରତିଦିନ ସ୍ୱଳ୍ପ ବା ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ।

### ଏନ୍‌କାଉଣ୍ଟରରେ...

ଓ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ସର୍ବଦା ଆମପାଇଁ ପ୍ରେରଣ ହୋଇ ରହିବ ବୋଲି ଉଲ୍ଲେଖ କରି କହିଛନ୍ତି । ଭାରତୀୟ ସେନା ପକ୍ଷରୁ ଦୁଇ ଯବାନ ସହିଦ ହେବା ଘଟଣାରେ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଏହି ବୃହତ୍ତ ଆତଙ୍କବାଦ ବିରୋଧ ଅପରେସନ୍‌ରେ ପ୍ରାୟ ୧୦୦ରୁ ଅଧିକ ଟ୍ରୁପ୍ ସାମିଲ ହୋଇଥିଲେ । ସେମାନେ ଆତଙ୍କବାଦୀ ଲୁଚିଥିବା ସ୍ଥାନକୁ ଖୋଜି ଖୋଜି ଟାର୍ଗେଟ କରିଥିଲେ । ଅପରେସନ୍ ସମୟରେ ସୁରକ୍ଷା ବଳଙ୍କ ପକ୍ଷରୁ ଡ୍ରୋନ୍ ଓ ହେଲିକେପ୍ଟରରେ ମଧ୍ୟ ଆକ୍ରମଣ କରାଯାଇ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି । ଜଙ୍ଗଲ ଭିତରେ ଚାଲିଥିବା ଏହି ଯୁଦ୍ଧରେ ଅନେକ ପ୍ରଶିକ୍ଷିତ ଯବାନଙ୍କୁ ସାମିଲ କରାଯାଇଥିଲା । ପ୍ରବଳ ଗୁଳିଗୋଳା ବିନିମୟରେ କିଛି ଡ୍ରୋନ୍ ମଧ୍ୟ ଖସିଛି । ଜଙ୍ଗଲ ବହୁଳ ଅଞ୍ଚଳରେ ଆତଙ୍କବାଦୀଙ୍କୁ ଟାର୍ଗେଟ କରିବା କଷ୍ଟକର ଥିଲା । ଗତ ଶୁକ୍ରବାରରୁ ସେନା ପକ୍ଷରୁ ଏହି ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା । ସେନା, ପୋଲିସ ଓ ସିଆରପିଏଫ୍ ମିଳିତ ଭାବେ ଅଖଲ ଅଞ୍ଚଳରେ ଏହି ଅପରେସନ୍ କରିଥିଲେ । ପ୍ରଥମେ ଏକ ସ୍ଥାନୀୟ ଆତଙ୍କବାଦୀକୁ ହତ୍ୟା କରାଯାଇଥିଲା । ପାଇନ୍ ଗଛ ଘେରା ଜଙ୍ଗଲ ଅଞ୍ଚଳରେ ଅପରେସନ୍ ବେଶ୍ କଷ୍ଟସାଧ୍ୟ ଥିଲା । ପୋଲିସ ପକ୍ଷରୁ କୁହାଯାଇଛି ଯେ ୫ ଆତଙ୍କବାଦୀ ଏହି ଅଞ୍ଚଳରେ ରହୁଥିବାର ସୂଚନା ମିଳିବା ପରେ ଆକ୍ରମଣ ଆରମ୍ଭ କରାଯାଇଥିଲା ।

## ଚାଷୀଙ୍କୁ ମାଗଣା ବିହନ ବଣ୍ଟନ

କେନ୍ଦୁଝର, (ସବ୍ୟୁ): ଯୋଡ଼ା ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମାଗଣା ଚିନାବାଦାମ, ହରଡ଼, ବିରି, ଖସା, ଧାନ ବିହନ ପ୍ରଦାନ କରାଯାଇଛି । ମୁଖ୍ୟଅତିଥି ଭାବେ ଯୋଡ଼ା କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ଦଶରଥ ବାରିକ ଯୋଗଦେଇ ଚାଷୀ ମାନଙ୍କୁ ମାଗଣା ବିହନ ପ୍ରଦାନ କରିଛନ୍ତି । ନ୍ୟାସନାଲ ଫୁଡ ସିକ୍ୟୁରିଟି ନ୍ୟୁଟ୍ରିସନ ମିଶନ (ଏନଏଫଏସଏନଏମ) ଯୋଜନାରେ ଚଳିତ ବର୍ଷ ଯୋଡ଼ା ବ୍ଲକର ୧୯ଟି ପଞ୍ଚାୟତ ଓ ଦୁଇଟି ପୌରପାଳିକାରେ ଚିନାବାଦାମ ୮୦ ହେକ୍ଟର, ହରଡ଼ ୧୦୦ ହେକ୍ଟର, ବିରି ୨୦୦ ହେକ୍ଟର, ଖସା ୩୭.୫ ହେକ୍ଟର, ଧାନ ୧୦୦ ହେକ୍ଟର ଜମିରେ ଚାଷ କରିବା ନିମନ୍ତେ କୃଷି ବିଭାଗ ପକ୍ଷରୁ ଚାଷୀ ଚିହ୍ନଟ କରାଯାଇ ଉନ୍ନତ ମାନର ବିହନ ପ୍ରଦାନ କରାଯାଇଛି । ବିହନ ବଣ୍ଟନ ସମୟରେ ଯୋଡ଼ା ବ୍ଲକ କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡା, ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର, କୃଷି ଅଧିଦର୍ଶକ ରିତାଞ୍ଜଳୀ ରାଉଳ, ଦୀପକ କୁମାର ବିଶ୍ୱାଳ, ପିୟୁଷ ରଞ୍ଜନ ସଓ୍ୱାଇଁ, ହିରଞ୍ଜନ ଗୋଇପାଇ, ଜୟନ୍ତ କୁମାର ମହାନ୍ତି, ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗଦେଇ କୃଷି କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ଚାଷୀ ମାନଙ୍କୁ ସହଯୋଗ କରିଥିଲେ ।

## ଗହମ ଯୋଗାଣରେ ଅନିୟମିତତା, ଆନ୍ଦୋଳନ କରିବେ ହିତାଧିକାରୀ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ରେ ସେପେଟମ୍ବର ମାସ ପାଇଁ ଯୋଗାଣ ବିଭାଗ ତରଫରୁ ମିଳିଥିବା ଗହମ ବଣ୍ଟନରେ ଅନିୟମିତତା କୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନକରନ୍ତି ମୂଳ ଆବେଦନ ମୁତାବକ ଗହମ ନଦିଅନ୍ତି ତେବେ ଖୁବଶିଘ୍ର ହିତାଧିକାରୀ ମାନେ ଆନ୍ଦୋଳନ କରିବେ ବୋଲି କହିଛନ୍ତି । ଦେଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବ୍ୟକ୍ତି ସର୍ବାଧିକ ୫କିଲୋ ଚାଉଳ କିମ୍ବା ଗହମ ପାଇଁ ଆବେଦନ କରିଥାନ୍ତି। ଯିଏ ଯେଉଁ ପରିମାଣର ଚାଉଳ ଓ ଗହମ ଆବେଦନ କରିଥାନ୍ତି ଯୋଗାଣ ବିଭାଗ ସେହି ଅନୁପାତରେ ରେସନ ଯୋଗାଇ ଦେଇଥାନ୍ତି। ୨ବର୍ଷ ଧରି ଗହମ ଯୋଗାଣ ବନ୍ଦ ରହିବା ପରେ ଏବେ ସେପେଟମ୍ବର ମାସଠାରୁ ଗହମ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଖଇରା ବ୍ଲକର ୭୫ ଡିଲର ପଏଣ୍ଟପାଇଁ ସେପେଟମ୍ବର ମାସରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ପିଏଚ୍ଏଚ୍)ରେ ୫ହଜାର ୭୯୮ କୁଇଣ୍ଟାଲ ଚାଉଳ ମିଳିଥିବା ବେଳେ ୪୫୪ କୁଇଣ୍ଟାଲ ଗହମ ମିଳିଛି। ହେଲେ ଯେଉଁ ମାନେ ୨କିଲୋ କିମ୍ବା ତାଠାରୁ କମ ଗହମ ଆବେଦନକାରୀଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଅର୍ଥାତ ଖଇରା ଗହମ ଆବେଦନ କାରୀଙ୍କ ସଂଖ୍ୟା ହିସାବକୁ ନେଲେ ଖଇରା ବ୍ଲକ ପାଇଁ ପାଖାପାଖି ୧ହଜାର ୮ଶହ କୁଇଣ୍ଟାଲ ଗହମ ଆବଶ୍ୟକ ଥିବା ବେଳେ ଯଥେଷ୍ଟ କମ ଗହମ ଯୋଗାଣ କୁ ନେଇ ହିତାଧିକାରିଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ସେପଟେ ଚାଉଳ ସେପେଟମ୍ବର ଏବଂ ଅକେଟାବର ପାଇ ପ୍ରଦାନ କରାଯାଇଥିବା ବେଳେ ଗହମ କେବଳ ସେପେଟମ୍ବର ପାଇଁ ପ୍ରଦାନ କରାଯାଇଛି। ସେହିଭଳି ଗହମକୁ ଚାତକ ଭଳି ଚାହିଁ ବସିଥିବା ସୁିଁରା ଗ୍ରାମର କ୍ଷେତ୍ରମଣି ନାୟକ ଓ ପଦ୍ମାବତୀ ଖଟୁଆ,ପୁର୍ବପଡା ଗ୍ରାମର ସ୍ନେହଲତା ଖଟୁଆ,ତ୍ରିଲୋଚନପୁର ଗ୍ରାମର ଛବିରାଣୀ ବାରିକ ଏଭଳି ଅନିୟମିତତା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ସୁବାସିନୀ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ ଉପରୁ ଯେମିତି ଲିଷ୍ଟ ଆସିଛି ଡିଲର ମାନେ ସେହିଭଳି ଭାବେ ଗହମ ଓ ଚାଉଳ ହିତାଧିକାରୀଙ୍କୁ ବାଣ୍ଟୁଥିବା କହିଛନ୍ତି।

## ଜଳ ନିଷ୍କାସନ ଅବରୋଧ, ଧାନଚାଷ ନଷ୍ଟ

ଆଗରପଡ଼ା, (ସବ୍ୟୁ) :ସ୍ଥାନୀୟ ବିଟିପୁର ପଞ୍ଚାୟତ ବିଦ୍ୟୁତଗ୍ରୀଡ଼ ରାସ୍ତାରେ ଜଳନିଷ୍କାସନ ସୁବ୍ୟବସ୍ଥା ଓ ଅବରୋଧ ଯୋଗୁଁ ରାଉତରାପୁର ଗ୍ରାମର ଚାଷୀମାନଙ୍କ ଧାନ କ୍ଷେତରେ କୃତ୍ରୀମ ବନ୍ୟାସୃଷ୍ଟି ହୋଇ କ୍ଷୟକ୍ଷତି ପହଁଚିଥିବାର ଅଭିଯୋଗ ହୋଇଛି। ସାତଦିନ ମଧ୍ୟରେ ଜଳ ନିଷ୍କାସନ ସୁବ୍ୟବସ୍ଥା କରା ନଗଲେ ଚାଷୀମାନେ ଗଣଧାରଣା ଦେବେ ବୋଲି କହିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ,ଆଗରପଡ଼ା-ବଉଳା ମୁଖ୍ୟ ରାସ୍ତାରୁ ବିଦ୍ୟୁତଗ୍ରୀଡ଼କୁ ଲମ୍ବିଥିବା କଂକ୍ରିଟ ରାସ୍ତାରେ ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥା ହୋଇନାହିଁ । ଏଥିସହିତ ଅପରପାର୍ଶ୍ୱରେ ଥିବା ସରକାରୀ ସ୍ଥାନକୁ ଜମି ମାଲିକ ମାଟି ପକାଇ ଅବରୋଧ କରିବା ଫଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି । ଯଦ୍ଦ୍ୱାରା ଚାଷୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀମାନେ ଦାବୀ କରିଛନ୍ତି ।

## କବିତା ଆବେଗର କଥା କହେନି, ସେଥିରେ ଥାଏ ଆତ୍ମାର କଥା

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା, ଭୁବନେଶରର ଅଗଷ୍ଟମାସ ର ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡାଇ ଙ୍କ ସଭାପତିବରେୟୁନିଟ ୩,ଭୁବନେଶର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଓଡିଶା ଖଣି ନିଗମର ବରିଷ୍ଠ ଯନ୍ତ୍ରୀ ତଥା ସୁସାହିତ୍ୟିକ ଭରତ ଚରଣ ବେହେରା ତାଙ୍କ ବକ୍ତବ୍ୟରେ ଓଡିଆ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ତାହାର ପ୍ରଚାର ପ୍ରସାର ନିମନ୍ତେ ପୁରାତନ କବିମାନଙ୍କର କାଳଜୟୀ କାବ୍ୟ କବିତା ଅନୁବାଦ କରାଯାଇ



ବିଶ୍ୱଦରବାରରେ ଉପସ୍ଥାପନା ସହିତ ଗ୍ରାମାଞ୍ଚଳର ସାହିତ୍ୟକୁ ପ୍ରାଧାନ୍ୟ ଦିଆଯିବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କବିତା କେବଳ ଆବେଗର କଥା କହେନି,ସେଥିରେ ଥାଏ ଆତ୍ମାର କଥା । ଏହାପରେ କ=ଶିଳ୍ପୀ ତଥା କବୟିତ୍ରୀ ସୌଦାମିନୀ ସାମନ୍ତରାୟ ଓ କବୟିତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା । ଏଥିରେ ରଜନୀକାନ୍ତ ପଟ୍ଟନାୟକ, ଡକ୍ଟର ରାମଚନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ନନ୍ଦ, ଅଲେଖ ଚରଣ ରାଉତ, ଗୋଦାବରୀଶ କର, ଶରତ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ଦାସ, ରଶ୍ମିତା ସାହୁ, ପୀତାମ୍ବର ପରିଡା, ସରୋଜ କାନ୍ତ ପାତ୍ର, ତରୁଣ କୁମାର ମିଶ୍ର, ଆହ୍ଲାଦିନୀ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ବିଷ୍ଣୁ ପ୍ରିୟା ଜେନା, ପ୍ରିୟରଞ୍ଜନ ସାହୁ, ଚିନାରୀ ମୋହନ ପାତ୍ର, ଆର୍ତ୍ତବନ୍ଧୁ ଦାସ, ଦେବରାଜ ବିଶୋଇ, ବୀଣାପାଣି ମିଶ୍ର, ନିରୂପମା ରାୟ, ଲକ୍ଷ୍ମୀ ଧର ଦାସ, ବଂଶୀଧର ସେଠୀ, ଅନନ୍ତ ଜେନା, ଗୀତା ପଟ୍ଟନାୟକ, ପୁଷ୍ପଲତା ମିଶ୍ର, ବଟକୃଷ୍ଣ ପଣ୍ଡା, ଅରୁଣା କର, ରଞ୍ଜିତା ତ୍ରିପାଠୀ, ପ୍ରଣତି ପରିଡା, ସୁକୁମାର ବିଶ୍ୱାଳ, ଇତିଶ୍ରୀ ପତି, ଡ ସର୍ବେଶ୍ୱର ମହାପାତ୍ର, ସୌଦାମିନୀ ତ୍ରିପାଠୀ, ବାସନ୍ତୀ ତ୍ରିପାଠୀ, ଶଶୀପ୍ରଭା ଦାସ, ପୀତାମ୍ବର ଭୋଇ ଓ ଦେବରାଜ ନାୟକ ସ୍ୱରଚିତ ଶ୍ରୁତିମଧୁର କବିତା ପାଠ କରିଥିଲେ । ବରିଷ୍ଠ କବି ଯୋଗେନ୍ଦ୍ର କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲା ବେଳେ ଅନୁଷ୍ଠାନର ଉପ ସଭାପତି ନିଖିଳ କୁମାର ବଳବନ୍ତରାୟ ପରିଚାଳନାରେ ସହଯୋଗ କରିଥିଲେ । ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି ।

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗୀୟା ରମା ବେହେରା**
ଇଶାଣୀ ବ୍ରହ୍ମପୁର, କିଶୋରନଗର, କଟକ
ଆବିର୍ଭାବ – ୨୭.୦୪.୧୯୬୦
ତିରୋଧାନ – ୨୦.୦୮.୨୦୨୪
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନ ଦର୍ଶନକୁ ପାଥେୟ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ : ପୁଅ: ରବୀନ୍ଦ୍ର ବେହେରା, ମନୋଜ ବେହେରା, ବୋହୂ: ରାଜେଶ୍ୱରୀ ବେହେରା, ଦୀପାଞ୍ଜଳି ରଣା, ଝିଅ ଓ ଜ୍ୱାଇଁ : ପଦ୍ମାବତୀ ବେହେରା (ଅଞ୍ଜନା), ହେମନ୍ତ ବେହେରା, ନାତି ଓ ନାତୁଣୀ : ସତ୍ୟ, ଆଦିତ୍ୟ, ଦିବ୍ୟାଂଶୁ, ଡୁଗୁ, ବବିଲି, ବନ୍ଧୁ ଓ ପରିବାରବର୍ଗ ।

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar dated 28/07/2025, I **AKRURA PRASAD NANDA, (New Name)**, Address of Ramachandrapur, VTC:Bhabanipur, PO: Ramachandrapur, District : Jajapur, State: Odisha, Pin Code: 755003 (Full Address) declare that I have changed my name from **Aktura Prasad Nanda** (Old Name) to **AKRURA PRASAD NANDA (New Name)** Henceforth, I shall be known as **Akrura Prasad Nanda (New Name)** for all purposes.

**AKRURA PRASAD NANDA**
**(New Name)**

## ଭୋଗବନ୍ଧା ଟଙ୍କା ଫେରାଇବାକୁ କେନ୍ଦ୍ରକରି ହତ୍ୟା

ବ୍ରହ୍ମପୁର,(ସବ୍ୟୁ) : ଭୋଗବନ୍ଧା ଟଙ୍କା ଫେରାଇବାକୁ କେନ୍ଦ୍ରକରି ବଡବଜାର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି । ମୃତକ ଜଣଙ୍କ ହେଲେ ହରିଡାଖଣ୍ଡି ଗୌଡ ସାହିର ଶିବଶଙ୍କର ମାଝି(୪୯) । ଘରର ପ୍ରକୃତ ମାଲିକ ହିଁ ଏକ ଖଣ୍ଡାରେ ହାଣି ତାଙ୍କୁ ହତ୍ୟା କରିଥିବା ଜଣାପଡିଛି । ସୂଚନାପ୍ରକାରେ, ହରିଡାଖଣ୍ଡି ଗୌଡ ସାହିରେ ଥିବା ଗୌର ବେହେରାଙ୍କ ଘରେ ଶିବଶଙ୍କର ପ୍ରାୟ ୧୦ ବର୍ଷ ହେବ ରହି ଆସୁଛନ୍ତି । କିଛି ବର୍ଷ ତଳେ ଗୌର ବେହେରା ଶିବଶଙ୍କର ଲକ୍ଷାଧିକ ଟଙ୍କା ନେଇଥିଲେ ଏବଂ ନିଜ ଘରକୁ ଭୋଗବନ୍ଧା ସୂତ୍ରରେ ଶବିଶଙ୍କରଙ୍କୁ ଦେଇଥିଲେ ଅର୍ଥାତ ଗୌର ନେଇଥିବା ଲକ୍ଷାଧିକ ଟଙ୍କାର ସୁଧ ଦେଉନଥିଲେ ଏବଂ ଶିବଶଙ୍କର ଘର ଭଡା ଦେଉନଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା । ହେଲେ କିଛି ମାସ ହେବ ଟଙ୍କା ଓ ଭୋଗବନ୍ଧାକୁ ନେଇଶିବଶଙ୍କର ଏବଂ ଗୌରଙ୍କ ମଧ୍ୟରେ ତୁତୁ ମେମେ ଲାଗି ରହିଥିଲା । ଶୁକ୍ରବାର ରାତି ୧୨ଟା ବେଳେ ଗୌର ବେହେରା ଗୌଡ ସାହି ସ୍ଥିତ ଉକ୍ତ ଘରେ ପହଞ୍ଚି ଶିବଶଙ୍କରଙ୍କ ସହ କଳହ କରିଥିଲେ । ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଏଥିରେ ଗୌର ବେହେରା ଉତକ୍ଷିପ୍ତ ହୋଇଯିବା ସହ ନିଜ ସହ ଆଣିଥିବା ଏକ ଖଣ୍ଡାରେ ପ୍ରାଣାତକ ଆକ୍ରମଣ କରିଥିଲେ । ଏଥିରେ ଶିବଶଙ୍କର ଗୁରୁତର ହୋଇପଡିଥିଲେ । ଖବରପାଇ ବଡବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଶିବଶଙ୍କରଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମେଡିକାଲରୁ ଶିବଶଙ୍କର ଶବି ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଘଟଣାକୁ ନେଇ ଶିବଶଙ୍କର ସାନଭାଇ ଚକାଡୋଳା ମାଝି ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା(୩୭୬/୨୫) ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ଖଣ୍ଡାରେ ଆକ୍ରମଣ କରିବା ପରେ ଗୌର ବେହେରା ଫେରାର ହୋଇଯାଇଛନ୍ତି ପୋଲିସ ଘଟଣା ସ୍ଥଳରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରିଥିବା ସୂଚନା ମିଳିଛି।

## କଟକ-ପାରାଦ୍ୱୀପ ରାସ୍ତାରେ ଦୁର୍ଘଟଣା : ୧ ମୃତ, ୩ ଗୁରୁତର

ରଘୁନାଥପୁର (ସବ୍ୟୁ) : କଟକ-ପାରାଦୀପ ରାସ୍ତାର ପୁରଣ ଓଡ଼ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଜି ରାତି ୮ଟା ସମୟରେ ଏକ ଟ୍ରକ ସହିତ ଏକ କାର ମୁହାଁ ମୁହିଁ ଧକ୍କା ହେବା ଫଳରେ କାର ମଧ୍ୟରେ ଥିବା ୪ଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ୩ଜଣ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ ପ୍ରଥମେ ରଘୁନାଥପୁର ଡାକ୍ତରଖାନାରେ ଚିକିତ୍ସା ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ଆଜି ରାତି ୮ଟା ସମୟରେ ଏକ କାରରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଅୟସକାନ୍ତ ମହାପାତ୍ରଙ୍କ ପୁଅ ସିଦ୍ଧାର୍ଥ ମହାପାତ୍ର (୨୮), ରଘୁନାଥପୁର ଗ୍ରାମର କିଶୋରୀ ଦାଶଙ୍କ ପୁଅ ପ୍ରକାଶ ଦାସ (୩୦), ଜଗନ୍ନାଥପୁର ଗ୍ରାମର ମାଧବାନନ୍ଦ ମହାପାତ୍ରଙ୍କ ପୁଅ ପ୍ରମୋଦ ମହାପାତ୍ର (୩୪)ଓ ଭାସିଲପୁର ଗ୍ରାମର ବିରକିଶୋର ବେହେରାଙ୍କ ପୁଅ ପ୍ରକାଶ ଚନ୍ଦ୍ର ବେହେରା (୨୧) ରଘୁନାଥପୁରରୁ ବାହାରି ତାରପୁର ଯାଉଥିବା ବେଳେ ପୁରଣ ଓଡ଼ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିପରିତ ଦିଗରୁ ଆସୁଥିବା ଓଡି- ୦୫ବି -ୟୁ୧୭୧୮ ନଂ ଟ୍ରକ ସହିତ ମୁହାଁ ମୁହିଁ ଧକ୍କା ହୋଇଥିଲା । ଏହି ଘଟଣାରେ କାର ଆରୋହୀ ୪ଜଣ ଯାକ ଗୁରୁତର ହୋଇ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଉଦ୍ଧାର ହୋଇ ରଘୁନାଥପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ତେବେ ସେଠାରେ ସିଦ୍ଧାର୍ଥକୁ ଡ଼ାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୩ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ ।

## ସିଏଚଓଙ୍କୁ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକ୍ଷକଙ୍କ ମାନସିକ ନିର୍ଯାତନା ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବହୁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନେ ଗୁରୁତର ଅଭିଯୋଗ ଆଣି ଜିଲ୍ଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି । ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନଙ୍କୁ ମାନସିକ ନିର୍ଯାତନା, ବ୍ୟକ୍ତିଗତ ମର୍ଯ୍ୟାଦାହାନୀ ଟୀକା ଟିପ୍ପଣୀ ପ୍ରଦାନ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ଗୁରୁତର ଅଭିଯୋଗ ଅଧକ୍ଷକଙ୍କ ବିରୋଧରେ ଆଣିଛନ୍ତି । ମାସିକ ଋତୁସ୍ରାବ ଛୁଟି ଦରଖାସ୍ତ ମଞ୍ଜୁର ପାଇଁ ମେଡିକାଲ ପରୀକ୍ଷା ଜରୁରୀ ବୋଲି ଅଧିକ୍ଷକ ପୂର୍ବସର୍ତ୍ତ ଆରୋପ କରୁଛନ୍ତି । ଏହାର ପ୍ରତିବାଦ କରୁଥିବା ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ଦରମା ବନ୍ଦ କରାଯାଉଛି । ସେମାନଙ୍କ ଚାକିରି ସମାପ୍ତ କରିବା ଧମକ ଦିଆଯାଉଛି । ଦୈନିକ କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ଅତିକ୍ରାନ୍ତ ହେବା ପରେ ବେଆଇନ ଭାବେ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ କାର୍ଯ୍ୟ ଯାଞ୍ଚ ପାଇଁ ପଠାଯାଉଛି । ଏ ସମ୍ପର୍କରେ ଜିଲ୍ଲା ଅଭ୍ୟନ୍ତରୀଣ କମିଟି ନିକଟରେ ଲିଖିତ ଅଭିଯୋଗ କରି ଡା. ସ୍ୱାଇଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଧିକ୍ଷକଙ୍କ ଉଭୟ କାର୍ଯ୍ୟାଳୟ ଓ ଅଣକାର୍ଯ୍ୟାଳୟଗତ ଆଚରଣ ଓ ଉଚ୍ଚାରଣ ଯୋଗୁଁ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନେ କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ହସ୍ତଗତ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିସାଧିକାରୀ ଅଭିଯୋଗର ତଦନ୍ତ ଗୁରୁବାର ଆରମ୍ଭ କରିଥିବା ଜଣାଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଡା. ସ୍ୱାଇଁ ଗତ ୨୦୧୩ ମସିହାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ଭାବେ ଅବସ୍ଥାପିତ ହୋଇଥିଲେ । ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ୩ଟି ପଦୋନ୍ନତି ହାସଲ କରିସାରିଛନ୍ତି । ଏହି ସମୟ ମଧ୍ୟରେ ତାଙ୍କ ନାମରେ ମାଳମାଳ ଅଭିଯୋଗ ବିଭିନ୍ନ ସ୍ତରରେ ହୋଇଆସୁଛି । ଏବେ ସଦ୍ୟ ଅଭିଯୋଗ ଡା.ସ୍ୱାଇଁଙ୍କୁ ଅଡୁଆ ପରିସ୍ଥିତିରେ ପକାଇଥିବା ଜଣାଯାଇଛି । ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି, ତଦନ୍ତ ହେଲେ ଜଣାପଡିବ ବୋଲି ଡା.ସ୍ୱାଇଁ ପ୍ରତିକ୍ରିୟା ରଖିଛନ୍ତି ।

O-504

**Government of Odisha**
**"e" Procurement Notice**

**Bid Identification No. : Online-AGL-04 of 2025-2026**

| | | |
|---|---|---|
| 1. | Name of the Work | : Building Works |
| 2. | Estimated Cost. | : Rs. 33.36 to 38.22 Lakhs |
| 3. | Period of Completion | : 2 (Two), 3 (Three), 4 (Four) & 6 (Six) Calendar Months. |
| 4. | Date & time of availability of | : From 18.08.2025 to 30.08.2025, upto 5.00 P.M. |
| 5. | Last Date/time for receipt of bids In the portal | : 30.08.2025 upto 05.00 P.M. |
| 6. | Name & Address of the OIT | : Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**

**Sd/- Executive Engineer**
**R.W. Division, Angul**

OIPR : 25096/11/0026/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୭୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସମ୍‌ରେ ହାଡ଼ ଓ ଗଣ୍ଠିର ଅତ୍ୟାଧୁନିକ ଚିକିତ୍ସା ଉପରେ ସିଏମ୍‌ଇ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ) ବୟସ୍କଙ୍କ କ୍ଷେତ୍ରରେ ହାଡ଼ର ଶକ୍ତି ବୃଦ୍ଧି, ଭଙ୍ଗାହାଡ଼ର ଚିକିତ୍ସା ଓ ଆଣ୍ଠୁ ପ୍ରତ୍ୟାରୋପଣ ଭଳି ବିଭିନ୍ନ ହାଡ଼ ଓ ଗଣ୍ଠି ଜନିତ ଅତ୍ୟାଧୁନିକ ଚିକିତ୍ସାକୁ ନେଇ ସମ୍ ଅଲ୍ଟିମେଟ ମେଡିକେୟାରରେ



ଶୁକ୍ରବାର ଏକ ସିଏମ୍‌ଇ ଆୟୋଜିତ ହୋଇଯାଇଛି। 'ଓଲ୍ଡ ଇଜ୍ ଗୋଲ୍ଡ – ୩୬୦ ଡିଗ୍ରୀ କେୟାର ଫର୍ ଦ ଏଲ୍‌ଡର୍ଲି: ଏନ୍‌ସ୍ୟୁରିଙ୍ଗ ମୋବିଲିଟି, ଡିଗ୍ନିଟି ଆଣ୍ଡ ଲଙ୍ଗଜିଭିଟି' ପ୍ରସଙ୍ଗ ଭିତିକ ଏହି ସିଏମ୍‌ଇକୁ ହସ୍ପିଟାଲ୍‌ର ଅର୍ଥୋପେଡିକ୍ସ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ଇଣ୍ଡିଆନ୍ ଅର୍ଥୋପେଡିକ ଆସୋସିଏସନ୍‌ର ବୋନ୍ ଏବଂ ଜଏଂଟ ୱିକ୍ ପାଳନ ପରିପ୍ରେକ୍ଷୀରେ ଏହି ସିଏମ୍‌ଇ ଆୟୋଜିତ ହୋଇଥିଲା।

ସିଏମ୍‌ଇର ବିଭିନ୍ନ ପର୍ଯ୍ୟାୟରେ ହସ୍ପିଟାଲ୍‌ର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ବୁଧେଶ୍ୱର ମାଝି, ଡାକ୍ତର ସିଦ୍ଧାର୍ଥ ସାମଲ, କନ୍‌ସଲଟାଂଟ ଡାକ୍ତର ଚନ୍ଦନ ପଣ୍ଡା ଏବଂ ଆସୋସିଏଟ୍ କନ୍‌ସଲ୍‌ଟାଂଟ ଡାକ୍ତର ସୂର୍ଯ୍ୟ କାନ୍ତ ସାହୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କର ହାଡ଼ର ସ୍ୱାସ୍ଥ୍ୟ ଓ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ। ସିଏମଇରେ ସମ୍ମର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ ବକ୍ତବ୍ୟ ରଖି ସୁସ୍ଥ ହାଡ଼ ଏବଂ ଗଣ୍ଠି ମଣିଷ ଜୀବନ ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ଯୋଗ ଦେଇ ଯେ କୌଣସି ବୟସର ବ୍ୟକ୍ତିଙ୍କ କ୍ଷେତ୍ରରେ ହାଡ଼ ଏବଂ ଗଣ୍ଠିର ଚିକିତ୍ସା ଏବଂ ସୁସ୍ଥତା ଦ୍ୱାରା ହିଁ ଉନ୍ନତ ଜୀବନ ଶୈଳୀ ମିଳିଥାଏ ବୋଲି କହିଥିଲେ। ଏକ ବାର୍ତା ମାଧ୍ୟମରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କହିଥିଲେ ଯେ ସମାଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବା ସହ ବୟସ୍କ ବ୍ୟକ୍ତିଙ୍କର ସେବା ମଧ୍ୟ ଏକ ବଡ଼ ଦାୟିତ୍ୱ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଉତ୍କର୍ଷ ମାନର ଡାକ୍ତରୀ ଚିକିତ୍ସା ପ୍ରଦାନ କରିବା ନେଇ ସମ୍ମର ମିଶନକୁ ପ୍ରତିପାଦିତ କରୁଛି ବୋଲି ପ୍ରଫେସର ନାୟକ କହିଥିଲେ।

## ବିଏସଏ ମୋଟରସାଇକେଲ୍ ପକ୍ଷରୁ ସ୍କ୍ରାମ୍ବଲର ୬୫୦ ଏବଂ ବାଂଟାମ୍ ୩୫୦ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଏକ ପ୍ରସିଦ୍ଧ ବ୍ରିଟିଶ ଐତିହ୍ୟ ବ୍ରାଣ୍ଡ ବିଏସଏ ମୋଟରସାଇକେଲ୍ ପକ୍ଷରୁ ସମ୍ପୂର୍ଣ୍ଣ ନୂତନ ବିଏସଏ ସ୍କ୍ରାମ୍ବଲର ୬୫୦ ଏବଂ ବିଏସଏ ବାଂଟାମ୍ ୩୫୦ ର ଶୁଭାରମ୍ଭ କରାଯାଇଛି। ସମ୍ପୂର୍ଣ୍ଣ ନୂତନ ବିଏସଏ ସ୍କ୍ରାମ୍ବଲର ୬୫୦ ସମସାମୟିକ ଇଞ୍ଜିନିୟରିଂ ସହିତ କ୍ଲାସିକ୍ ବ୍ରିଟିଶ ଡିଜାଇନ୍ ମିଶ୍ରଣ କରୁଛି ଏବଂ ଡୁଆଲ୍-ପର୍ପଜ୍ ମୋଟରସାଇକେଲ୍ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏକ ଦୃଢ଼ ୬୫୨ ସିସି, ତରଳ-ଥଣ୍ଡା ସିଙ୍ଗଲ୍-ସିଲିଣ୍ଡର୍ ଡିଓଏଚସି ଇଞ୍ଜିନ୍ ଦ୍ୱାରା ପରିଚାଳିତ, ସ୍କ୍ରାମ୍ବଲର ୬୫୦୦ ଆରପିଏମରେ ୪୫ପିଏସ ଏବଂ ୪୦୦୦ ଆରପିଏମ ରେ ଏକ କମାଣ୍ଡିଂ ୫୫ ଏନଏମ ଉତ୍ପନ୍ନ କରେ।

## ଟିପିଡବ୍ଲୁଓଡିଏଲ୍‌ର 'ନୂତନ ସଂଯୋଗ ଶିବିର

# ମାତ୍ର ୪୮ ଘଣ୍ଟାରେ ୨,୨୦୦ ରୁ ଅଧିକ ଦରଖାସ୍ତ ପଞ୍ଜିକୃତ

ଭୁବନେଶ୍ୱର (ସବ୍ୟୁ): ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ପଶ୍ଚିମ ଓଡ଼ିଶାର ୯ ଗୋଟି ଜିଲ୍ଲାରେ ଥିବା ଏହାର ସମସ୍ତ ସେକ୍ସନ, ସବଡିଭିଜନ ଏବଂ ଡିଭିଜନ୍ କାର୍ଯ୍ୟାଳୟଗୁଡ଼ିକରେ ଚଳିତ ଅଗଷ୍ଟ ମାସ ୭ ଏବଂ ୮ ତାରିଖ ଦିନ ଏକ ମେଗା ନୂତନ ସଂଯୋଗ ଶିବିର ସଫଳତାର ସହ ଆୟୋଜନ କରାଯାଇଥିଲା। ଏହି ବୃହତ ପଦକ୍ଷେପର ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ଉପରେ ବିଶେଷ ଧ୍ୟାନ ଦେଇ ସେବାରୁ ବଞ୍ଚିତ ପରିବାରକୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରି ମୁଖ୍ୟ ସ୍ରୋତରେ ସାମିଲ କରିବା। ଏହି ଶିବିରଗୁଡ଼ିକରେ ଜନସାଧାରଣଙ୍କ ବିପୁଳ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ୩,୫୦୦ରୁ ଅଧିକ ଲୋକେ ଏହି ମେଗା ଶିବିରରେ ସାମିଲ ହୋଇଥିଲେ। ଏଥିମଧ୍ୟରୁ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ୨,୨୦୦ରୁ ଅଧିକ ଦରଖାସ୍ତ ପଞ୍ଜିକୃତ



କରାଯାଇଥିଲା। ସେହିପରି ସମାନ ଦିନରେ ୭୦୦ରୁ ଅଧିକ ଲୋକଙ୍କ ଘର କାନ୍ଥରେ ବିଦ୍ୟୁତ୍ ମିଟର୍ ସ୍ଥାପନ କରାଯାଇଥିଲା।

ଅନେକ ପରିବାର ପ୍ରଥମଥର ପାଇଁ ବିଦ୍ୟୁତ୍ ସଂଯୋଗ ପାଇଥିଲେ। ଯାହା ସେମାନଙ୍କ ପରିବାରର ଉତ୍ତମ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ଜୀବନଯାପନର ଗୁଣବତ୍ତା ବୃଦ୍ଧି ପାଇଁ ଦ୍ୱାର ଖୋଲିଥିଲେ। ଏହି ପଦକ୍ଷେପ ପଶ୍ଚିମ ଓଡ଼ିଶାରେ ସାର୍ବଜନୀନ ବିଦ୍ୟୁତୀକରଣ ଏବଂ ଭିତ୍ତିଭୂମି ଉନ୍ନତି ପାଇଁ ଟିପିଡବ୍ଲୁଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଦତ୍ତ ଏହି ଦ୍ୱାରଦେଶ ସେବା ମଡେଲକୁ ଅନେକ ଲୋକେ ପ୍ରଶଂସା କରିଛନ୍ତି। କମ୍ପାନୀ ଏପରି ସକ୍ରିୟ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ଗୁଣାତ୍ମକ ସେବା, ନିର୍ଭରଯୋଗ୍ୟତା ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। "ବିଦ୍ୟୁତ କେବଳ ଯେ ଶକ୍ତି ନୁହେଁ, ଏହା ପ୍ରଗତି। ପ୍ରତ୍ୟେକ ନୂତନ ସଂଯୋଗ ସହିତ, ଆମେ ଘର, ଆଶା ଏବଂ ଭବିଷ୍ୟତକୁ ଆଲୋକିତ କରୁଛୁ। ଜନସାଧାରଣଙ୍କୁ ନୂତନ ବିଦ୍ୟୁତ୍ ଦରଖାସ୍ତ ପ୍ରଣାଳୀକୁ ସହଜ, ସୁଲଭ ଏବଂ ଦୁର୍ନୀତିମୁକ୍ତ କରିବା ପାଇଁ ବିତରକ କମ୍ପାନୀ ତରଫରୁ ଏହି ପ୍ରକାର ପଦକ୍ଷପ ନିଆଯାଇଥିଲା ଏବଂ ଏହାକୁ ଆଗାମୀ ଦିନରେ ମଧ୍ୟ କାର୍ଯ୍ୟକାରୀ କରାଯିବ।" ବୋଲି ପ୍ରକାଶ କରିଛନ୍ତି ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା।

# ଦିନରେ ବସ୍ ଡିୟୁଟି, ରାତିରେ ବାଇକ୍ ଚୋରି : ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ): କମିଶନରେଟ୍ ପୋଲିସ୍ ୫ ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୫ଟି ବାଇକ୍ ଜବତ କରିଛି। ବରଗଡ଼ ଥାନା ପୋଲିସ୍ ୪ ଜଣଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୧ଟି ବାଇକ୍ ଜବତ କରିଥିବା ବେଳେ ଭରତପୁର ଥାନା ପୋଲିସ୍ ୪ଟି ବାଇକ୍ ଜବତ କରିବା ସହ ଜଣକୁ ଗିରଫ କରିଛି। ବରଗଡ଼ ଥାନା ପୋଲିସ୍ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ଆଶୁତୋଷ ବିଧାର (୩୬), ଜଗନ୍ନାଥ ବେହେରା (୩୨), ରାଜେନ୍ଦ୍ର ବେହେରା (୨୬) ଓ ପ୍ରତ୍ୟୁଷ କୁମାର ସିଂ (୨୫)। ଏମାନଙ୍କ ନିକଟରୁ ଦୁଇଟି ହୋଣ୍ଡା ଆକଟିଭା, ୩ଟି ମଟର ସାଇକେଲ (ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଜବତ), ଦୁଇଟି ମଟରସାଇକେଲ ରାଜେନ୍ଦ୍ର ବେହେରା ପାଖରୁ ଜବତ ବେଳେ ଦୁଇଟି ମଟରସାଇକେଲ ଆଶୁତୋଷ ପକ୍ଷରୁ ଜବତ ହୋଇଛି। ସେହିପରି ପ୍ରତ୍ୟୁଷ ପାଖରୁ ଦୁଇଟି ମଟରସାଇକେଲ ମଧ୍ୟ ଜବତ ହୋଇଥିବା ପୋଲିସ୍ କହିଛି।

ସେହିପରି ଭରତପୁର ଥାନା ପୋଲିସ୍ ରଞ୍ଜିତ କୁମାର ବେହେରାକୁ ଗିରଫ କରିବା ସହ ତା ନିକଟରୁ ୪ଟି ମଟରସାଇକେଲ ଜବତ କରିଛି। ଦୁଇଟି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ଘର କଟକ, ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱର ବୋଲି ପୋଲିସ୍ କହିଛି। ଏସମ୍ପର୍କରେ ପୋଲିସ୍ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୋଲିସ୍ କମିଶନର ନରସିଂହ ବଳ ଓ ଡିସିପି ଜଗମୋହନ ମୀନା ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ବାଇକ ଓ ସ୍କୁଟର କେତେକ ମାଲିକଙ୍କୁ ପୋଲସ୍ କମିଶନର ହସ୍ତାନ୍ତର କରିଛନ୍ତି।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ପ୍ରଚଳନ କଲା ଫ୍ଲେକ୍ସିକ୍ୟାପ ଇଣ୍ଡେକ୍ସ ଫଣ୍ଡ

ଭୁବନେଶ୍ୱର (ସବ୍ୟୁ) : ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଗତିଶୀଳ ବିଷୟ ଉପରେ ଆଧାରିତ କେବଳ ଗୁଣାତ୍ମକ ଷ୍ଟକ ଏବଂ ଆକର୍ଷଣୀୟ ମାର୍କେଟ କ୍ୟାପ୍ ଆବଣ୍ଟଣ୍ଟଙ୍କୁ ସମ୍ମିଶ୍ରିତ କରୁଥିବା ଏହି ଧରଣର ପ୍ରଥମ କମ୍ ମୂଲ୍ୟ ବିଶିଷ୍ଟ ଫ୍ଲେକ୍ସିକ୍ୟାପ ରଣକୌଶଳ ଭାବରେ ଡିଏସ୍‌ପି ନିଫ୍‌ଟି ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ ପ୍ରଚଳନ କରିଛି। ଏହି ଫଣ୍ଡ ଆତ୍ମବିଶ୍ୱାସର ସହିତ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି। ବିଶେଷକରି ଗୁଣାତ୍ମକ ସ୍ମଲ୍ ଓ ମିଡକ୍ୟାପ୍‌ରେ ମୂଲ୍ୟାୟନ ଉଚ୍ଚ ଓ ଅପ୍ରତ୍ୟାଶିତ ରହୁଥିବା କାରଣରୁ ଡିଏସ୍‌ପି ନିବେଶକମାନଙ୍କୁ ଏସ୍‌ଆଇପି ପଥ ଅବଲମ୍ବନ କରିବାକୁ ସୁପାରିଶ କରୁଛି। ଏସ୍‌ଆଇପି ନିବେଶକମାନଙ୍କୁ ସମୟକ୍ରମେ ସେମାନଙ୍କର କ୍ରୟ ମୂଲ୍ୟ ହାରାହାରି ସ୍ଥିତରେ ରଖିବା, ଶୀର୍ଷ ସ୍ତର ହାସଲ କରିବା ଆପଦ ହ୍ରାସ କରିବାରେ ସହାୟତା କରିବା ସହିତ ଏହି ଫଣ୍ଡ ପଛରେ ଥିବା ଦର୍ଶନ ଯଥା: ସମୁଦାୟ ଚକ୍ରରେ ଗୁଣାତ୍ମକ ବ୍ୟବସାୟ ସଂସ୍ଥାଗୁଡିକରେ ଶୃଙ୍ଖଳିତ ଏବଂ ଦୀର୍ଘସୂତ୍ରୀ ନିବେଶ କରିବା ସହିତ ଏହାର ଉଦ୍ଦେଶ୍ୟ ମେଳ ଖାଉଛି। ନୂତନ ଫଣ୍ଡ ଉଚ୍ଚ ମାନର ଷ୍ଟକଗୁଡିକ ଚିହ୍ନଟ କରିବା, ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକରେ ଶୀର୍ଷସ୍ତରର ପାଣ୍ଠି ଆବଣ୍ଟନକୁ ସ୍ୱୟଂଚାଳିତ କରିବା ଏବଂ ଏସବୁ ନିମ୍ନ ଖର୍ଚ୍ଚରେ ସମ୍ପାଦନ କରିବା ଆଦି ଇକ୍ୱିଟି ନିବେଶକମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡିକ ପ୍ରତି ଦୃଷ୍ଟିଦେଉଛି।

# କ୍ୟୁଟି କିଡ୍ସ ପ୍ରି-ସ୍କୁଲରେ ରାକ୍ଷୀ ପୂର୍ଣ୍ଣିମା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଆଇଆରସି ଭିଲେଜ୍‌ରେ ଅବସ୍ଥିତ କ୍ୟୁଟି କିଡ୍ସ ପ୍ରି-ସ୍କୁଲରେ ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ଖୁସି ଓ ଉତ୍ସାହର ମହଲ ଦେଖିବାକୁ ମିଳିଲା। ସମଗ୍ର ପ୍ରାଙ୍ଗଣ ଉତ୍ସବମୟ ସଜା ସଜିରେ ଅଳଙ୍କୃତ ହୋଇଥିଲା, ଯାହା ଏହି ବିଶେଷ ଅବସରକୁ ଉତ୍ସବମୟ ବନାଇଦେଇଥିଲା। ଭାଇ-ଭଉଣୀଙ୍କ ମଧ୍ୟରେ ପ୍ରେମ ଓ ବନ୍ଧନର ନିବିଡ଼ତାକୁ ନେଇ, ଛୁଆମାନେ ପାରମ୍ପରିକ ଭାବରେ ରାକ୍ଷୀ ବାନ୍ଧିବାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ରଙ୍ଗୀନ ଧାଗା ଓ ଆନନ୍ଦମୟ ହସର ସହିତ, ସେମାନେ ଜଣେ ଅନ୍ୟ ଜଣକୁ ହାତରେ ରାକ୍ଷୀ ବାନ୍ଧି, ମିଷ୍ଟାନ୍ନ ଖୁଆଇ, ପରସ୍ପରଙ୍କୁ ସୁରକ୍ଷା ଓ ବନ୍ଧୁତ୍ୱର ଆଶ୍ୱାସନ ଦେଉଥିଲେ। ସ୍କୁଲ ପ୍ରାଧାପିକା ଶ୍ରୀମତୀ ସଂଯୁକ୍ତା ପଣ୍ଡାଂକ ଅଧ୍ୟକ୍ଷତାରେ ଓ ଲାଇଟ୍ ଟ୍ରଷ୍ଟ ସହଯୋଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଶିକ୍ଷୟତ୍ରୀ ମାନେ ଏହି ସୁଯୋଗକୁ ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ସହ



କଥାବାର୍ତ୍ତା କଲେ ଓ ରାକ୍ଷୀ ପୂର୍ଣ୍ଣିମାର ଐତିହ୍ୟ ଓ ଗୁରୁତ୍ୱ ବୁଝାଇଲେ। ସେମାନେ ଉତ୍ସବର ଉତ୍ପତ୍ତି ଓ ଏହା କିପରି ଭାଇ-ଭଉଣୀଙ୍କ ସମ୍ପର୍କକୁ ମଜବୁତ କରେ, ସେସବୁ ଗଳ୍ପ ବର୍ଣ୍ଣନା କରିଥିଲେ। ଏହି ଭାବ ଆଦାନପ୍ରଦାନ ଦ୍ୱାରା ଛୁଆମାନେ ବୁଝିପାରିଲେ ଯେ ଏହି ଉତ୍ସବ ମାତ୍ର ଏକ ଧାଗା ନୁହେଁ, ବରଂ ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ଗଭୀର ପ୍ରେମ, ସମ୍ମାନ ଓ ସହଯୋଗର ପ୍ରତୀକ ଅଟୁଟ ବନ୍ଧନ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ ମଜା ଓ ସହଜ ଭାବରେ ଭାରତୀୟ ପାରମ୍ପରିକ ମୂଲ୍ୟ ବିଷୟରେ ଶିଖିପାରିଲେ। କ୍ୟୁଟି କିଡ୍ସ ପ୍ରି-ସ୍କୁଲର ଏହି ଉତ୍ସବ ରାକ୍ଷୀ ପୂର୍ଣ୍ଣିମାର ସାରକୁ ପ୍ରକାଶ କରିଥିଲା — ଯାହା ଛୁଆମାନେ ମଧ୍ୟରେ ଏକତା, ପ୍ରେମ ଓ ସାମୁଦାୟିକତାର ଭାବକୁ ବଢ଼ାଇଲା।

## ବେସରକାରୀ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ

# ପୁରୀ ଜିଲ୍ଲା ଶାଖା ପକ୍ଷରୁ ପେନସନ ଓ ଚାକିରି ସର୍ତ୍ତାବଳି ପ୍ରଦାନ ନେଇ ବିକ୍ଷୋଭ

ପୁରୀ (ସବ୍ୟୁ): ନିଖିଳ ଓଡ଼ିଶା ୬୬୨( +୨) ଓ (+୩) ବର୍ଗ ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ, ପୁରୀ ଜିଲ୍ଲା ଶାଖା ପକ୍ଷରୁ ପେନସନ ଓ ଚାକିରୀ ସର୍ତ୍ତାବଳୀ ପ୍ରଦାନ ଦାବୀ ନେଇ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି। ସ୍ଥାନୀୟ ଏସିଏସ୍ କଲେଜ ଛକ ନିକଟରୁ ଅଧ୍ୟାପକ ଓ ଅଧ୍ୟାପିକାମାନେ ହାତରେ ବ୍ୟାନର ଓ ପ୍ଲା କାର୍ଡ ଧରି ଏକ ବିଶାଳ ଶୋଭା ଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ସେମାନଙ୍କର ଚାକିରି ସଂପର୍କିତ ଦାବି ନେଇ ସ୍ଲୋଗାନ ଦେଇ ଥିଲେ। ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ



ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଏହି ୬୬୨ ବର୍ଗର (+୨ ଓ +୩) କଲେଜ ଗୁଡିକ ଗ୍ରାମାଞ୍ଚଳରେ ୭୦ ଭାଗ ଉଚ୍ଚଶିକ୍ଷା ପ୍ରଦାନ କ୍ଷେତ୍ରରେ ଦାୟିତ୍ୱ ବହନ କରୁଥିବାବେଳେ ରାଜ୍ୟ ସରକାର ସର୍ବଦା ଏଗୁଡିକରେ ନିୟୋଜିତ କର୍ମଚାରୀ ମାନଙ୍କୁ ଉପେକ୍ଷା କରିଆସୁଛନ୍ତି। ଦୀର୍ଘ ୩୫ ବର୍ଷ କାଳ ସୁଚାରୁ ରୂପେ ନିରବିଚ୍ଛିନ୍ନ ସେବା ଦେବା ପରେ ମଧ୍ୟ ସେମାନଙ୍କୁ ପେନସନ, ଚାକିରୀ ସର୍ତ୍ତାବଳୀ, ଗ୍ରାଚ୍ୟୁଇଟି କିମ୍ବା ଅବସରକାଳୀନ କୌଣସି ସୁବିଧା ପ୍ରଦାନ କରାଯାଉ ନାହିଁ। ପୂର୍ବ ସରକାର ୧୦ ଲକ୍ଷ ଟଙ୍କା ଅବସରକାଳୀନ ପ୍ରାପ୍ୟ ଓ ପଦୋନ୍ନତି ପାଇଁ ବ୍ୟବସ୍ଥା କରି ଗତ ମାର୍ଚ୍ଚ, ୨୦୨୪ ରେ ଦୁଇ ଗୋଟି ବିଜ୍ଞପ୍ତି ପ୍ରକାଶ କରିଥିଲେ। ନୂଆ ସରକାର କାର୍ଯ୍ୟଭାର ଗ୍ରହଣ କରିବାର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଆଗାମୀ ୭ ଦିନ ମଧ୍ୟରେ କୌଣସି ସମାଧାନ ନ କଲେ, ଜିଲ୍ଲା ୬୬୨ ବର୍ଗ କଲେଜର ସମସ୍ତ କର୍ମଚାରୀ ଆସନ୍ତା ଅଗଷ୍ଟ ୧୬ ତାରିଖରେ ସମୂହ ଇଚ୍ଛାଧୀନ ଛୁଟି ନେଇ ଭୁବନେଶ୍ୱର ଲୋୟର ପିଏମଜି ଠାରେ ଅନୁଷ୍ଠିତ ହେବାକୁ ଥିବା ବିଶାଳ ସମାବେଶରେ ଯୋଗଦେବା ନିମନ୍ତେ ନିଷ୍ପତି ଗ୍ରହଣ କରିଛନ୍ତି। ଏଥିରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ଉପସଭାନେତ୍ରୀ ତଥା ଜିଲ୍ଲା ସଭାପତି ଜ୍ୟୋସ୍ନାରାଣୀ ବସ୍ତିଆ, ସମ୍ପାଦକ ସୁରତ କୁମାର ସ୍ୱାଇଁ, ସହ ସମ୍ପାଦକ ରତିକାନ୍ତ ଦାସ, କୋଷାଧକ୍ଷ ବିଶ୍ୱନାଥ ବଳିୟାରସିଂ, ପ୍ରକାଶ କୁମାର ଜେନା, ଦେବଦତ୍ତ ମିଶ୍ର, ପ୍ରଦୀପ୍ତ କୁମାର ମହାନ୍ତି, ଲୋକନାଥ ମିଶ୍ର, ବିଦ୍ୟାଧର ନାୟକ, ଅଜୟ କୁମାର ମହାପାତ୍ର ଓ ଦେବାଶିଷ ଜେନାଙ୍କ ସମେତ ୩୯ ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟକ୍ଷା, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# 'ସଂପୂର୍ଣ୍ଣ କ୍ରାନ୍ତିର ପଥେ' ପୁସ୍ତକ ଲୋକାର୍ପଣ

କଟକ,( ସବ୍ୟୁ): କ୍ରାନ୍ତି ଦିବସ ଅଗଷ୍ଟ ୯ ରେ ବରିଷ୍ଠ ସମାଜସେବୀ ଚିତ୍ତରଞ୍ଜନ ମହାନ୍ତିଙ୍କ ରଚିତ ସମ୍ପୂର୍ଣ୍ଣ କ୍ରାନ୍ତିର ପଥେ ପୁସ୍ତକର ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଏହି ପର୍ବକୁ ଜଷ୍ଟିସ ବିମଳ ଦାସ ଉଦଘାଟନ କରିଥିଲେ। ଝାଡ଼ଖଣ୍ଡର ପ୍ରାକ୍ତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଦୀନେଶ ଷଡ଼ଙ୍ଗୀ ମୁଖ୍ୟ ଅତିଥି,ପ୍ରଫେସର ବିଜୟାନନ୍ଦ ସିଂ ମୁଖ୍ୟ ବକ୍ତା, ଡ଼ଃ ସତ୍ୟ ରାୟ ଓ ଡ଼ଃ ବିଶ୍ୱାବସୁ ଦାସ, ପ୍ରତାପ ଶତପତି ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ସମ୍ପୂର୍ଣ୍ଣ କ୍ରାନ୍ତିର ସିଦ୍ଧାନ୍ତ, ସଂଗ୍ରାମ, ଜରୁରୀ ସ୍ଥିତି ଓ କରାକଷଣ ତଥା ପରବର୍ତ୍ତୀ ଘଟଣାକ୍ରମର ବହୁ ଅଙ୍ଗେଲିଭା କଥା ଶ୍ରୀମହାନ୍ତି ପୁସ୍ତକରେ ପ୍ରକାଶ କରିଛନ୍ତି। ସମ୍ବିଧାନ ସୁରକ୍ଷା କ୍ଷେତ୍ରରେ ଏହା ଏକ ଉପାଦେୟ ପୁସ୍ତକ ହେବ ବୋଲି ଆଲୋଚକ ଓ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଆଲୋଚନା ସଭାରେ ସଭାପତିତ୍ୱ କରିଥିଲେ ମାତୃଭାଷା ସୁରକ୍ଷା ପରିଷଦର ସଭାପତି ଓ ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା।

# ୧୨ରେ ଆରମ୍ଭ ହେବ ରାଜ୍ୟବ୍ୟାପୀ କୃମିନାଶକ ଏବଂ ଭିଟାମିନ୍-ଏ ପ୍ରଦାନ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି, ରକ୍ତହୀନତା ନିରାକରଣ ଏବଂ ପରଜୀବୀ କୃମି ସଂକ୍ରମଣରୁ ମୁକ୍ତି ପାଇଁ, ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ସହଭାଗୀତାରେ, ୧୨ ଅଗଷ୍ଟ ୨୦୨୫ରେ ଓଡ଼ିଶାରେ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ଏବଂ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ (ଭିଏଏସ) କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ସହ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ମଧ୍ୟ ଚୟନିତ ଜିଲ୍ଲାଗୁଡ଼ିକରେ ଲିମ୍ଫାଟିକ୍ ଫାଇଲେରିଆସିସ୍– ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍ (ଏଲ୍‌ଏଫ୍-ଏମ୍‌ଡିଏ) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସହ ଏକ ବ୍ୟାପକ ଜନସ୍ୱାସ୍ଥ୍ୟ ଆଭିମୁଖ୍ୟ ସୁନିଶ୍ଚିତ କରିବ। ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ ୩୦ ଟି ଜିଲ୍ଲାରେ ୧-୧୯ ବର୍ଷ ବୟସର ୧.୨୬ କୋଟିରୁ ଅଧିକ ଶିଶୁ ଏବଂ ୨୦-୨୪ ବର୍ଷ ବୟସର ୧୫ ଲକ୍ଷରୁ ଅଧିକ ପ୍ରଜନନ ବୟସର ମହିଳାଙ୍କୁ ଆଲବେଣ୍ଡାଜୋଲ୍ ଔଷଧ ପ୍ରଦାନ କରାଯିବ। ଏଥିରେ ୧୨ ଟି ଏଲ୍‌ଏଫ୍-ଏମ୍‌ଡିଏ ଜିଲ୍ଲାର ୧-୨ ବର୍ଷ ବୟସର ୪,୦୧,୦୮୧ ଶିଶୁ, ଏନ୍‌ଡିଡି ଜିଲ୍ଲାଗୁଡ଼ିକର ୧-୫ ବର୍ଷ ବୟସର ୨୩,୩୯,୧୦୨ ଶିଶୁ, ଏବଂ ୬-୧୯ ବର୍ଷ ବୟସର ୯୯,୦୬,୪୩୩ ଶିଶୁ ଅନ୍ତର୍ଭୁକ୍ତ।

ବାର୍ଷିକ ଦୁଇଥର ଅନୁଷ୍ଠିତ ହେଉଥିବା ଏହି ଭିଏଏସ୍ କାର୍ଯ୍ୟକ୍ରମ ୯ ମାସରୁ ୬୦ ମାସ ବୟସର ଆନୁମାନିକ ୩୨ ଲକ୍ଷ ଶିଶୁଙ୍କ ପାଖରେ ପହଞ୍ଚିବ, ଯାହା ରୋଗ



ପ୍ରତିରୋଧ କ୍ଷମତା ବୃଦ୍ଧି କରିବ ଏବଂ ଶିଶୁ ମୃତ୍ୟୁ ଓ ଅସୁସ୍ଥତା ମଧ୍ୟ ହ୍ରାସ କରିବ। ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡକ୍ଟର ରାଜ୍ୟଶ୍ରୀ ପଟ୍ଟନାୟକ କହିଥିଲେ, "ଜାତୀୟ କୃମିନାଶକ ଦିବସ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଯୁବତୀମାନଙ୍କ ର ରକ୍ତହୀନତା ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି କାର୍ଯ୍ୟକ୍ରମ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପାଇଁ ସାରା ରାଜ୍ୟରେ ଏକ ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୯୧୯୪୪ ଜାରି କରାଯାଇଛି ବୋଲି ମଧ୍ୟ ସେ ସୂଚନା ଦେଇଥିଲେ।" ଏଲ୍‌ଏଫ୍-ଏମ୍‌ଡିଏ ୧୨ ଟି ଚୟନିତ ଜିଲ୍ଲାରେ କାର୍ଯ୍ୟକାରୀ ହେବ ଯଥା: ଅନୁଗୁଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼। ଏହି ଜିଲ୍ଲାଗୁଡ଼ିକରେ ୧-୨ ବର୍ଷ ବୟସର ଶିଶୁମାନେ ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ କୃମିନାଶକ ଔଷଧ ପାଇବେ। ଏହି ଗଣମାଧ୍ୟମ ସମ୍ମିଳନୀରେ ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସ୍ମୃତିଜିତ୍ ପଟ୍ଟନାୟକ ଏବଂ ୟୁନିସେଫ୍‌ର ପୋଷଣ ଅଧିକାରୀ ଡକ୍ଟର ସଂଞ୍ଜୟ କୁମାର ସାହୁ ମଧ୍ୟ ଯୋଗ ଦେଇଥିଲେ।

# ଓଡିଶା ଫ୍ୟାଶନ ସପ୍ତାହରେ ଜାତୀୟ ହସ୍ତତନ୍ତ ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟର ଏକ ସ୍ପନ୍ଦନଶୀଳ ସମାରୋହରେ ୭ ତାରିଖ ଦିନ ଭୁବନେଶ୍ୱରରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କେବଳ ଭାରତୀୟ ବୁଣାକାର ଏବଂ କାରିଗରଙ୍କ ଐତିହ୍ୟକୁ ସମ୍ମାନିତ କରିନଥିଲା ବରଂ ଓଡିଶାର ତିନୋଟି ପ୍ରତୀକ୍ଷିତ ଫ୍ୟାଶନ ଏବଂ ସୌନ୍ଦର୍ଯ୍ୟ କାର୍ଯ୍ୟକ୍ରମ - ଓଡିଶା ଫ୍ୟାଶନ ସପ୍ତାହ ସିଜନ ୩, ଓଡ଼ିଶା ଦିଭା ସିଜନ ୨ ଏବଂ ଫାୱେଲେ ବ୍ୟୁଟି ଏକ୍ସପୋ ଓଡ଼ିଶା ଘୋଷଣା କରିବା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଫାୱେଲେ ର ସି.ଇ.ଓ ହେଉଛନ୍ତି ପ୍ରିୟଂଶି ତନ୍ତୀ ଏବଂ ଓଡିଶା ଫ୍ୟାଶନ ୟବିକ ର ନିର୍ଦ୍ଦେଶକ ସହବାଜ୍ ଖାନ କ୍ଷ ଫାୱେଲେ ଏକ ଦିଲ୍ଲୀ ସ୍ତରର କମ୍ପାନୀ ଯାହା ଜାତୀୟ ଓ ଅନ୍ତର୍ଜାତୀୟ ଶୋ କରିଥାଏ।

ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରୋମୀ ସାହୁ, ଗୀତାଞ୍ଜଳି ଶର୍ମା, ନିବେଦିତା ପଟ୍ଟନାୟକ ମିସ୍ଟ୍ରେସ ଇଣ୍ଡିଆ ଦିଭା ୨୦୨୫, ବହୁ ସରକାରୀ ଅଧିକାରୀ, ଡିଜାଇନର, ମଡେଲ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଫ୍ୟାଶନ, ବୟନଶିଳ୍ପ ଏବଂ ସୌନ୍ଦର୍ଯ୍ୟ ଶିଳ୍ପର ପ୍ରଖ୍ୟାତ ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଓଡିଶାର ହସ୍ତତନ୍ତ କଳାକୃତି ଏବଂ ଭାରତର ବିକଶିତ ଫ୍ୟାଶନ



କାହାଣୀରେ ଏହାର ବର୍ଦ୍ଧିତ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ହସ୍ତତନ୍ତ ଶିଳ୍ପରେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ବିଷୟରେ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି, ଓଡ଼ିଶା ଫ୍ୟାଶନ୍ ସପ୍ତାହ ସିଜନ୍ ୩ ନୂତନ ଶକ୍ତି ସହିତ ଫେରି, ସିଜନ୍ ୩ ସମସାମୟିକ ଫ୍ୟାଶନ୍ ସହିତ ପରମ୍ପରାର ଏକ ଚମତ୍କାର ପ୍ରଦର୍ଶନ ହେବାର ପ୍ରତିଶ୍ରୁତି ଦେଉଛି।

## ଭୁବନେଶ୍ୱର ଠାରେ ପ୍ରଥମ ପର୍ଯ୍ୟାୟ

# ସେମିକଣ୍ଡକ୍ଟର ପ୍ଲାଣ୍ଟ ନିମନ୍ତେ ଆର୍ଥିକ ସହାୟତା ମଞ୍ଜୁର

ଭୁବନେଶ୍ୱର, (ସବ୍ୟୁ): ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଓଡ଼ିଶା ସରକାର ଆରଆଇଆର ପାୱାର ଇଲେକ୍‌ଟ୍ରୋନିକ ୍ସଲିମିଟେଡ଼ ନିମନ୍ତେ ଓଡ଼ିଶାରେ ଏହାର ସିଲିକନ କାର୍ବାଇଡ୍ ସେମିକଣ୍ଡକ୍ଟର ଉତ୍ପାଦନ ସୁବିଧା ନିମନ୍ତେ ପ୍ରଥମ ପର୍ଯ୍ୟାୟ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ଓଡ଼ିଶାକ ମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଓଡ଼ିଶା ସରକାରଙ୍କ ନୋଡ଼ାଲ ଏଜେନ୍ସି ଭାବରେଏହି ଆର୍ଥିକ ସହାୟତାର ବୁଝାମଣା ପତ୍ରର ମଞ୍ଜୁର ନିମନ୍ତେ ସୂଚିତ ହେବା ସଙ୍ଗେସଙ୍ଗେ କମ୍ପାନୀର ପ୍ରୋ-ରାଟା ପୁଞ୍ଜି ମୂଲ୍ୟହ୍ରାସର ବିତରଣ ପାଇଁ ମଧ୍ୟ ଅନୁମୋଦିତ ହୋଇଛି। ଷ୍ଟେଟ-ଲେବୁଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି (ଏସଏଲଏସଡ଼ବ୍ଲୁସିସି) ଦ୍ୱାରାଏହି ପ୍ରକଳ୍ପ ଅନୁମୋଦିତ ହେବା ସହିତ ରାଜ୍ୟ କ୍ୟାବିନେଟ ଏହାର ଶେଷ ଆର୍ଥିକ ବର୍ଷରେଏହି ପ୍ରକଳ୍ପ ନିମନ୍ତେ ଉଭୟ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ସମୁଦାୟ ୬୧୮ କୋଟି ଟଙ୍କାର ମଞ୍ଜୁର ପ୍ରଦାନ କରିଥିଲେ। ପ୍ରକଳ୍ପର ଆର୍ଥିକ ଏବଂ ସ୍ଥିତି ସମୁଦାୟ ପ୍ରକଳ୍ପମୂଲ୍ୟ:- ୬୧୮ କୋଟି ଟଙ୍କା ଏଥିରେ ହେବାକୁ ଥିବା ପୁଞ୍ଜି ଲଗାଣ ଖର୍ଚ୍ଚ:- ୬୫ କୋଟି ଟଙ୍କା ଏବଂ ଯୋଗ୍ୟ ସରକାରୀ ପୁଞ୍ଜିଛାଡ଼ ମୂଲ୍ୟ:- ୩୨ କୋଟିଟଙ୍କା "ରାଜ୍ୟରେ ଏଭଳି ଧରଣର ପ୍ରଥମ ଏସଆଇସି ସେମିକଣ୍ଡକ୍ଟର ସୁବିଧାକୁ ଜୀବନ୍ତ କରିବା ଲକ୍ଷ୍ୟନେଇ ଓଡ଼ିଶା ସରକାରଙ୍କ ରହିଥିବା ଆଗୁଆ ଚିନ୍ତାଧାରାକୁ ତଥା ଏ ସମ୍ପର୍କିତ ସମସ୍ତ ସହଯୋଗ ନିମନ୍ତେ ଆମେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ। କହିଛନ୍ତି, ଡ଼କ୍ଟର ହରର୍ଷାଦ ମେହେତା, ଅଧ୍ୟକ୍ଷ ଏବଂ ନିର୍ଦ୍ଦେଶକ, ଆରଆଇଆର ପାଓ୍ୱାର ଇଲେକ୍‌ଟ୍ରୋନିକ୍‌ସଲିମିଟେଡ଼।

# ୩୩୪ ଦଳର ପଞ୍ଜୀକରଣ ରଦ୍ଦ




ନୂଆଦିଲ୍ଲୀ : ଭାରତର ନିର୍ବାଚନ କମିସନ ଶନିବାର ଏକ ବଡ଼ ପଦକ୍ଷେପ ନେଇ ୩୩୪ଟି ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଅଥବା ଆରୟୁପିପିର ପଞ୍ଜୀକରଣ ବାତିଲ କରିଛନ୍ତି । ଏହି ଦଳଗୁଡ଼ିକ ୨୦୧୯ ପରଠାରୁ ଗୋଟିଏ ବି ନିର୍ବାଚନ ଲଢ଼ି ନଥିଲେ ଏବଂ ସେମାନଙ୍କ କାର୍ଯ୍ୟାଳୟର କୌଣସି ଠିକଣା ମଧ୍ୟ ମିଳିପାରିନଥିଲା ।

ଏପରି ପରିସ୍ଥିତିରେ, ଏହି ଦଳଗୁଡ଼ିକ ଏକ ପଞ୍ଜିକୃତ ଅଣପଞ୍ଜିକୃତ ରାଜନୈତିକ ଦଳ ଭାବରେ ରହିବା ପାଇଁ ବାଧ୍ୟତାମୂଳକ ସର୍ତ୍ତାବଳୀ ପୂରଣ କରିନଥିଲେ । ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କମିସନଙ୍କ ଏହି ପଦକ୍ଷେପକୁ ରାଜନୈତିକ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି ।

ଆରୟୁପିପିର ଅର୍ଥ ହେଉଛି ଯେଉଁ ଦଳଗୁଡ଼ିକ ନିର୍ବାଚନ କମିସନଙ୍କ ନିକଟରେ ପଞ୍ଜୀକୃତ ହୋଇଛନ୍ତି ମାତ୍ର ସେଗୁଡ଼ିକୁ ରାଜ୍ୟ କିମ୍ବା ଜାତୀୟ ସ୍ତରରେ ମାନ୍ୟତା ମିଳିନାହିଁ । ଏହି ଦଳଗୁଡ଼ିକ ଭାରତୀୟ ଜନପ୍ରତିନିଧି ଆଇନ ୧୯୫୧ ଅନୁସାରେ ପଂଜିକୃତ ହୋଇଥାନ୍ତି । ରାଜନୈତିକ ଦଳଭାବେ ପଞ୍ଜୀକରଣ କରିବାପରେ କେତେକ ଟିକସ ରିହାତି ମିଳୁଥିବାରୁ ଏପରି ଦଳଙ୍କ ସଂଖ୍ୟା ବଢିଚାଲିଛି । ଫଳରେ କମିସନ ଏମାନଙ୍କ ଉପରେ କଡ଼ା ନଜର ରଖିଛନ୍ତି ଓ ଆବଶ୍ୟକ ପଡ଼ିଲେ ପଞ୍ଜୀକରଣ ରଦ୍ଦ କରୁଛନ୍ତି ।

# ବାଣିଜ୍ୟ ଯୁଦ୍ଧ ଟ୍ରମ୍ପଙ୍କୁ ମହଙ୍ଗା ପଡ଼ିବ




ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି । ପୂର୍ବରୁ ସେ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲେ, କିନ୍ତୁ ଏବେ ସେ ଏହାକୁ ଦୁଇଗୁଣ କରିଦେଇଛନ୍ତି । କେବଳ ଭାରତ ନୁହେଁ ଅନ୍ୟ କିଛି ଦେଶ ଉପରେ ମଧ୍ୟ ଟ୍ରମ୍ପ ଶୁଳ୍କ ବୋମା ଫିଙ୍ଗିଛନ୍ତି । ଏହାକୁ ବିଭିନ୍ନ ଦେଶର ନେତାମାନେ ବିରୋଧ କରୁଥିବା ବେଳେ ଆମେରିକାରେ ମଧ୍ୟ ତାଙ୍କର ଏହି ନିଷ୍ପତ୍ତିକୁ ବିରୋଧ କରାଯାଉଛି ।

ଆମେରିକୀୟ ଅର୍ଥନୀତିଜ୍ଞ ତଥା ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ଷ୍ଟିଭ୍ ହାଙ୍କେ ଜାତୀୟ ଗଣମାଧ୍ୟମ ଏନଡିଟିଭିକୁ ସାକ୍ଷାତକାର ଦେଇ କହିଛନ୍ତି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ଅନ୍ୟ ଦେଶ ବିରୋଧରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରି ନିଜକୁ ବର୍ବାଦ କରୁଛନ୍ତି । ଟ୍ରମ୍ପ ଅଧିକ ଶୁଳ୍କ ଲଗାଇବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅର୍ଥହୀନ । ଅର୍ଥନୀତି ସମ୍ପୂର୍ଣ୍ଣ ଭୁଲ । ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଆମେରିକାର ନିଷ୍ପତ୍ତିକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ତାଙ୍କର ଏଭଳି ମନ୍ତବ୍ୟ ଆସିଛି ।

ପ୍ରଫେସର ହାଙ୍କେ କହିଛନ୍ତି ଯେ, ମୁଖ୍ୟ କଥା ହେଉଛି ନେପୋଲିୟନଙ୍କ ପରାମର୍ଶ ପାଳନ କରିବା । ସେ କହିଥିଲେ ଯେ ନିଜକୁ ବର୍ବାଦ କରିବା ପ୍ରକ୍ରିୟାରେ କେବେବି ଶତ୍ରୁ ସହିତ ହସ୍ତକ୍ଷେପ କର ନାହିଁ । ମୁଁ ଭାବୁଛି ଟ୍ରମ୍ପ ନିଜକୁ ବର୍ବାଦ କରୁଛନ୍ତି । ମୁଁ ଭାବୁଛି ଭାରତ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ସେମାନଙ୍କ ରଣନୀତି ସାମ୍ନାକୁ ଆଣିବା ପୂର୍ବରୁ ଟିକିଏ ଅପେକ୍ଷା କରିବା ଉଚିତ । ମୁଁ ଏହା କହୁଛି କାରଣ ମୁଁ ଭାବୁଛି ଟ୍ରମ୍ପଙ୍କ କାର୍ଡର ଦୁର୍ଗ ଭୁଶୁଡ଼ି ପଡ଼ିବ । କାରଣ ଆମେରିକୀୟମାନଙ୍କ ଖର୍ଚ୍ଚ ମୋଟ ଜାତୀୟ ଉତ୍ପାଦ ଅପେକ୍ଷା ଅଧିକ ହୋଇଥିବାରୁ ଆମେରିକାରେ ବାଣିଜ୍ୟରେ କ୍ଷତି ହେବାରେ ଲାଗିଛି । ତେଣୁ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଲ । ଟ୍ରମ୍ପଙ୍କ ଶୁଳ୍କ ଅର୍ଥନୀତି ସମ୍ପୂର୍ଣ୍ଣ ଅଦରକାରୀ ।

## ରୁଷ-ଆମେରିକା ଆଲୋଚନାକୁ ଭାରତର ସ୍ୱାଗତ

ନୂଆଦିଲ୍ଲୀ : ରୁଷ ଓ ଆମେରିକା ମଧ୍ୟରେ ଆସନ୍ତା ଅଗଷ୍ଟ ୧୫ ତାରିଖରେ ଆଲାସ୍କାରେ ଏକ ବୈଠକ କରିବାକୁ ହୋଇଥିବା ସହମତିକୁ ସ୍ୱାଗତ କରିଛି ଭାରତ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ହେବାକୁ ଥିବା ଏହି ବୈଠକରେ ୟୁକ୍ରେନ ଯୁଦ୍ଧ ଶେଷ ହେବାର ରାସ୍ତା ଖୋଲିବାର ସମ୍ଭାବନା ରହିଛି ବୋଲି ଭାରତ କହିଛି । ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏକ ବିବୃତି ଜାରି କରି ଏହି ଆଲୋଚନାକୁ ସ୍ୱାଗତ କରାଯାଇଛି । ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ ଏହି ବୈଠକ ୟୁକ୍ରେନରେ ଚାଲିଥିବା ସଂଘର୍ଷର ଅନ୍ତ ଆଣିବା ଏବଂ ଶାନ୍ତିର ସମ୍ଭାବନା ଖୋଲିବାର ପ୍ରତିଶ୍ରୁତି ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଥର କହିଛନ୍ତି, ଏହା ଯୁଦ୍ଧର ଯୁଗ ନୁହେଁ । ତେଣୁ ଭାରତ ଆଗାମୀ ଶିଖର ସମ୍ମିଳନୀ ବୈଠକକୁ ସମର୍ଥନ କରେ ଏବଂ ଏହି ପ୍ରୟାସଗୁଡ଼ିକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି । ସୂଚନାଯୋଗ୍ୟ ଯେ ଆଲାସ୍କା ହେଉଛି ଆମେରିକାର ଏକ ରାଜ୍ୟ ଓ ଏହା ରୁଷର ନିକଟରେ ଅବସ୍ଥିତ । ପୂର୍ବରୁ ଆଲାସ୍କା ରୁଷୀୟ ସାମ୍ରାଜ୍ୟର ଏକ ଅଂଶ ଥିଲା । କିନ୍ତୁ ୧୮୬୭ରେ ରୁଷର ସମ୍ରାଟ ଆଲାସ୍କାକୁ ଆମେରିକାକୁ ବିକ୍ରି କରିଦେଇଥିଲେ । ଏଣୁ ୨୦୧୫ ପରେ ପ୍ରଥମ ଥର ପାଇଁ ଆମେରିକା ଯାତ୍ରା କରିବେ ପୁଟିନ ।

## ପ୍ରଶ୍ନପତ୍ର ଲିକ୍ : ଗେହଲୋଟଙ୍କ ପିଏସଓ ଗିରଫ

ନୂଆଦିଲ୍ଲୀ: ରାଜସ୍ଥାନର ସବ-ଇନସ୍ପେକ୍ଟର ପ୍ରଶ୍ନପତ୍ର ଲିକ୍ ମାମଲାରେ ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମାମଲାର ତଦନ୍ତ କରୁଥିବା ରାଜସ୍ଥାନ ପୁଲିସର ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ (ଏସଓଜି) ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସୁରକ୍ଷାରେ ନିୟୋଜିତ ପୁଲିସ ହେଡ୍ କନଷ୍ଟେବଳ ରାଜକୁମାର ଯାଦବ ଏବଂ ତାଙ୍କ ପୁଅ ଭରତ ଯାଦବଙ୍କୁ ଗିରଫ କରିଛି । ସେମାନଙ୍କୁ ୮ ତାରିଖରେ ଗିରଫ କରାଯାଇଥିବାବେଳେ ଉଭୟଙ୍କୁ ଏସଓଜି ତିନିଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଛି । ରାଜକୁମାର ଯାଦବ ଏବେ ଗେହଲଟଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଅଛନ୍ତିଛ ତାଙ୍କ ଗିରଫଦାରୀ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି । କାରଣ ଗେହଲୋଟଙ୍କ ସହ ତାଙ୍କର ଘନିଷ୍ଠତା ପାଇଁ ସେ ଜଣାଶୁଣା । ସେ ସବୁବେଳେ ତାଙ୍କ ଛାଇ ପରି ଅଶୋକ ଗେହଲଟଙ୍କ ସହିତ ରୁହନ୍ତି । ଗେହଲୋଟ ମୁଖ୍ୟମନ୍ତ୍ରୀ ଥିବାବେଳେ ମଧ୍ୟ ସେ ତାଙ୍କର ପିଏସଓ ଥିଲେ । କୁହାଯାଉଛି ଯେ ଯାଦବ ଗେହଲୋଟ ସରକାରରେ ମନ୍ତ୍ରୀ ଥିବା ଜଣେ କଂଗ୍ରେସ ନେତାଙ୍କଠାରୁ ପ୍ରଶ୍ନପତ୍ର ନେଇଥିଲେ ।

## ଟ୍ରମ୍ପ୍-ପୁଟିନଙ୍କ ସାକ୍ଷାତ ନେଇ ଜେଲେନସ୍କିଙ୍କ ଚେତାବନୀ
# କେବେବି ଇଞ୍ଚେ ଜାଗା ଛାଡ଼ିବୁ ନାହିଁ



କିଭ୍: ଆଲାସ୍କାରେ ଡୋନାଲ୍ଡ ଟ୍ରମ୍ପ୍ ଏବଂ ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ପ୍ରସ୍ତାବିତ ବୈଠକକୁ ନେଇ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି କ୍ରୋଧ ପ୍ରକାଶ କରିଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ୟୁକ୍ରେନ ଗୋଟିଏ ଇଞ୍ଚ ମଧ୍ୟ ଜମି ଦେବ ନାହିଁ । ଟ୍ରମ୍ପ୍ ଏବଂ ପୁଟିନଙ୍କ ମଧ୍ୟରେ ବୈଠକରେ ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ଏକ କ୍ଷେତ୍ରୀୟ ଆଦାନପ୍ରଦାନ ଉପରେ ସହମତ ହୋଇପାରେ ବୋଲି ପ୍ରକାଶ ପାଇଥିବା ରିପୋର୍ଟ ନେଇ ଜେଲେନେସ୍କି ଏଭଳି ମନ୍ତବ୍ୟ ଦେଇଛନ୍ତି ।

ଜେଲେନସ୍କି ସ୍ପଷ୍ଟ ଭାବରେ କହିଛନ୍ତି ଯେ, ୟୁକ୍ରେନ ବିନା ଦୁଇ ନେତାଙ୍କ ମଧ୍ୟରେ କିପରି କୌଣସି ଚୁକ୍ତି ହୋଇପାରିବ । ଯଦି ଏହି ନିଷ୍ପତ୍ତି ନିଆଯାଏ, ତେବେ ଏହା ଶାନ୍ତି ବିରୁଦ୍ଧରେ ଏକ ବହୁତ ଖରାପ ନିଷ୍ପତ୍ତି ହେବ । ଯାହା ସଫଳ ହେବା ପୂର୍ବରୁ ବିଫଳ ହେବ । ଦି ସଣ୍ଡେରେ ଜେଲେନସ୍କିଙ୍କ ମନ୍ତବ୍ୟ ପ୍ରକାଶ ପାଇଛି । ଏଥିରେ ପ୍ରକାଶ ପାଇଛି, ୟୁକ୍ରେନ ବିରୁଦ୍ଧରେ ଯେକୌଣସି ନିଷ୍ପତ୍ତି ଶାନ୍ତି ବିରୁଦ୍ଧରେ ଏବଂ ଏହା ଦ୍ୱାରା କିଛି ହାସଲ ହେବ ନାହିଁ । ଆମେ ସମସ୍ତେ ପ୍ରକୃତ ଶାନ୍ତି ଚାହୁଁ, ଯାହାକୁ ସମସ୍ତେ ମଧ୍ୟ ସମ୍ମାନ କରନ୍ତି ।

ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଭିଡିଓ ପୋଷ୍ଟରେ ଜେଲେନସ୍କି କହିଛନ୍ତି, ଟ୍ରମ୍ପ୍ ଏବଂ ପୁଟିନ ଏକାଠି ଭେଟିବାକୁ ପ୍ରସ୍ତୁତ । ଏହା ଆଲାସ୍କାରେ ହେବାକୁ ଯାଉଛି । ଯାହା ଯୁଦ୍ଧଠାରୁ ବହୁତ ଦୂରରେ ଅଛି । ଆମ ଭୂମିରେ ଆମ ଲୋକଙ୍କ ବିରୁଦ୍ଧରେ ଯେଉଁ ଯୁଦ୍ଧ ଚାଲିଛି । ଏହା ୟୁକ୍ରେନ ବିନା ଶେଷ ହୋଇପାରିବ ନାହିଁ । ପୁଟିନ ଆମ ଲୋକଙ୍କୁ ବିଶ୍ୱାସ କରି ନଥିଲେ, ସେଥିପାଇଁ ସେ ୟୁକ୍ରେନ ଦଖଲ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହା ତାଙ୍କର ଭୁଲ୍ । କିନ୍ତୁ ୟୁକ୍ରେନବାସୀ ଶକ୍ତିଶାଳୀ ଏବଂ ନିଜକୁ କିପରି ରକ୍ଷା କରିବେ ତାହା ସେମାନେ ଜାଣନ୍ତି ବୋଲି ଜେଲେନସ୍କି ଚେତାବନୀ ଦେଇଛନ୍ତି ।

ଜେଲେନସ୍କି ଜୋର ଦେଇ କହିଛନ୍ତି, ଯୁଦ୍ଧ ସମୟରେ, ଆମେ ରୁଷିଆ ସହିତ ଥିବା ଲୋକଙ୍କ ପକ୍ଷରୁ ସମର୍ଥନ ପାଇଥିଲୁ । କାରଣ ସେମାନେ ଜାଣିଥିଲେ ଯେ, ପୁଟିନ ଖରାପ କାମ କରୁଛନ୍ତି । ମସ୍କୋକୁ ଏଭଳି ଆକ୍ରମଣ ଏବଂ ନିଷ୍ଠୁରତା ପାଇଁ ପୁରସ୍କୃତ କରାଯାଇପାରିବ ନାହିଁ । ସମସ୍ତଙ୍କୁ ବୁଝିବାକୁ ପଡିବ ଯେ, ଏକ ସମ୍ମାନଜନକ ଶାନ୍ତି କ'ଣ । ରୁଷିଆକୁ ଏହି ଯୁଦ୍ଧକୁ ଶେଷ କରିବାକୁ ପଡିବ । କାରଣ ସେ ଏହାକୁ ଆରମ୍ଭ କରିଥିଲା । ଏହାକୁ ରୁଷିଆ ଟାଣି ଲମ୍ବା କରୁଛି । ଏହା ଦ୍ୱାରା ହିଁ ପ୍ରକୃତ ସମସ୍ୟା ସୃଷ୍ଟି ହେଉଛି ବୋଲି ଜେଲେନେସ୍କି କହିଛନ୍ତି ।

ଜେଲେନସ୍କି ସମ୍ବିଧାନ ପାଳନ କରୁନାହାନ୍ତି ବୋଲି ପୁଟିନଙ୍କ ଅଭିଯୋଗ ଉପରେ ସେ କହିଛନ୍ତି ଯେ, ୟୁକ୍ରେନର ଏକ ସମ୍ବିଧାନ ଅଛି ଏବଂ ସମସ୍ତେ ଏହାକୁ ପାଳନ କରନ୍ତି, କିନ୍ତୁ ୟୁକ୍ରେନୀୟମାନେ ଜାଣନ୍ତି, ସେମାନେ କାହାକୁ ସେମାନଙ୍କର ଜମି ଉପହାରରେ ଦେଇପାରିବେ ନାହିଁ । ଜେଲେନସ୍କି ଟ୍ରମ୍ପଙ୍କ ସହ ଶାନ୍ତି ଆଲୋଚନା କରିବା ଏବଂ ସ୍ଥାୟୀ ଶାନ୍ତି ପାଇଁ କାମ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

ପୁଟିନଙ୍କୁ ଭେଟିବା ପୂର୍ବରୁ ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ, ଯୁଦ୍ଧ ଶେଷ ହେବାର ବହୁତ ନିକଟତର । ଉଭୟ ଦେଶକୁ ଏହି ରକ୍ତପାତ ବନ୍ଦ କରିବାକୁ ପଡିବ । ଏଥିପାଇଁ, କ୍ଷେତ୍ରୀୟ ଆଦାନପ୍ରଦାନ ଏକ ଭଲ ବିକଳ୍ପ । ପୂର୍ବରୁ ସେ ପୁଟିନଙ୍କ ସହିତ କେଉଁଠାରେ ସାକ୍ଷାତ କରିବେ ତାହା ଘୋଷଣା କରିଥିଲେ । ଟ୍ରମ୍ପ୍ କହିଥିଲେ ଯେ, ପୁଟିନ ଏବଂ ମୁଁ ଅଗଷ୍ଟ ୧୫ ରେ ଆଲାସ୍କାରେ ସାକ୍ଷାତ କରିବୁ ।

## ରାକ୍ଷୀରେ କୁନି ଶିଶୁର ଛୋଟିଆ ଅନୁରୋଧ ରକ୍ଷା କଲେ ମୋଦି



ନୂଆଦିଲ୍ଲୀ: ଶନିବାର ସାରା ଦେଶରେ ରକ୍ଷା ବନ୍ଧନ ପର୍ବକୁ ଖୁବ ଉତ୍ସାହର ସହିତ ପାଳନ କରାଯାଇଛି । ଏହି ଅବସରରେ ଦିଲ୍ଲୀର ୭ଲୋକ କଲ୍ୟାଣ ମାର୍ଗରେ ଥିବା ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ରାଖୀ ବାନ୍ଧି ତାଙ୍କ ଦୀର୍ଘ ଜୀବନ କାମନା କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ରାଖୀ ନେଇ ଆସିଥିବା କୁନିଶିଶୁ ଜଣକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଜଣକ ପରେ ଜଣେ ମୋଦିଙ୍କ ହାତରେ ରାଖୀ ବାନ୍ଧି ଯାଉଥିବା ବେଳେ ଯେତେବେଳେ ଉକ୍ତ କୁନି ଶିଶୁର ପାଳି ପଡ଼ିଥିଲା ସେ ମୋଦି ନିକଟକୁ ଆସି କହିଥିଲା, 'ମୋଦି ଜି ମୋର ଏକ ଛୋଟିଆ ଅନୁରୋଧ ରକ୍ଷା କରିବେ । ହାତରେ ଆପଣ ମା ପାଇଁ ହୃଦୟ ଚିହ୍ନ ତିଆରି କରିପାରିବେ ।' କୁନି ଶିଶୁର ଏ ଅନୁରୋଧକୁ ମନା କରି ପାରି ନଥିଲେ ମୋଦିଛ ସେ କୁନି ଶିଶୁର ହାତରେ ହାତ ମିଶାଇ ହୃଦୟ ଚିହ୍ନ କରି ଦେଖାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ ପିଲାଙ୍କ ପ୍ରତି ମୋଦିଙ୍କ ଏହ ସ୍ନେହଭରା ଭାବକୁ ଦେଖି ସମସ୍ତେ ଖୁସି ହୋଇଯାଇଥିଲେ ।

## ୟୁପି : ଏଆଇ ଦ୍ୱାରା ବିଧେୟକ ବୁଝିବେ ବିଧାୟକ

ନୂଆଦିଲ୍ଲୀ: ଉତ୍ତରପ୍ରଦେଶ ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନରେ ଏଥର ଅନେକ ନୂତନ ପଦକ୍ଷେପ ନିଆଯିବ । ଅଧିବେଶନ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ, ଅର୍ଥାତ ଅଗଷ୍ଟ ୧୦ ତାରିଖରେ, ବିଧାୟକମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଉପରେ ସ୍ୱତନ୍ତ୍ର ତାଲିମ ଦିଆଯିବ । ଏହି ତାଲିମ ଆଇଆଇଟି କାନପୁରର ବିଶେଷଜ୍ଞଙ୍କ ଦ୍ୱାରା ଦିଆଯିବ, ଯେଉଁଥିରେ ବିଧାୟକମାନଙ୍କୁ ଏଆଇ ସାହାଯ୍ୟରେ ବିଧାନସଭାରେ ଆଗତ ବିଲ୍ କିପରି ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇବ ଏବଂ ଏହାର ସମ୍ଭାବ୍ୟ ପ୍ରଭାବ ରାଜ୍ୟର ନିଯୁକ୍ତି ଏବଂ ଅର୍ଥନୀତି ଉପରେ କ'ଣ ପଡିବ ତାହା ଶିଖାଯିବ । ବିଧାୟକମାନଙ୍କୁ ଦିଆଯିବାକୁଥିବା ଏହି ତାଲିମ ସମୟରେ, ସେମାନଙ୍କୁ ଏଆଇ ଉପକରଣ ବ୍ୟବହାର କରି ବିଲ୍ କିପରି ପ୍ରସ୍ତୁତ କରିବେ, ଆଇନଗତ ଜଟିଳତାକୁ ଚିହ୍ନଟ କରିବେ, ଜନମତ ନେବେ ଏବଂ ଦେଶ ଏବଂ ବିଶ୍ୱର ଅନ୍ୟାନ୍ୟ ଆଇନ ସହିତ ଏହାକୁ ତୁଳନା କରିବେ ତାହା ଶିଖାଯିବ । ବିଧାନସଭାର ଆପ୍ ମଧ୍ୟ ଏବେ ଏଆଇ ଆଧାରିତ ହେବ, ଯାହା ବିଧାୟକଙ୍କ କାର୍ଯ୍ୟର ଦକ୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ସରକାର 'ବିକଶିତ ଭାରତ-ବିକଶିତ ଉତ୍ତର ପ୍ରଦେଶ ୨୦୪୭ ଭିଜନ ଡକ୍ୟୁମେଣ୍ଟ' ଉପରେ ଅଧିବେଶନ ସମୟରେ ୨୪ ଘଣ୍ଟାର ଏକ ବିଶେଷ ଆଲୋଚନା ଚାହାଁନ୍ତିଛ ବିଧାନସଭା ବାଚସ୍ପତିଙ୍କ ଅନୁଯାୟୀ, ଏହି ପ୍ରସ୍ତାବ ଉପରେ କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଆଲୋଚନା କରାଯିବ ଏବଂ ସର୍ବସମ୍ମତିରେ ପହଞ୍ଚିବା ପରେ, ଗୃହ ନିର୍ଦ୍ଦିଷ୍ଟ ଦିନରେ ୨୪ ଘଣ୍ଟା ନିରନ୍ତର ଚାଲିବ । ୨୪ ଘଣ୍ଟା ଆଲୋଚନା ସମୟରେ, ସମସ୍ତ ବିଭାଗର ମନ୍ତ୍ରୀମାନେ ସେମାନଙ୍କ ବିଭାଗର କାର୍ଯ୍ୟକାରିତା ଏବଂ ସେମାନଙ୍କ ବିଭାଗର ଆଗାମୀ ଲକ୍ଷ୍ୟ ବିଷୟରେ ଗୃହକୁ ସୂଚନା ଦେବେ ।

# ଆରଜି କର୍ ବିକ୍ଷୋଭ ବେଳେ ହଙ୍ଗାମା



କୋଲକାତା : କୋଲାକତା ଆରଜି କର ପୀଡ଼ିତାଙ୍କ ମା'ଙ୍କ ମୁଣ୍ଡରେ ଲାଗିଛି ଆଘାତ । ଆଜି ପଶ୍ଚିମବଙ୍ଗ ସଚିବାଳୟ ନବାନ୍ନ ଅଭିମୁଖେ ଯାଉଥିବା ଶୋଭାଯାତ୍ରା ଉପରେ ପୁଲିସ୍ ଲାଠି ଚାର୍ଜ କରିବାରୁ ସେ ଆହତ ହୋଇଥିବା ଅଭିଯୋଗ କରିଛନ୍ତି । ନବାନ୍ନ ଶୋଭାଯାତ୍ରାକୁ ଆଜି ପୀଡ଼ିତାଙ୍କ ପରିବାର ଲୋକଙ୍କୁ ପକ୍ଷରୁ ଡକାଯାଇଛି ।

ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ବର୍ଷେ ପୂରିଥିବାରୁ ନ୍ୟାୟ ପାଇଁ ଏପରି ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି । ପୁଲିସ୍ର ତାଗିଦ ଓ ସତର୍କ ସୂଚନା ସତ୍ତ୍ୱେ ବିକ୍ଷୋଭକାରୀମାନେ ସଚିବାଳୟ ଆଡ଼କୁ ଯାଇଥିଲେ । ଏହି ସମୟରେ ପୁଲିସ୍ ସେମାନଙ୍କୁ ଅଟକାଇବା ସହ ଲାଠି ଚାର୍ଜ କରିଛି । ଏହାକୁ ନେଇ ବେଶ ହଙ୍ଗାମା ଦେଖିବାକୁ ମିଳିଛି ।

ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି ଯେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଯୋଗୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି । ତାଙ୍କ ଶଙ୍ଖାକୁ ଭାଙ୍ଗି ଯାଇଛି । ସେ କହିଛନ୍ତି, ସେମାନେ କାହିଁକି ଆମକୁ ଅଟକାଉଛନ୍ତି? ଆମେ ସମସ୍ତେ ସଚିବାଳୟରେ ପହଞ୍ଚିବାକୁ ଚାହୁଁଛୁ ଓ ମୋ ଝିଅ ପାଇଁ ନ୍ୟାୟ ମାଗୁଛୁ । କୋର୍ଟଙ୍କ ଅନୁମତି ସତ୍ତ୍ୱେ ସେମାନେ ଶୋଭାଯାତ୍ରାରେ ସାମିଲ ହେବାକୁ ଅଟକାଉଛନ୍ତି ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି । ବିକ୍ଷୋଭକୁ ପୁଲିସ ଅଟକାଉଥିବାରୁ ଏହାକୁ ନେଇ ରାଜନୀତିକ ମଧ୍ୟ ଜୋର ଧରିଛି । ବିଜେପି ନେତା ତଥା ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମଧ୍ୟ ବିକ୍ଷୋଭ ଶୋଭଯାତ୍ରାରେ ନିଜ ସମର୍ଥକଙ୍କ ସହ ମିଶି ସାମିଲ ହୋଇଛନ୍ତି । ସେ ବିକ୍ଷୋଭରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ।

ଗତବର୍ଷ ଆରଜି କର ହସ୍ପିଟାଲରେ ଘଟିଥିବା ଘଟଣା ପୂରା ଦେଶକୁ ଦୋହଲାଇ ଦେଇଥିଲା । ପୂରା ଦେଶର ଡାକ୍ତରମାନେ ଷ୍ଟ୍ରାଇକ କରିଥିଲେଛ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ପୁଲିସ୍ ସଞ୍ଜୟ ରୟକୁ ଗିରଫ କରିଥିବା ବେଳେ ସିବିଆଇ ଏହାର ତଦନ୍ତ କରିଥିଲା । ସିବିଆଇ ଚାର୍ଜଶିଟ ପରେ ଚଳିତ ବର୍ଷ ଜାନୁଆରୀରେ କୋର୍ଟ ସଞ୍ଜୟ ରୟକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି ।

କିନ୍ତୁ ତଦନ୍ତରେ ପୀଡ଼ିତାଙ୍କ ପରିବାର ଲୋକ ଆଦୌ ସନ୍ତୁଷ୍ଟ ନୁହନ୍ତି । ସେମାନେ ନିକଟରେ ଦିଲ୍ଲୀ ଯାଇ ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କୁ ଭେଟିଥିଲେ । ସିବିଆଇ ତଦନ୍ତରେ ସେମାନେ ଖୁସି ନଥିବା ଜଣାଇଥିଲେ । ଦିଲ୍ଲୀ କୋଲକାତା ଫେରିବା ପରେ ସେମାନେ ଆଜି ବିଶାଳ ନବାନ୍ନ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି । ବିକ୍ଷୋଭକୁ ଦେଖି ପୁଲିସ୍ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ପୁଲିସ୍ ବିକ୍ଷୋଭକାରୀଙ୍କୁ ନବାନ୍ନ ଅଭିମୁଖେ ଯିବାକୁ ବାରଣ କରିଥିଲା । ତଥାପି ଏହାକୁ ବିକ୍ଷୋଭକାରୀ ଖାତିର କରି ନାହାନ୍ତି । ବିଭିନ୍ନ ସ୍ଥାନରେ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଛି ।

ସନ୍ତ୍ରାଗାଛିରେ ବିକ୍ଷୋଭକାରୀ ଲୁହାର ବ୍ୟାରିକେଡ ଭାଙ୍ଗି ଆଗକୁ ଯିବାକୁ ଚାହିଁଥିଲେ । ସେମାନଙ୍କୁ ଅଟକାଇବା ପାଇଁ ପୁଲିସ୍କୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା । ପାର୍କ ଷ୍ଟ୍ରିଟ କ୍ରସିଂରେ ମଧ୍ୟ ବିକ୍ଷୋଭକାରୀମାନେ ବିଦ୍ୟାସାଗର ସେତୁ ଆଡ଼କୁ ଯିବା ପାଇଁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇଛି । ବିଜେପି ଦାବି କରିଛି ଯେ ପୁଲିସ୍ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ବିକ୍ଷୋଭକାରୀ ଆହତ ହୋଇଛନ୍ତି । ଏହାକୁ ନେଇ ପାର୍କ ଷ୍ଟ୍ରିଟ ନିକଟରେ ଶୁଭେନ୍ଦୁ ଅଧିକାରୀ ଓ ଅନ୍ୟ ବିଜେପି ନେତେମାନେ ଧାରଣା ଦେଇଛନ୍ତି ।


## ଆଜି ତିନିଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର, ଅଗଷ୍ଟ ୧୦ ତାରିଖରେ କର୍ଣ୍ଣାଟକ ଗସ୍ତ କରିବେ ଏବଂ ବେଙ୍ଗାଲୁରୁରେ ସହରାଞ୍ଚଳ ପରିବହନ ଏବଂ ରେଳ ସଂଯୋଗକୁ ବୃଦ୍ଧି କରିବା ପାଇଁ ଅନେକ ପ୍ରମୁଖ ପ୍ରକଳ୍ପର ଉଦଘାଟନ କରିବେ । ପ୍ରଧାନମନ୍ତ୍ରୀ ସକାଳ ପ୍ରାୟ ୧୧ଟାରେ ବେଙ୍ଗାଲୁରୁର କେଏସଆର ରେଳ ଷ୍ଟେସନରେ ପହଞ୍ଚିବେ ଯେଉଁଠାରେ ସେ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ ଏଗୁଡିକ ହେଉଛି ବେଙ୍ଗାଲୁରୁ-ବେଲାଗାଭି, ଅମୃତସର-ଶ୍ରୀ ମାତା ବୈଷ୍ଣୋ ଦେବୀ କଟରା ଏବଂ ନାଗପୁର (ଅଜନି)-ପୁଣେ ବନ୍ଦେ ଭାରତ ଏକ୍ସପ୍ରେସ । ଏହି ହାଇ-ସ୍ପିଡ୍ ଟ୍ରେନଗୁଡ଼ିକ ଯାତ୍ରା ସମୟ ହ୍ରାସ କରିବ ଏବଂ ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଅଭିଜ୍ଞତା ପ୍ରଦାନ କରିବ ।

ପ୍ରଧାନମନ୍ତ୍ରୀ ମୋଦୀ ଏହାପରେ ଆରଭୀ ରୋଡ୍ (ରାଗିଗୁଡ଼ା)ରୁ ବୋମାସାନ୍ଦ୍ରା ପର୍ଯ୍ୟନ୍ତ ବେଙ୍ଗାଲୁରୁ ମେଟ୍ରୋର ୟେଲୋ ଲାଇନର ଉଦଘାଟନ କରିବେ । ୧୯ କିଲୋମିଟର ଲମ୍ବା, ୧୬ ଷ୍ଟେସନ ପ୍ରକଳ୍ପ ପର୍ଯ୍ୟାୟ-୨ ର ଏକ ଅଂଶ ଏବଂ ଏହାର ମୂଲ୍ୟ ପ୍ରାୟ ୭,୧୬୦ କୋଟି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଆରଭୀ ରୋଡ୍ ରୁ ଇଲେକ୍ଟ୍ରୋନିକ୍ ସିଟି ମେଟ୍ରୋ ଷ୍ଟେସନକୁ ମଧ୍ୟ ଯାତ୍ରା କରିବେଛ ଏହି ନୂତନ ରୁଟ୍ ଖୋଲିବା ଦ୍ୱାରା ବେଙ୍ଗାଲୁରୁର କାର୍ଯ୍ୟକ୍ଷମ ମେଟ୍ରୋ ନେଟୱାର୍କ ୯୬ କିଲୋମିଟରରୁ ଅଧିକ ହେବ, ଯାହା ହଜାର ହଜାର ଦୈନିକ ଯାତ୍ରୀଙ୍କୁ ଲାଭ ଦେବ ।

ଅପରାହ୍ନ ପ୍ରାୟ ୧ଟାରେ, ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁ ମେଟ୍ରୋ ପର୍ଯ୍ୟାୟ-୩ର ଶିଳାନ୍ୟାସ କରିବେ । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ୧୫,୬୧୦ କୋଟି ହେବ ୪୪ କିଲୋମିଟରରୁ ଅଧିକ ଲମ୍ବା ହେବ ଏବଂ ଏଥିରେ ୩୧ଟି ଷ୍ଟେସନ ରହିବ । ଏହି ପ୍ରକଳ୍ପ ସହରର ଆବାସିକ, ଶିଳ୍ପ, ବାଣିଜ୍ୟିକ ଏବଂ ଶିକ୍ଷାଗତ କ୍ଷେତ୍ରର ପରିବହନ ଆବଶ୍ୟକତା ପୂରଣ କରିବ । ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ଏକ ସାଧାରଣ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ, ଯେଉଁଠାରେ ସେ ଏହି ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକର ଲାଭ ଉପରେ ଆଲୋକପାତ କରିବେ ଯାହା ସହରର ଦ୍ରୁତ ବର୍ଦ୍ଧିତ ଜନସଂଖ୍ୟା ଏବଂ ଟ୍ରାଫିକ୍ ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିବ ।

# ଇରାନର ପରମାଣୁ ବୈଜ୍ଞାନିକ ମୋସାଦ୍ ଏଜେଣ୍ଟ !



ତେହେରାନ : ଇସ୍ରାଏଲୀ ଆକ୍ରମଣ ପରଠାରୁ ଇରାନର ସୁରକ୍ଷା ଏଜେନ୍ସିଗୁଡ଼ିକ ନିଜ ଦେଶରେ ଉପସ୍ଥିତ ମୋସାଦ ଏଜେଣ୍ଟମାନଙ୍କୁ ଧରିବା ପାଇଁ ଏକ ଅଭିଯାନ ଚଳାଇଛନ୍ତି । ଜୁନ୍ ମାସରୁ ଏପର୍ଯ୍ୟନ୍ତ ପ୍ରାୟ ୨୦ ଜଣ ଏଜେଣ୍ଟଙ୍କୁ ଗିରଫ କରାଯାଇଛି ଏବଂ କିଛିଙ୍କୁ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇଛି । ସେମାନଙ୍କ ମଧ୍ୟରେ ଜଣେ ପରମାଣୁ ବୈଜ୍ଞାନିକ ଅଛନ୍ତି ।

ଇରାନର ନ୍ୟାୟପାଳିକା କହିଛି ଯେ ଏହା ଗତ କିଛି ମାସ ମଧ୍ୟରେ ୨୦ ଜଣ ସନ୍ଦିଗ୍ଧ ମୋସାଦ ଗୁପ୍ତଚର ଏଜେନ୍ସି ସଦସ୍ୟଙ୍କୁ ଗିରଫ କରିଛି । ଏହା ମଧ୍ୟ ଚେତାବନୀ ଦେଇଛି ଯେ ସେମାନଙ୍କ ପ୍ରତି କୌଣସି ପ୍ରକାରର ଅନୁକମ୍ପା ଦେଖାଯିବ ନାହିଁ ଏବଂ ସେମାନଙ୍କୁ ଏକ ଉଦାହରଣ ଭାବେ ଲୋକଙ୍କ ଆଗରେ ରଖାଯିବ ।

ଇରାନର ନ୍ୟାୟପାଳିକା କହିଛି ଯେ ଏହା ଗତ କିଛି ମାସ ମଧ୍ୟରେ ୨୦ ଜଣ ସନ୍ଦିଗ୍ଧ ମୋସାଦ ଗୁପ୍ତଚର ଏଜେନ୍ସି ସଦସ୍ୟଙ୍କୁ ଗିରଫ କରିଛି । ଏହା ମଧ୍ୟ ଚେତାବନୀ ଦେଇଛି ଯେ ସେମାନଙ୍କ ପ୍ରତି କୌଣସି ପ୍ରକାରର ଅନୁକମ୍ପା ଦେଖାଯିବ ନାହିଁ ଏବଂ ସେମାନଙ୍କୁ ଏକ ଉଦାହରଣ ଭାବେ ଲୋକଙ୍କ ଆଗରେ ରଖାଯିବ ।

ଇରାନର ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଇରାନ ବୁଧବାର ଦିନ ରୁଜବେହ ୱାଦି ନାମକ ଜଣେ ପରମାଣୁ ବୈଜ୍ଞାନିକଙ୍କୁ ଫାଶୀ ଦେଇଛି, ଯିଏ ଇସ୍ରାଏଲ ପାଇଁ ଗୁପ୍ତଚର ଭାବେ କାମ କରୁଥିଲେ । ସେ ମଧ୍ୟ ଜୁନ୍ ମାସରେ ଇରାନ ଉପରେ ଇସ୍ରାଏଲୀ ବିମାନ ଆକ୍ରମଣରେ ମୃତ ଅନ୍ୟ ଜଣେ ପରମାଣୁ ବୈଜ୍ଞାନିକଙ୍କ ବିଷୟରେ ସୂଚନା ପ୍ରଦାନ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ।

## ଆଜି ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତା

# ଆଥ୍‌ଲେଟ୍‌ଙ୍କ ଚମକରେ ଚମକିବ କଳିଙ୍ଗ



ଭୁବନେଶ୍ୱର, ୮।୯ (ସବ୍ୟୁ) : ଆସନ୍ତାକାଲି ଚମକିବ କଳିଙ୍ଗ ଷ୍ଟାଡିୟମ। ୧୭ଟି ଦେଶର ୧୬୦ ଆଥ୍‌ଲେଟ୍ ସେମାନଙ୍କର ଚମତ୍କାରିତା ପ୍ରଦର୍ଶନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଫାଇନାଲ୍ ଟଚ୍‌ରେ ବିଶ୍ୱ ଆଥ୍‌ଲେଟିକ୍ସ ମହାସଂଘର କର୍ମକର୍ତ୍ତାମାନେ ଷ୍ଟାଡିୟମ ବୁଲି ଦେଖିଛନ୍ତି। ପ୍ରବେଶ ମୁକ୍ତ ଥିବା ଏହି ବିଶ୍ୱ ପ୍ରତିଯୋଗିତାରେ ଯୋଗ ଦେବାପାଇଁ କ୍ରୀଡ଼ାପ୍ରେମୀମାନେ ବହୁସଂଖ୍ୟାରେ ଆସିବେ ବୋଲି ଆଶା କରାଯାଉଛି।

ଭାରତ ପ୍ରଥମ ଥର ଲାଗି ଇଣ୍ଡିଆନ୍ ଓପନ୍ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା ଆୟୋଜନ କରୁଛି । ଏହି ପ୍ରତିଯୋଗିତାର ଆୟୋଜନ କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହେବ । ଏଥିଲାଗି ପ୍ରତିଯୋଗୀ ଭୁବନେଶ୍ୱର ପହଞ୍ଚି ସାରିଲେଣି । ଓଡ଼ିଶା ସରକାର ଏହି ପ୍ରତିଯୋଗିତା ଆୟୋଜନ ଅଧିକାର ପାଇଥିବାରୁ ରାଜ୍ୟବାସୀ ମଧ୍ୟ ବହୁଦିନ ପରେ ଏକ ଅନ୍ତର୍ଜାତୀୟ ଆଥଲେଟିକ୍ସ ପ୍ରତିଯୋଗିତା ଦେଖିବାର ସୁଯୋଗ ପାଇଛନ୍ତି । ସରକାର ମଧ୍ୟ ଷ୍ଟାଡିୟମର ପ୍ରବେଶ ଦେୟମୁକ୍ତ ରଖିଛନ୍ତି ।

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆସି ନଥିଲେ ମଧ୍ୟ ଅଲିମ୍ପିକ୍ସ ବିଜେତା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ନିଜର ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି । ଆୟୋଜନ ଲାଗି ଭାରତ ସରକାର, ଓଡ଼ିଶା ସରକାର ଓ ସର୍ବଭାରତୀୟ ଦୌଡ଼କୁଦ ମହାସଂଘକୁ ଧନ୍ୟବାଦ ଦେଇଛନ୍ତି । ସମସ୍ତ ପ୍ରତିଯୋଗୀଙ୍କୁ ସଫଳତା ଲାଗି ଶୁଭକାମନା ଜଣାଇଛନ୍ତି । ଏଥିସହ ବହୁ ସଂଖ୍ୟାରେ ଷ୍ଟାଡିୟମ୍ ଆସି ଏହି ଅନ୍ତର୍ଜାତୀୟ ଇଭେଣ୍ଟର ମଜା ଉଠାଇବା ସହ ଖେଳାଳିଙ୍କୁ ସମର୍ଥନ କରିବାକୁ ଦର୍ଶକମାନଙ୍କୁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଯେ କଳିଙ୍ଗ ଷ୍ଟାଡିୟମ୍ ପୂର୍ବରୁ ୨୦୧୭ ମସିହାରେ ଏସିଆନ୍ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିସାରିଛି ।




ଆସନ୍ତାକାଲିର ଏହି ଦିନିକିଆ ପ୍ରତିଯୋଗିତାରେ ପୁରସ୍କାର ରାଶି ୨୫ହଜାର ଡଲାର ରହିଛି। ଭାରତର ପ୍ରମୁଖ ମହିଳା ଜାଭେଲିନ୍ ଥ୍ରୋଅର ଅନୁରାଣୀ ତାଙ୍କର ରେକର୍ଡ଼ ଭାଙ୍ଗିବେ ବୋଲି ଆଶା ରଖିଛନ୍ତି। ଉତ୍ତରପ୍ରଦେଶର ଏହି ୩୨ ବର୍ଷ ବୟସ୍କା ଜାଭେଲିଅନ ଖେଳାଳି ଅନୁ ୟୁରୋପରେ ତାଙ୍କର ୬୦ ମିଟରରୁ ଅଧିକ ଥ୍ରୋଅର ତାଙ୍କ ଆତ୍ମବିଶ୍ୱାସକୁ ବଢ଼ାଇଛି। ସେ ରବିବାର ୬୦ ମିଟର ଅତିକ୍ରମ କରିବାକୁ ଆଶାବାଦୀ ଅଛନ୍ତି। ଭୁବନେଶ୍ୱରର ପାଣିପାଗ ସହିତ ସେ ଅଭ୍ୟସ୍ତ ବୋଲି କହିଛନ୍ତି। ଅନୁଙ୍କ ପୋଲାଣ୍ଡ ପ୍ରଦର୍ଶନ ତାଙ୍କୁ ରୋଡ଼କୁ ଟୋକିଓ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ୩୦ତମ ସ୍ଥାନରେ ରଖିଛି।

ଓଡ଼ିଶା କ୍ରୀଡ଼ା ସଚିବ ସଚିନ ଯାଦବ କହିଛନ୍ତି ଯେ ମେଗା ଇଭେଣ୍ଟ ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜର ପ୍ରଥମ ସଂସ୍କରଣ ଆୟୋଜନ କରିବାକୁ ଓଡ଼ିଶା ସରକାର ଉତ୍ସାହିତ।

ଭବିଷ୍ୟତରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ ଜାରି ରଖିବୁ ବୋଲି ସେ କହିଛନ୍ତି। ଏଏଫ୍‌ଆଇ ସଭାପତି ବାହାଦୂର ସିଂ ଶାଗୁ କହିଛନ୍ତି ଯେ କଣ୍ଟିନେଣ୍ଟାଲ ଟୁର୍ ଖେଳାଳିମାନଙ୍କ ପାଇଁ ସେମାନଙ୍କ ପ୍ରଦର୍ଶନ କରିବା ଏବଂ ଜାପାନରେ ବିଶ୍ୱସ୍ତରୀୟ ପାଇଁ ଯୋଗ୍ୟତା ମାର୍କ ଅର୍ଜନ କରିବାର ଏହା ହେଉଛି ଏକ ଭଲ ପ୍ଲାଟ୍‌ଫର୍ମ।

## ରାଜସ୍ଥାନ ରୟାଲ୍ସ ଛାଡ଼ିବେ ସାମସନ୍



ନୂଆଦିଲ୍ଲୀ, ୮।୯ (ଏଜେନ୍ସି) : ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମ୍‌ସନ୍ ଏବେ ଅନ୍ୟ କୌଣସି ଫ୍ରାଞ୍ଚାଇଜ୍ ପାଇଁ ଖେଳିବାକୁ ଯୋଜନା କରିଛନ୍ତି । ଏଥିପାଇଁ ସେ ୨୦୨୫ ଆଇପିଏଲ୍ ପରେ ପରେ ରାଜସ୍ଥାନ ରୟାଲ୍ସ ମ୍ୟାନେଜମେଣ୍ଟକୁ ଆବେଦନ କରିଥିବା ଜଣାପଡ଼ିଛି । କେଉଁ କାରଣ ପାଇଁ ସାମସନ୍ ଦଳ ଛାଡ଼ିବାକୁ ଆଗ୍ରହୀ ଅଛନ୍ତି ବୋଲି ସ୍ପଷ୍ଟ ହୋଇନାହିଁ । ଗତ ଜୁନ୍ ମାସରେ ରାଜସ୍ଥାନ ରୟାଲ୍ସର ୨୦୨୫ ସମୀକ୍ଷା ବୈଠକରେ ଏ ପ୍ରସଙ୍ଗ ଆଲୋଚନା ହୋଇଥିଲେ ବି ଫ୍ରାଞ୍ଚାଇଜ୍ ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ଦିଆଯାଇ ନାହିଁ । ଫ୍ରାଞ୍ଚାଇଜ୍ ମାଲିକ ମନୋଜ ବଦାଲେ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରି ଦେଇଛନ୍ତି । ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କୁ ତାଙ୍କ ସହ ଯୋଗାଯୋଗ ଦାୟିତ୍ୱ ଦିଆଯାଇଛି ଏବଂ ତାଙ୍କ ରିପୋର୍ଟ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି । ସଞ୍ଜୁଙ୍କୁ ରାଜସ୍ଥାନ ରୟାଲ୍ସ ମୁକ୍ତ କରିଦେବାକୁ ନିଷ୍ପତ୍ତି ନେଲେ ସେ ଅନ୍ୟ ଫ୍ରାଞ୍ଚାଇଜ୍ ସହ ଟ୍ରେଡ୍ କରିପାରିବେ କିମ୍ବା ନିଲାମକୁ ପ୍ରେରଣ କରିପାରିବେ । ଆଇପିଏଲ୍ ଚୁକ୍ତି ଅନୁସାରେ ଚୂଡ଼ାନ୍ତ ନିଷ୍ପତ୍ତି ଫ୍ରାଞ୍ଚାଇଜ୍ ନେବେ । ଟ୍ରେଡ୍ ବ୍ୟବସ୍ଥାରେ ଦୁଇ ଫ୍ରାଞ୍ଚାଇଜ୍ ଖେଳାଳି ଅଦଳବଦଳ କିମ୍ବା ନଗଦ ଅର୍ଥ ସହ ଯୁକ୍ତି କରିପାରିବେ ।

ସଞ୍ଜୁ ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ଆର୍‌ଆର୍ ପାଇଁ ଖେଳିବା ପରେ ଦିଲ୍ଲୀ ଡେୟାର୍ ଡେଭିଲ୍ସ ସହ ୨ ବର୍ଷ ବିତାଇ ୨୦୧୮ ରେ ଫେରିଥିଲେ । ୨୦୨୧ରେ ତାଙ୍କୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ନିଯୁକ୍ତ କରିଥିବା ବେଳେ ୨୦୨୨ରେ ଦଳ ଫାଇନାଲ୍ ଯୋଗ୍ୟତା ଅର୍ଜନ କରିଥିଲା । ସେହିବର୍ଷ ଅରେଞ୍ଜ ଓ ପର୍ପଲ୍ କ୍ୟାପ୍ ବିଜେତା ଦୁଇ ପ୍ରମୁଖ ଖେଳାଳି ଜୋସ୍ ବଟ୍‌ଲର୍, ଓ୍ୟୁଜଭେନ୍ଦ୍ର ଚହଲଙ୍କୁ ଦଳ ୨୦୨୫ ମେଗା ନିଲାମ ପୂର୍ବରୁ ଛାଡ଼ି ଦେଇଥିଲା । ଆର୍‌ଆର୍ କିନ୍ତୁ ରଖିଥିବା ୬ ଖେଳାଳିଙ୍କ ମଧ୍ୟରେ ସଞ୍ଜୁ ସାମିଲ ଥିଲେ । ତାଙ୍କୁ ୧୮ କୋଟିରେ ରଖିଥିଲା ଆର୍‌ଆର୍ । ଏବେ କିନ୍ତୁ ଆର୍‌ଆର୍ ନିକଟରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ୨/୩ ମାସ ସମୟ ରହିଛି ।

## ଶାହୀନ ଆଫ୍ରିଦିଙ୍କ ବିଶ୍ୱ ରେକର୍ଡ

## ଇଣ୍ଡିଜକୁ ୫ ୱିକେଟ୍‌ରେ ହରାଇଲା ପାକିସ୍ତାନ



ନୂଆଦିଲ୍ଲୀ, ୮।୯ (ଏଜେନ୍ସି) : ପାକିସ୍ତାନ କ୍ରିକେଟ ଟିମର ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦି ଐତିହାସିକ ରେକର୍ଡର ଅଧିକାରୀ ହୋଇଛନ୍ତି । ଶୁକ୍ରବାର ତ୍ରିନାଦରେ ଖେଳ ଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ଶାହୀନ ବିଶ୍ୱ ରେକର୍ଡ କରିଛନ୍ତି । ପ୍ରଥମ ଦିନିକିଆରେ ଟସ ଜିତି ବୋଲିଂ କରିଥିବା ପାକିସ୍ତାନ ୨୮୦ ରନରେ ଓ୍ୱେଷ୍ଟଇଣ୍ଡିଜକୁ ଅଲଆଉଟ କରି ଦେଇଥିଲା । ଇଣ୍ଡିଜ ପକ୍ଷରୁ ଇଭିନ ଲୁଇସ, ରୋଷ୍ଟନ ଚେଜ ଓ ଅଧିନାୟକ ଶାଇ ହୋପ ଅର୍ଦ୍ଧଶତକ ହାସଲ କରିଥିଲେ। ୨୮୧ ରନର ପିଛା କରୁଥିବା ପାକିସ୍ତାନ ୪୮.୫ ଓଭରରେ ୫ ଓ୍ୱିକେଟ ହରାଇ ବିଜୟ ହାସଲ କରିଥିଲା । ପାକିସ୍ତାନର ଏହି ବିଜୟରେ ହାସନ ନଓ୍ୱାଜ ୫୪ ବଲରେ ଅପରାଜିତ ୬୩ ଓ ମହମ୍ମଦ ରିଜଓ୍ୱାନ ୫୩ ରନ କରି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିପରି ନଓ୍ୱାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଛି ।

ହେଲେ ଏହାପୂର୍ବରୁ ବୋଲିଂରେ କମାଲ କରିଥିଲେ ଶାହୀନଛ ସେ ୪ ଓ୍ୱିକେଟ ଦଖଲ କରି ଇଣ୍ଡିଜ ଟିମର ରନ ସଂଗ୍ରହହାରରେ ବ୍ରେକ ଲଗାଇଥିଲେ । ଏହି ୪ ସଫଳତା ବଳରେ ଶାହୀନଙ୍କ ଦିନିକିଆ ଓ୍ୱିକେଟ ସଂଖ୍ୟା ୧୩୧ରେ ପହଞ୍ଚିଛି । ସେ ୬୫ଟି ଦିନିକିଆରେ ଏପରି ସଫଳତା ହାସଲ କରିଛନ୍ତି । ୬୫ ମ୍ୟାଚରେ ୧୩୧ଟି ଓ୍ୱିକେଟ ଦଖଲ କରି ଶାହୀନ ବିଶ୍ୱ ରେକର୍ଡ କରିଛନ୍ତି । ୬୫ଟି ଦିନିକିଆ ପରେ ସର୍ବାଧିକ ଓ୍ୱିକେଟ ନେଇଥିବା ଖେଳାଳିଙ୍କ ତାଲିକାରେ ଶାହୀନ ଏବେ ଏକ ନମ୍ବରରେ ପହଞ୍ଚି ଯାଇଛନ୍ତି । ପୂର୍ବରୁ ଏହି ରେକର୍ଡ ଆଫଗାନିସ୍ତାନ ସ୍ପିନର ରାଶିଦ ଖାନଙ୍କ ନାଁରେ ଥିଲା । ସେ ୬୫ଟି ଦିନିକିଆରେ ୧୨୮ଟି ଓ୍ୱିକେଟ ନେଇଥିଲେ । କିନ୍ତୁ ତାଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି ଶାହୀନ । ପାକିସ୍ତାନ ଓ ଓ୍ୱେଷ୍ଟଇଣ୍ଡିଜ ସିରିଜ କଥା ବିଚାରକୁ ନେଲେ ଦ୍ୱିତୀୟ ଦିନିକିଆ ରବିବାର ଓ ତୃତୀୟ ତଥା ଶେଷ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହେବ । ଦିନିକିଆ ପୂର୍ବରୁ ଦୁଇ ଦେଶ ମଧ୍ୟରେ ୩ଟିକିଆ ଟି-୨୦ ସିରିଜ ଖେଳା ଯାଇଥିଲା । ଏହାକୁ ପାକିସ୍ତାନ ୨-୧ରେ କବଜା କରିଥିଲା । ଏବେ ଦିନିକିଆ ସିରିଜରେ ମଧ୍ୟ ଭ୍ରମଣକାରୀ ପାକିସ୍ତାନ ୧-୦ରେ ଆଗୁଆ ହୋଇଯାଇଛି ।

## ଏସିଆ କପରେ ଭାରତ-ପାକିସ୍ତାନ ଖେଳିବା ନେଇ ଦ୍ୱନ୍ଦ୍ୱ ନାହିଁ

ନୂଆଦିଲ୍ଲୀ, ୮।୯ (ଏଜେନ୍ସି) : ସେପେଟମ୍ବର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାୟୁଏଇର ଦୁବାଇ ଓ ଆବୁଧାବୀରେ ଖେଳାଯିବ । ଏହାର ମୁଖ୍ୟ ଆକର୍ଷଣ ହେଉଛନ୍ତି ଦୁଇ ଚିର ପ୍ରତିଦ୍ୱନ୍ଦ୍ୱୀ ଦଳ ଭାରତ ଓ ପାକିସ୍ତାନ । ପହଲଗାମ ଆତଙ୍କବାଦ ଆକ୍ରମଣ ପରେ ଭାରତ ଏହାର ଜବାବ ପାକିସ୍ତାନକୁ ଦେଇଥିଲା । ଅପରେସନ୍ ସିନ୍ଦୂର ନାମରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା । ଏହାପରଠୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଭଲ ନାହିଁ । ନିକଟରେ ଶେଷ ହୋଇଥିବା ବିଶ୍ୱ ଲିଜେଣ୍ଡ୍ସ ଲିଗ୍ ପ୍ରତିଯୋଗିତାରେ ଉଭୟ ଦଳ ଅଂଶଗ୍ରହଣ କରିଥିଲେ । ହେଲେ ଭାରତୀୟ ଖେଳାଳି ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିଦେବାରୁ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ବାତିଲ ହୋଇଥିଲା । ଏହାପରେ ଉଭୟ ଦଳ ସେମିଫାଇନାଲରେ ମୁହାଁମୁହିଁ ହେବାର ସୂଚୀ ଚୂଡ଼ାନ୍ତ ହେଲା । ଭାରତୀୟ ଲିଜେଣ୍ଡ୍ସ "ଦେଶ ଆଗ' କହି ଏହି ମ୍ୟାଚ୍ ମଧ୍ୟ ଖେଳିଲେନି । ଫଳରେ ପାକିସ୍ତାନ ସହଜରେ ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା । ଭାରତରେ ଆୟୋଜିତ ଏସିଆ କପ୍ ହକିରେ ପାକିସ୍ତାନ ସୁରକ୍ଷା କାରଣ ଦର୍ଶାଇ ଓହରି ଯାଇଛି ।

ଏସବୁ ଭିତରେ ସେପେଟମ୍ବରରେ ହେବାକୁ ଥିବା ଏସିଆ କପ୍ କ୍ରିକେଟ୍ କପରେ ଉଭୟ ଦଳ ଖେଳିବା ନେଇ ସନ୍ଦେହ ଉପୁଜିଛି । ଏମିରେଟ୍ସ କ୍ରିକେଟ୍ ବୋର୍ଡ ସିଓଓ ସୁଭାନ ଅହମଦ କହିଛନ୍ତି, ଏସିଆ କପରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବା ନେଇ ମୁଁ ଗ୍ୟାରେଣ୍ଟି ଦେଇପାରୁନି । ବିଶ୍ୱ ଲିଜେଣ୍ଡ୍ସ ଲିଗ୍ ପରି ଏସିଆ କପ୍ ଘରୋଇ ପ୍ରତିଯୋଗିତା ନୁହେଁ, ତେଣୁ ଉଭୟ ଦେଶ ଖେଳିବା ନେଇ କେଣସି ଦ୍ୱନ୍ଦ୍ୱ ନାହିଁ । ଦୁବାଇରେ ଭାରତ ସେପେଟମ୍ବର ୧୦ ଓ ୧୪ ତାରିଖରେ ଯଥାକ୍ରମେୟୁଏଇ ଓ ପାକିସ୍ତାନକୁ ଭେଟିବା ସୂଚୀ ରହିଛି । ପାକିସ୍ତାନ ଖେଳିବା ସ୍ଥିର ହେଲେ ଏହି ପ୍ରତିଯୋଗିତାରେ ଉଭୟ ଦେଶ ୩ ଥର ମୁକାବିଲା କରିବା ସମ୍ଭାବନା ବି ରହିଛି ।

## ସୂର୍ଯ୍ୟବଂଶୀଙ୍କ ମାଡ଼ରେ କ୍ୟାମେରା କ୍ରୁ ଭୟଭୀତ

ନୂଆଦିଲ୍ଲୀ, ୮।୯ (ଏଜେନ୍ସି) : "ବଲ୍ ଦେଖ, ବଲ୍ ମାର' ହେଉଛି ୧୪ ବର୍ଷୀୟ ଭାରତୀୟ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀଙ୍କ ମନ୍ତ୍ର । ହାର୍ଡ ହିଟର୍ ଭାବେ ପରିଚିତ ବିହାର ସମସ୍ତିପୁରର ଏହି ବାଳକ ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ ପରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ସହ ଆଇପିଏଲର ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବାର ସୌଭାଗ୍ୟ ପାଇଛନ୍ତି । ଏଥିରେ ମଧ୍ୟ ସେ ନିଜର ବ୍ୟାଟିଂ ପାରଦର୍ଶିତା ଦେଖାଇ ସାରିଛନ୍ତି । ନିକଟରେ ସେ ତାଙ୍କ ବିସ୍ଫୋରକ ବ୍ୟାଟିଂ ଷ୍ଟାଇଲ୍ ପାଇଁ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ସୂର୍ଯ୍ୟବଂଶୀଙ୍କୁ ନେଇ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଏକ ପ୍ରମୋସନାଲ୍ ଭିଡିଓ ସୁଟିଂ ଆରମ୍ଭ ହୋଇଛି । ଏହି ଭିଡିଓ ସୁଟିଂ ବେଳେ ସୂର୍ଯ୍ୟବଂଶୀ ନିଜେ ବ୍ୟାଟିଂ କରୁଥିଲେ । ବୋଲିଂ ଏଣ୍ଡରେ ୫ ଜଣ କ୍ୟାମେରାମ୍ୟାନ୍ କ୍ରୁ ଉ କ୍ୟାମେରା ଧରି ସୁଟିଂ କରୁଥିଲେ । ଏହି ସମୟରେ ବୋଲର ବଲ୍ ପକାଉ ପକାଉ ସୂର୍ଯ୍ୟବଂଶୀ ଏକ ପ୍ରଚଣ୍ଡ ଷ୍ଟ୍ରେଟ୍‌ଡ୍ରାଇଭ୍ ମାରିଥିଲେ । ଏହା ମିଜାଇଲ୍ ଗଲା ପରି ବୋଲରକୁ ପଛରେ ପକାଇ କ୍ୟାମେରା କ୍ରୁଉ ଆଡ଼େ ମାଡ଼ିଯାଇଥିଲା । ଏହା ଦେଖି କ୍ରୁଉମାନେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ସୌଭାଗ୍ୟବଶତଃ କେହି ଆହତ ହୋଇ ନଥିଲେ । ଏହାପରେ ସୂର୍ଯ୍ୟବଂଶୀ କ୍ରୁଉମାନଙ୍କ ପାଖକୁ ଆସି କ୍ଷମା ମାଗିଥିଲେ ।



# କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଫାଉଣ୍ଡେସନକୁ ଫିକି ଆୱାର୍ଡ

ଭୁବନେଶ୍ୱର, ୮।୯ (ସବ୍ୟୁ) : କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଫିକି (ଭାରତୀୟ ଶିଳ୍ପ ଓ ବାଣିଜ୍ୟ ମହାସଂଘ) ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ-୨୦୨୫ ପ୍ରଦାନ କରାଯାଇଛି । ଫିକି ଆଦିତ୍ୟ ବିର୍ଲା ସିଏସଆର ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧ୍ୟକ୍ଷା ପଦ୍ମ ଭୂଷଣ ରାଜଶ୍ରୀ ବିର୍ଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିଥିଲେ । ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ବିଶେଷ କରି ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଜିନ୍ଦଲ ଫାଉଣ୍ଡେସନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି । ଜିନ୍ଦଲ ଫାଉଣ୍ଡେସନ ଯୁବ ପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାରେ ସହାୟତା କରିଆସୁଛି ।

ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ । ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ସମାଜର ପ୍ରତ୍ୟେକ ବର୍ଗର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ଏବଂ କ୍ରୀଡ଼ା ତଥା ଜୀବନରେ ଉତ୍କର୍ଷ ହାସଲ ପାଇଁ ସେମାନଙ୍କୁ ସୁଯୋଗ ଦେବା ଆମର ଲକ୍ଷ୍ୟ । ଏହି ସ୍ୱୀକୃତି ସାମଗ୍ରିକ ଭାବେ କ୍ରୀଡ଼ା ସଂସ୍କୃତିର ପ୍ରସାର ପାଇଁ ଆମର ଭବିଷ୍ୟତ ଉଦ୍ୟମକୁ ଆହୁରି ମଜଭୁତ କରିବ । ପ୍ରଶାନ୍ତ ହୋତା, ପ୍ରେସିଡେଣ୍ଟ ଜିନ୍ଦଲ ଷ୍ଟିଲ, ଗ୍ରୁପ ମୁଖ୍ୟ - ସିଏସଆର ଏବଂ ଏଜୁକେସନ୍, ଜିନ୍ଦଲ ଷ୍ଟିଲ୍ କହିଛନ୍ତି, ଏହି ପୁରସ୍କାର ଆମ ତୃଣମୂଳ ସହଯୋଗୀ, ପ୍ରଶିକ୍ଷକ ଏବଂ ହଜାର ହଜାର ଯୁବ କ୍ରୀଡ଼ାବିତଙ୍କ ପାଇଁ ସମର୍ପିତ । ଯେଉଁମାନଙ୍କ ଦୃଢ଼ ସଙ୍କଳ୍ପର କାହାଣୀ ଆମକୁ ଆମ ଲକ୍ଷ୍ୟ ହାସଲ କରିବାରେ ସବୁଦିନ ପ୍ରେରଣା ଦିଏ । କ୍ରୀଡ଼ା ଆମର ମଡେଲ କ୍ରୀଡାକୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତିକରଣ ସହିତ ସମନ୍ୱିତ କରେ - ଏହା ନିଶ୍ଚିତ କରେ ଯେ ଆମର କାର୍ଯ୍ୟକ୍ରମଗୁଡିକୁ ପ୍ରଭାବଶାଳୀ କରିଥାଏ । ଆମର ଚେୟାରମ୍ୟାନ ତଥା ସାଂସଦ (କୁରୁକ୍ଷେତ୍ର) ନବୀନ ଜିନ୍ଦଲ, ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏବଂ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ ଜୀଙ୍କ ମାର୍ଗଦର୍ଶନରେ ଆମେ ତୃଣମୂଳ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବା ପାଇଁ ଅତିରିକ୍ତ ପ୍ରୟାସ କରୁଛୁ । କ୍ରୀଡ଼ା ମାଧ୍ୟମରେ ଦେଶ ନିର୍ମାଣ ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାକୁ ସ୍ୱୀକୃତି ଦେଇଥିବାରୁ ଆମେ ଫିକି ଏବଂ ରାଜଶ୍ରୀ ବିର୍ଲାଙ୍କ ପ୍ରତି କୃତଜ୍ଞ ।






ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ଅନ୍ୟ ଅଞ୍ଚଳରେ ଜିନ୍ଦଲ ଫାଉଣ୍ଡେସନର କ୍ରୀଡ଼ା ପ୍ରୋତ୍ସାହନ କାର୍ଯ୍ୟ ଜାରି ରହିଛି । କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଶତାଧିକ କ୍ରୀଡ଼ା ପ୍ରତିଭା ତାଲିମ, କ୍ରୀଡ଼ା ଉପକରଣ, ବୃତ୍ତି ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶ ପାଇପାରୁଛନ୍ତି । ଫାଉଣ୍ଡେସନ ପକ୍ଷରୁ ତୀରନ୍ଦାଜୀ, ଆଥଲେଟିକ୍ସ, ଫୁଟବଲ, ହକି ଓ ଅନ୍ୟ ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ତାଲିମ ପ୍ରଦାନ କରାଯାଉଛି । ବିଶେଷ କରି ବାଳିକା ଓ ଭିନ୍ନକ୍ଷମ କ୍ରୀଡ଼ାବିତଙ୍କୁ ଅଧିକ ପ୍ରୋତ୍ସାହିତ କରାଯାଉଛି । ବର୍ଷ ବର୍ଷ ଧରି, ଜିନ୍ଦଲ ଫାଉଣ୍ଡେସନ ଏହାର ଅନ୍ତର୍ଭୁକ୍ତିମୂଳକ କ୍ରୀଡା ପଦକ୍ଷେପଗୁଡ଼ିକ ଦ୍ୱାରା ୩୦ହଜାରରୁ ଅଧିକ କ୍ରୀଡା ପ୍ରତିଭାଙ୍କୁ ସହାୟତା କରିଛି । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଗ୍ରାମାଞ୍ଚଳ, ଛୋଟ ସହର ଏବଂ ଜିଲ୍ଲା ମୁଖ୍ୟାଳୟରେ ଖେଳ ପଡ଼ିଆ, ଇନଡୋର ଏବଂ ଆଉଟଡୋର କୋଚିଂ ସେଣ୍ଟର, ଗ୍ୟାଲେରୀ ଏବଂ ସୁଇମିଂ ପୁଲ ଆଦିର ନିର୍ମାଣ ସହିତ ପ୍ରମୁଖ ଷ୍ଟାଡିୟମରେ ବିଶ୍ୱସ୍ତରୀୟ ସୁବିଧା ଯୋଗାଇବା ପରି ଅନେକ କ୍ରୀଡା ଭିତ୍ତିଭୂମି ବିକାଶ କରିବାରେ ସହାୟତା କରାଯାଇଛି ।

ସୂଚନା

ସମୟ

BHIM
BHARAT INTERFACE FOR MONEY
SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି